# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୪/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 4/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 42 | ମୂଲ୍ୟ ₹୭/-





**ବିସିସିଆଇ ନିର୍ଦ୍ଦେଶରେ ମୁସ୍ତାଫିଜୁରଙ୍କୁ ବିଦା କଲା କେକେଆର୍**

ବିସିସିଆଇ ନିର୍ଦ୍ଦେଶକ୍ରମେ କେକେଆର୍ ଆଇପିଏଲ୍‌ର ୨୦୨୬ ସଂସ୍କରଣ ପୂର୍ବରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ବିଦା କରିଛି। **୧୪**

**୦୨** **କିମିଆ କରୁଛି ଲୁକ୍**

ତାରା ସୁତାରିଆଙ୍କ ଅଭିନୀତ ଫିଲ୍ମ 'ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ'ର ଫାଷ୍ଟ ଲୁକ୍‌ରେ ତାଙ୍କ ଫଟୋକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରୁଛନ୍ତି।




# ଭେନେଜୁଏଲାରେ ଆମେରିକାର ଏୟାର ଷ୍ଟ୍ରାଇକ୍

- **ରାଷ୍ଟ୍ରପତି ମାଦୁରୋ, ଫାଷ୍ଟ ଲେଡିଙ୍କୁ କାବୁ କରିଛୁ: ଟ୍ରମ୍ପ୍**
- **ଆମେରିକାର ଆକ୍ରମଣକୁ ଅନେକ ଦେଶର ନିନ୍ଦା**

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଆମେରିକା ଶନିବାର ବଡ଼ଧରଣର ଆକ୍ରମଣ କରିବା ପରେ ନାଟକୀୟ ଭାବେ ଭୂରାଜନୈତିକ ପରିବର୍ତ୍ତନ ଆସିଛି। ଭେନେଜୁଏଲା ରାଜଧାନୀ କାରାକାସ୍ ସମେତ ଅନ୍ୟ ସହରର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିର୍ଦ୍ଦିଷ୍ଟ ଭାବେ ଆମେରିକୀୟ ଏଲିଟ୍ ଫୋର୍ସ ଏୟାର ଷ୍ଟ୍ରାଇକ୍ କରିଛି। ୨୦୧୩ରୁ କ୍ଷମତାରେ ଥିବା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକୀୟ ସୈନ୍ୟ କାବୁ କରି ବିମାନରେ ଦେଶ ବାହାରକୁ ନେଇଯାଇଛନ୍ତି। ଦୀର୍ଘ ସମୟ ଧରି ମାଦୁରୋଙ୍କ ବିରୋଧରେ ଦୁର୍ନୀତି, ଡ୍ରଗ୍ସ ଚାଲାଣ ଓ ବେଆଇନ ଭାବେ ସରକାର ଚଳାଇବା ଭଳି ସଙ୍ଗିନ ଅଭିଯୋଗ କରିଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚ 'ଟ୍ରୁଥ୍ ସୋସିଆଲ'ରେ ଉପରୋକ୍ତ ବିଷୟ ଘୋଷଣା କରିଛନ୍ତି। ଭେନେଜୁଏଲା ସରକାର ଏହାକୁ ସାମରିକ ଅତିକ୍ରମଣ ଓ ଜାତୀୟ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ନିନ୍ଦା କରିବା ସହ ରାଷ୍ଟ୍ରପତି ଓ ଫାଷ୍ଟ ଲେଡି ଜୀବିତ ଥିବା ସମ୍ପର୍କରେ ଆମେରିକାକୁ ପ୍ରମାଣ ମାଗିଛନ୍ତି। କାରାକାସ୍ ଦେଶବ୍ୟାପୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ରୁଷିଆ, ଚାଇନା, ଇରାନ୍, କ୍ୟୁବା, କଲମ୍ବିଆ ସମେତ ବିଭିନ୍ନ ଦେଶ ଆମେରିକାର ଆକ୍ରମଣକୁ ନିନ୍ଦା କରିଛନ୍ତି। ଭେନେଜୁଏଲାର ତୈଳ ସମ୍ପଦକୁ ଲୋଭକରି ଆମେରିକା ଏହି ଏୟାରଷ୍ଟ୍ରାଇକ୍ କରିଥିବା ଅନେକ କହୁଛନ୍ତି।



ଆମେରିକାର ଏୟାରଷ୍ଟ୍ରାଇକ୍ ପରେ କାରାକାସ୍‌ର କୋଠାଗୁଡ଼ିକ ଜଳିଯାଉଛି।



ନିକୋଲାସ୍ ମାଦୁରୋ



ସିଲିଆ ଫ୍ଲୋରେସ୍

**କାରାକାସ୍/ୱାଶିଂଟନ୍,୩।୧ (ରଏଟର୍ସ/ଏ.ପି.)**

ଆମେରିକା ଭେନେଜୁଏଲା ଉପରେ ଜୋର୍‌ଦାର ଆକ୍ରମଣ କରିବା ସହ ଏହାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରି ଦେଶ ବାହାରକୁ ନେଇଯାଇଛି। ଶନିବାର ଭୋର ସମୟରେ ଏହି ଏୟାର ଷ୍ଟ୍ରାଇକ୍ ହୋଇଛି। କିଛି ମାସ ହେଲା ୱାଶିଂଟନ ମାଦୁରୋଙ୍କ ଉପରେ ଚାପ ପକାଇ ଆସୁଥିଲା। ଏକ ଅସାଧାରଣ ରାତ୍ରିକାଳୀନ ସାମରିକ ଅଭିଯାନ କରାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ଜରିଆରେ ଘୋଷଣା କରିଛନ୍ତି। ଭେନେଜୁଏଲା ରାଜଧାନୀ କାରାକାସ୍ ଉପରେ କମ୍ ଉଚ୍ଚରେ ଯୁଦ୍ଧବିମାନ ପଇଁତରା ମାରିବା ସହ ବହୁସଂଖ୍ୟାରେ ବୋମାମାଡ଼ କରିଥିଲା। ଆମେରିକା ଭେନେଜୁଏଲାର ସାଧାରଣ ନାଗରିକ ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଆକ୍ରମଣ କରିଥିବା ମାଦୁରୋ ସରକାର ଅଭିଯୋଗ କରିଛନ୍ତି। ଏହା ଏକ ଆପରାଧିକ ତଥା ସାମ୍ରାଜ୍ୟବାଦୀ ଆକ୍ରମଣ ବୋଲି ଭେନେଜୁଏଲା ☞ପୃଷ୍ଠା-୪

## ଛତିଶଗଡ଼ରେ ଏନ୍‌କାଉଣ୍ଟର: ୧୪ ମାଓବାଦୀ ନିହତ

**ସୁକ୍‌ମା/ବିଜାପୁର/ମାଲକାନଗିରି, ୩।୧ (ପି.ଟି./ଦୁର୍ଯ୍ୟୋଧନ ପାତ୍ର)**

ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଏ ଦିଗରେ ଶନିବାର ଭୋର ସମୟରେ ଛତିଶଗଡ଼ ବସ୍ତର ଅଞ୍ଚଳରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ୨ଟି ପୃଥକ୍ ଏନ୍‌କାଉଣ୍ଟରରେ ଅନ୍ୟୂନ ୧୪ ମାଓବାଦୀ ନିହତ ହୋଇଛନ୍ତି। ସୁକ୍‌ମାରେ ୧୨ ଓ ପଡ଼ୋଶୀ ବିଜାପୁର ଜିଲାରେ ଆଉ ୨ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ କ୍ୟାଡରଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଛତିଶଗଡ଼ ପୋଲିସର ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ଉଭୟ ସ୍ଥାନରେ ତଲାସି ଅଭିଯାନ ଚଳାଇଥିଲେ। ସକାଳ ପ୍ରାୟ ୮ଟାରେ ସୁକ୍‌ମାରେ ଗୁଳି ବିନିମୟ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା**


## ଆଦିତ୍ୟ ଆଲୁମିନା ରିଫାଇନେରିର ୦.୦୧% ଶେୟାର ଦାବିକଲେ ପ୍ରଭାବିତ ଲୋକେ

**ରାୟଗଡ଼ା, ୩।୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ା ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିବା ଆଦିତ୍ୟ ଆଲୁମିନା ରିଫାଇନେରି କମ୍ପାନୀର ୦.୦୧% ଶେୟାର ଦାବି କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ରାୟଗଡ଼ା ଉପଜିଲାପାଳଙ୍କ ସଭାଗୃହରେ ଶନିବାର ଆଦିତ୍ୟ ଆଲୁମିନା ରିଫାଇନେରି କର୍ତ୍ତୃପକ୍ଷ ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହା ସମେତ ଆଉ କେତେକ ଦାବି କରାଯାଇଛି।

ଉପଜିଲାପାଳ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାଶୀପୁର ବ୍ଲକ୍ ଅଞ୍ଚଳର

**ନୂତନ ନିୟମାବଳୀ ଅନୁସାରେ ଜମିର ବଜାର ଦରଠାରୁ ୪ ଗୁଣା ମୂଲ୍ୟ ଦେବାକୁ ଦାବି**

ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଠୁଗୁଡ଼ା, କାଡ଼ାପଦରର ଗ୍ରାମବାସୀଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ବୈଠକରେ ପ୍ରଭାବିତ ଅଞ୍ଚଳବାସୀ ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ପିଢ଼ି ସମେତ ଭବିଷ୍ୟତ ପିଢ଼ିର ଆର୍ଥିକ ସୁରକ୍ଷା ପାଇଁ କମ୍ପାନୀରେ ୦.୦୧%ର ଶେୟାର ସେମାନଙ୍କୁ ଦେବାକୁ ଦାବି କରାଯାଇଛି। ତୁରନ୍ତ ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ କରିବା, ପୁହୁଣ୍ଡି ☞ପୃଷ୍ଠା-୪










# ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୧୦

## ଦଙ୍ଗାକାରୀଙ୍କୁ ସେମାନଙ୍କ ଜାଗାରେ ରହିବାକୁ ହେବ: ଖାମେନେଇ

**ଦୁବାଇ,୩ା୧**

ଇରାନରେ ଦରଦାମ୍‌ର ଆକାଶଛୁଆଁ ବୃଦ୍ଧି ଓ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ଦେଶର ସୁପ୍ରିମ ଲିଡର ଆୟାତୋଲା ଖାମେନେଇଙ୍କ ବରଖାସ୍ତ ଦାବିରେ ସପ୍ତାହେ ହେଲା ବିକ୍ଷୋଭ ଜାରି ରହିଛି। ଦେଶର ବିଭିନ୍ନ ସହରକୁ ଆନ୍ଦୋଳନ ବ୍ୟାପିଥିବାବେଳେ ହିଂସାଜନିତ ମୃତ୍ୟୁସଂଖ୍ୟା ଶନିବାର ୧୦ରେ ପହଞ୍ଚିଛି। ଦଙ୍ଗାକାରୀଙ୍କୁ ସେମାନଙ୍କ ଜାଗାରେ ରହିବାକୁ ହେବ ବୋଲି ୮୬ ବର୍ଷୀୟ ଖାମେନେଇ କହିଛନ୍ତି। ତେଣୁ ସେ ବିକ୍ଷୋଭ ଦମନ ପାଇଁ ଆକ୍ରମଣାତ୍ମକ ପଦକ୍ଷେପ ନେବା ନିମନ୍ତେ ସୁରକ୍ଷା ବଳକୁ ସବୁଜ ସଙ୍କେତ ଦେଇପାରନ୍ତି ବୋଲି କୁହାଯାଉଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଇରାନ ଯଦି ହତ୍ୟାକରେ ତେବେ ଆମେରିକା ସେମାନଙ୍କ ସୁରକ୍ଷାରେ ବାହାରିବ ବୋଲି ଶୁକ୍ରବାର ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ସେଠାରେ ବିକ୍ଷୋଭ ଥମିବା ନାଁ ନେଉନାହିଁ।

# ତୈମୂର କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକ୍ ବାୟୁସେନା

**ଇସ୍‌ଲାମାବାଦ,୩ା୧(ପି.ଟି.)**

ପାକିସ୍ତାନ ବାୟୁସେନା ଶନିବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତୈମୂର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୬୦୦ କିଲୋମିଟର ରହିଛି। ଏହି ପରୀକ୍ଷା ପାକିସ୍ତାନର ଜାତୀୟ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବାରେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତୈମୂର ଏୟାରଲଞ୍ଚଡ୍ କ୍ରୁଜ୍ ମିଶାଇଲ ଶତ୍ରୁ ଦେଶ ଓ ସମୁଦ୍ରରେ ଥିବା ଟାର୍ଗେଟକୁ ମୁକାବିଲା କରିବାରେ ସମର୍ଥ। ପାରମ୍ପରିକ ଅସ୍ତ୍ର ନେଇ ଏହା ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଠିକ୍ ଟାର୍ଗେଟକୁ ଆକ୍ରମଣ କରିପାରିବ। ଆଧୁନିକ ନାଭିଗେଶନ ଏବଂ ଗାଇଡାନ୍ସ ସିଷ୍ଟମ ସହାୟତାରେ ତୈମୂରକୁ ଏଭଳି ଡିଜାଇନ୍ କରାଯାଇଛି, ଯାହା ବହୁତ କମ୍ ଉଚ୍ଚତାରେ ଉଡ଼ି ଶତ୍ରୁ ପକ୍ଷର ଏୟାର ଏବଂ ମିଶାଇଲ ଡିଫେନ୍ସ ସିଷ୍ଟମକୁ ସଫଳତାର ସହ ଅତିକ୍ରମ କରିପାରିବ।

# ୧୨୭ ବର୍ଷ ପରେ ଫେରିଲା ପିପରହୱା ବୁଦ୍ଧ ରତ୍ନ

**ନୂଆଦିଲ୍ଲୀ, ୩ା୧**

ଭଗବାନ ବୁଦ୍ଧଙ୍କ ପ୍ରବର୍ତ୍ତିତ ଜ୍ଞାନ ଓ ମାର୍ଗ ସମସ୍ତ ମାନବଜାତିର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ବୁଦ୍ଧଙ୍କ ପବିତ୍ର ଅବଶେଷ କେବଳ କଳାକୃତି ନୁହେଁ, ବରଂ ଭାରତର ପବିତ୍ର ଐତିହ୍ୟର ଅଂଶବିଶେଷ। ୧୮୯୮ରେ ଆବିଷ୍କୃତ ପିପରହୱା ରତ୍ନ ୧୨୭ ବର୍ଷ ପରେ ଭାରତ ଫେରିଥିବାବେଳେ ନୂଆଦିଲ୍ଲୀରେ ଏହାର ପ୍ରଦର୍ଶନ ପାଇଁ ଅନ୍ତର୍ଜାତୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ବୌଦ୍ଧ ବିଦ୍ୱାନ, କୂଟନୀତିଜ୍ଞ ଓ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ରତ୍ନକୁ ଫେରାଇ ଆଣିବାରେ ଅବଦାନ ପାଇଁ ଗୋଦରେଜ୍ ଗ୍ରୁପ୍‌କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ଦିଲ୍ଲୀରେ ଆଜି



ସୁପ୍ରିମକୋର୍ଟଙ୍କ ଶୁଣାଣି ପୂର୍ବରୁ ରାସ୍ତାରୁ ବୁଲାକୁକୁର ହଟାଇବାର ପ୍ରତିବାଦରେ କୁକୁରପ୍ରେମୀମାନେ ଶନିବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ କରୁଛନ୍ତି। (ଫଟୋ: ଚମନ ଗୌତମ)

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ଢାକା/ନୂଆଦିଲ୍ଲୀ,୩ା୧(ପି.ଟି.)**

## ୩ ଦିନ ପୂର୍ବରୁ ନିଆଁ ଲଗାଇ ଦେଇଥିଲେ

ବାଂଲାଦେଶରେ ଗତ କିଛି ସପ୍ତାହ ହେଲା ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହିଂସାକାଣ୍ଡ ଜାରି ରହିଛି। ୩ ଦିନ ପୂର୍ବରୁ ସେଠାରେ ହିନ୍ଦୁ ବ୍ୟବସାୟୀ ଖୋକନ୍ ଚନ୍ଦ୍ର ଦାସଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିବା ସହ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ସେ ନିକଟରେ ଥିବା ଏକ ପୋଖରୀକୁ ଡେଇଁ ପଡ଼ିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣେ ସଂଖ୍ୟାଲଘୁ ନେତା କହିଛନ୍ତି। ବାଂଲାଦେଶରେ ଡିସେମ୍ବରରୁ ଇତିମଧ୍ୟରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ସେଠାର କଠୋରପନ୍ଥୀ ସଂଗଠନଗୁଡ଼ିକ ସଂଖ୍ୟାଲଘୁମାନଙ୍କୁ ଆତଙ୍କ ମଧ୍ୟରେ ରଖିବାକୁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି ବୋଲି ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ୍ ଏକତା ପରିଷଦ ମୁଖପାତ୍ର କାଜୋଲ ଦେବନାଥ କହିଛନ୍ତି।

ଢାକାଠାରୁ ଦକ୍ଷିଣରେ ୧୦୦ କି.ମି.ଦୂରରେ ଅବସ୍ଥିତ ଶାରିଆତପୁର ଜିଲାର କେଉରଭଙ୍ଗା ବଜାର ନିକଟରେ ବୁଧବାର ରାତିରେ ଖୋକନ ତାଙ୍କ ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ ୩ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଆଖିବୁଜିଛନ୍ତି। ଆକ୍ରମଣକାରୀ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୧୮ରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ। ଡିସେମ୍ବର ୨୩ରେ ଚାଟ୍ଟୋଗ୍ରାମ ନିକଟ ରାଓଜାନଠାରେ ୨ କାତାର ପ୍ରବାସୀ ଶ୍ରମିକଙ୍କ ଘର ଜାଳିଦିଆଯାଇଥିଲା। ୨୪ରେ ଅମ୍ରିତ ମଣ୍ଡଲ ନାମକ ଜଣେ ହିନ୍ଦୁଙ୍କୁ ପିଟି ମାରିଦିଆଯାଇଥିଲା। ୨୦୨୨ ଜନଗଣନା ଅନୁଯାୟୀ, ବାଂଲାଦେଶରେ ୧୩.୧୩ ନିୟୁତ ହିନ୍ଦୁ ଅଛନ୍ତି, ଯାହାକି ଦେଶର ମୋଟ ଲୋକସଂଖ୍ୟାର ୭.୯୫ ପ୍ରତିଶତ।


ଖୋକନ୍ ଚନ୍ଦ୍ର ଦାସ

# ଇଭି ବ୍ୟାଟେରି ପାଇଁ ଆଧାର ଭଳି ପରିଚୟ ପ୍ରସ୍ତାବ

**ନୂଆଦିଲ୍ଲୀ,୩ା୧**

ବିଦ୍ୟୁତ୍‌ଚାଳିତ ଯାନଗୁଡ଼ିକର ବ୍ୟାଟେରିର ସମ୍ପୂର୍ଣ୍ଣ ଜୀବନକାଳରେ ଏହାର କଞ୍ଚାମାଲଠାରୁ ଉତ୍ପାଦନ, ଉପାଦାନ ଓ ବିକ୍ରି ପର୍ଯ୍ୟନ୍ତ ଚିହ୍ନଟ ସୁନିଶ୍ଚିତ କରିବା ଏବଂ ପୁନଃ ଚକ୍ରଣ ସାମର୍ଥ୍ୟ ବଢ଼ାଇବା ପାଇଁ ସଡ଼କ ପରିବହନ ମନ୍ତ୍ରଣାଳୟ ଆଧାର ଭଳି ଏକ ଅନନ୍ୟ ପରିଚୟ ନମ୍ବର କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତାବ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଚିଠା ମାର୍ଗଦର୍ଶିକାରୁ ଏହା ଜଣାପଡ଼ିଛି। ପ୍ରସ୍ତାବିତ ରୂପରେଖ ଅନୁଯାୟୀ, ବ୍ୟାଟେରି ଉତ୍ପାଦନକାରୀ ଏବଂ ଆମଦାନିକାରୀ ବଜାରକୁ ଛାଡୁଥିବା ପ୍ରତ୍ୟେକ ବ୍ୟାଟେରି ଏବଂ ନିଜ ବ୍ୟବହାର ପାଇଁ ପାଖରେ ରଖୁଥିବା ବ୍ୟାଟେରିଗୁଡ଼ିକ ନିମନ୍ତେ ଏକ ୨୧ ସଂଖ୍ୟାବିଶିଷ୍ଟ ବ୍ୟାଟେରି ପ୍ୟାକ୍ ଆଧାର ନମ୍ବର (ବିପିଏଏନ୍) ନିର୍ଦ୍ଦିଷ୍ଟ କରିବାକୁ ହେବ। ସେମାନେ ସରକାରୀ ବିପିଏଏନ୍ ପୋର୍ଟାଲରେ ସମ୍ପୃକ୍ତ ବ୍ୟାଟେରି ପ୍ୟାକ୍ ଡାଇନାମିକ୍ ତଥ୍ୟ ଅପ୍‌ଲୋଡ୍ କରିବେ। ଉକ୍ତ ବିପିଏଏନ୍ ସମସ୍ତେ ଦେଖିପାରିବା ସ୍ଥାନରେ ଏବଂ ସ୍ପଷ୍ଟ ଦୃଶ୍ୟ ହେଉଥିବା ଭଳି ଲେଖିବାକୁ ହେବ। ଏହାକୁ ଏଭଳି ଭାବରେ ସ୍ଥାନିତ କରାଯିବ, ଯେପରି ତାହା ନଷ୍ଟ ହୋଇପାରିବ ନାହିଁ। ରିସାଇକ୍ଲିଂ କିମ୍ବା ପୁନରୁଦ୍ଦେଶ୍ୟରେ ବ୍ୟାଟେରିରେ କୌଣସି ପରିବର୍ତ୍ତନ କରାଗଲେ, ସମ୍ପୃକ୍ତ ଉତ୍ପାଦନକାରୀ କିମ୍ବା ନୂଆ ଉତ୍ପାଦନକାରୀ ବା ଆମଦାନିକାରୀଙ୍କୁ ନୂଆ ବିପିଏଏନ୍ ଜାରି କରିବାକୁ ହେବ। ବ୍ୟାଟେରି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସ୍ଥାୟିତ୍ୱ ଆଣିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ଏଭଳି ଗାଇଡ୍‌ଲାଇନ ଆଣିଛି। ଏହାଦ୍ୱାରା ବ୍ୟାଟେରି ପ୍ରଦର୍ଶନ ଓ ପରିବେଶ ପ୍ରଭାବର ଠିକ୍ ଚିହ୍ନଟ ହୋଇପାରିବ।

# ୫ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**ବୁଲନ୍ଦଶହର,୩ା୧**

## ୨ ଅଭିଯୁକ୍ତଙ୍କୁ ଗୁଳିପାଡ଼ ପରେ ଗିରଫ

ଉତ୍ତରପ୍ରଦେଶରେ ୫ ବର୍ଷର ବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ବଳରାମପୁର ଜିଲାର ରାଜୁ ଏବଂ ଲଖିମପୁର ଖେରି ଜିଲାର ବୀରୁ କାଶ୍ୟପ। ସିକନ୍ଦ୍ରାବାଦ ଥାନା ଅଞ୍ଚଳରେ ସେମାନଙ୍କୁ ପୋଲିସ ଗୁଳି ଚଳାଇବା ପରେ ଆହତ ଅବସ୍ଥାରେ ଗିରଫ କରିଛି। ସେମାନଙ୍କଠାରୁ ବେଆଇନ ଅସ୍ତ୍ର ଏବଂ କାର୍ତ୍ତୁଜ୍ ଜବତ ହୋଇଛି। ସିକନ୍ଦ୍ରାବାଦ ଥାନା ଅଞ୍ଚଳର ଏକ ସ୍ଥାନରେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ପଡ଼ିଥିବା ଶୁକ୍ରବାର ରାତିରେ ପୋଲିସ ଖବର ପାଇବା ପରେ ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ବାପା କରିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ନାବାଳିକାର ପରିବାର ରହୁଥିବା ବିଲ୍ଡିଂରେ ଅଭିଯୁକ୍ତ ୨ ଯୁବକ ଭଡ଼ାରେ ରହୁଥିଲେ। ସେମାନେ ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଆଶଙ୍କା ବ୍ୟକ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୋଲିସ ୩ଟି ଟିମ୍ ଗଠନ କରିଥିଲା। ସେମାନେ କନୱାର ରୋଡ୍‌ର ଏକ ନିର୍ମାଣାଧୀନ କଲୋନିରେ ଲୁଚିଥିବା ସୂଚନା ପାଇ ପୋଲିସ ଚାରିପଟେ ଘେରିବା ସହ ଗୁଳି ଚଳାଇଥିଲା। ଅଭିଯୁକ୍ତ ରାଜୁ ଏବଂ ବୀରୁଙ୍କ ଗୋଡ଼ରେ ଗୁଳିବାଜି ସେମାନେ ଆହତ ହୋଇଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇଛି।

# ‘X’କୁ କେନ୍ଦ୍ରର ଚେତାବନୀ

## ଅଶ୍ଳୀଳ କଣ୍ଟେଣ୍ଟ ନ ହଟାଇଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୩ା୧**

ଏଆଇ ଆପ୍ ଗ୍ରୋକ୍ ଦ୍ୱାରା ସୃଷ୍ଟ ସମସ୍ତ ଅଶ୍ଳୀଳ ଏବଂ ବେଆଇନ କଣ୍ଟେଣ୍ଟଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ କେନ୍ଦ୍ର ସରକାର ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ‘X’କୁ କହିଛନ୍ତି। ୭୨ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ବିଷୟବସ୍ତୁ ନ ହଟିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ଚେତାବନୀ ଦେଇଛି। ‘X’ର କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଭିତ୍ତିକ ସେବା ଗ୍ରୋକ୍ ଏବଂ ଅନ୍ୟ ‘X’AI ସେବା ଜରିଆରେ ଏହି ପ୍ଲାଟ୍‌ଫର୍ମ ଅଶ୍ଳୀଳ, ନଗ୍ନ ଏବଂ ଯୌନ ସମ୍ପର୍କିତ କଣ୍ଟେଣ୍ଟକୁ ସ୍ଥାନ ଦିଆଯିବା ସହ ପ୍ରସ୍ତୁତ କିମ୍ବା ଅପ୍‌ଲୋଡ କରାଯାଉଛି। ଏନେଇ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ‘X’ର ମୁଖ୍ୟ କମ୍ପ୍ଲିଆନ୍ସ ଅଫିସରଙ୍କୁ ପତ୍ର ଲେଖି ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ଏବଂ ଆଇଟି ନିୟମାବଳୀ ଅନୁଯାୟୀ, ପ୍ଲାଟ୍‌ଫର୍ମ ଏହାର ବୈଧାନିକ ଦାୟିତ୍ୱ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛି। ତାହା ନ ହେଲେ ଆଇଟି ଆଇନର ଧାରା ୭୯ ଅନୁଯାୟୀ, ପ୍ଲାଟଫର୍ମ ଆଇନଗତ ସୁରକ୍ଷା ଅଧିକାର ହରାଇବ ବୋଲି ମନ୍ତ୍ରଣାଳୟ ସତର୍କ କରିଦେଇଛି। ‘X’ର ଗ୍ରୋକ୍ ଏଆଇ କିଛିଦିନ ପୂର୍ବରୁ ଡିଜିଟାଲ ରୂପରେ ଫଟୋ ଓ ପୋଷାକ ବଦଳାଇ ମହିଳାଙ୍କ ଅଶ୍ଳୀଳ ଫଟୋ ପ୍ରସ୍ତୁତ କରି ଯାଞ୍ଚ ପରିସରକୁ ଆସିଥିଲା। ଏହାକୁ ନେଇ ଶିବସେନା(ୟୁବିଟି) ରାଜ୍ୟ ସଭା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀଙ୍କ ସମେତ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚତୁର୍ବେଦୀ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।


ପୌଷ ପୂର୍ଣ୍ଣିମା ଏବଂ ମାଘ ମେଳା ଉତ୍ସବ ଆରମ୍ଭ ଅବସରରେ ଶନିବାର ଲୋକେ ପ୍ରୟାଗରାଜସ୍ଥିତ ସଙ୍ଗମରେ ବୁଡ଼ ପକାଉଛନ୍ତି।

# ଉମର ଖଲିଦଙ୍କ ନିରପେକ୍ଷ ବିଚାର ପାଇଁ ପତ୍ର ଲେଖିଲେ ଆମେରିକା ଆଇନ ପ୍ରଣେତା

**ନ୍ୟୁୟର୍କ,୩ା୧**

ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଆକ୍ଟିଭିଷ୍ଟ ଉମର ଖଲିଦଙ୍କ ନିରପେକ୍ଷ ଓ ଠିକ୍‌ସମୟରେ ବିଚାର ସୁନିଶ୍ଚିତ କରିବା ପାଇଁ ଆମେରିକାର ୮ ଜଣ ଆଇନ ପ୍ରଣେତା ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ଜିମ୍ ମାକ୍‌ଗଭର୍ନ ଏବଂ ଜାମି ରସ୍କିନ୍ ଅଛନ୍ତି। ୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ସହ ସମ୍ପୃକ୍ତି ଅଭିଯୋଗରେ ଖଲିଦଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୀର୍ଘଦିନ ଧରି ବିଚାର ବିଭାଗୀୟ ହାଜତରେ ରଖାଯାଇଥିବାରୁ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଦିଲ୍ଲୀ ଦଙ୍ଗାରେ ୫୩ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏନେଇ ଖଲିଦ ଓ ଅନ୍ୟମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ) ଏବଂ ଭାରତୀୟ ପେନାଲ କୋଡ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଖଲିଦଙ୍କୁ ଦିଲ୍ଲୀ ଦଙ୍ଗାର ମାଷ୍ଟରମାଇଣ୍ଡ ଦର୍ଶାଯାଇଛି।

# ୧୦ରୁ କଂଗ୍ରେସର ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ସଂଗ୍ରାମ


ଖବରଦାତା ସମ୍ମିଳନୀରେ ଜୟରାମ ରମେଶ ଏବଂ କେ.ସି. ବେଣୁଗୋପାଳ।

**ନୂଆଦିଲ୍ଲୀ,୩ା୧(ପି.ଟି.)**

କେନ୍ଦ୍ର ସରକାର ଆଣିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ଆସନ୍ତା ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ‘ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ସଂଗ୍ରାମ’ ଚଳାଇବ ବୋଲି ଶନିବାର ଘୋଷଣା କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏ ଏକ ଅଧିକାର ଭିତ୍ତିକ ଆଇନ, ଯାହା କାର୍ଯ୍ୟ କରିବାର ଅଧିକାର ପ୍ରଦାନ କରେ, ତାହାକୁ ପୁନର୍ବାର ଲାଗୁ କରିବା ପାଇଁ କଂଗ୍ରେସ ଦାବି କରିଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ ଜୟରାମ ରମେଶ କହିଛନ୍ତି, ଭିବି ଜି-ରାମ-ଜି ଆଇନ ଜରିଆରେ କେନ୍ଦ୍ର ସରକାର ଏହାକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ କରିବାକୁ ଚାହାନ୍ତି। ନୂଆ ଆଇନରେ ନିଯୁକ୍ତି ଆଉ ଅଧିକାର ହୋଇ ରହିବ ନାହିଁ। ଏହାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯିବ ବୋଲି ସେମାନେ କହିଛନ୍ତି। ନୂଆ ଆଇନକୁ ଇଣ୍ଡିଆ ବ୍ଲକ୍ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିବେ ନାହିଁ କିମ୍ବା ବିରୋଧ କରିବେ ବୋଲି ବେଣୁଗୋପାଳ କହିଛନ୍ତି। ଏନେଇ କଂଗ୍ରେସ ଏହାର ମେଣ୍ଟ ସହଯୋଗୀମାନଙ୍କ ସହ ଆଲୋଚନା କରିବ। ଏହି ଆଇନ ଦେଶର ସଂଘୀୟ ଢାଞ୍ଚା ବିରୋଧରେ ହୋଇଥିବାରୁ କୌଣସି ଭାଜପା ଶାସିତ ରାଜ୍ୟ କାର୍ଯ୍ୟକାରୀ କରିବା ସ୍ଥିତିରେ ନାହାନ୍ତି ବୋଲି ଜୟରାମ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଏମ୍‌ଜିଏନ୍‌ଆର୍‌ଇଜିଏ ଉପରେ ଆକ୍ରମଣ ଦେଶର ବହୁକୋଟି ଶ୍ରମିକ ଓ ସେମାନଙ୍କର କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ। ତାଙ୍କ ଦଳ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଏହାର ଦୃଢ଼ ବିରୋଧ କରିବ ବୋଲି ଖାର୍ଗେ Xରେ ଲେଖିଛନ୍ତି।

# କିମିଆ କରୁଛି ଲୁକ୍

ତାରା ସୁତାରିଆ



**ମୁମ୍ବାଇ:** ବଲିଉଡ୍‌ର ଫ୍ୟାଶନେବଲ୍ ଡିଭା ଭାବେ ତାରା ସୁତାରିଆଙ୍କ ଚର୍ଚ୍ଚା ସବୁବେଳେ ହୋଇଆସିଛି। ବ୍ୟକ୍ତିଗତ ଜୀବନ ହେଉ କି ଅଭିନୟ ଜୀବନ, ତାରା ଲାଇମଲାଇଟ୍‌ରେ ରୁହନ୍ତି। ଏବେ ତାଙ୍କ ହାତରେ ଏକ ବଡ଼ ଫିଲ୍ମ । ତାହା ପୁଣି କେଜିଏଫ୍ ଫେମ୍ ରକିଂ ଷ୍ଟାର ଯଶ୍‌ଙ୍କ ଫିଲ୍ମ ‘ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ’।

ଫିଲ୍ମରେ ତାରାଙ୍କ ଫାଷ୍ଟ ଲୁକ୍‌କୁ ନିର୍ମାତା ଶେୟାର କରିଛନ୍ତି। ଏହା ଆସିବା ପରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଫିଲ୍ମରେ ତାରାଙ୍କ ଚରିତ୍ରର ନାମ ରହିଛି ‘ରେବିକା’। ପୋଷ୍ଟରରେ ତାରା କଳାରଙ୍ଗର ଲେଦର ଆଉଟ୍‌ଫିଟ୍‌ରେ ବନ୍ଧୁକ ଧରିଥିବା ନଜର ଆସୁଛନ୍ତି। ଯିଏ ବି ଫଟୋ ଦେଖୁଛି ଘଡ଼ିଏ ଅଟକିଯାଉଛି।

ବ୍ୟକ୍ତିଗତ ଜୀବନ କହିଲେ, ତାରା ଏବେ ନୂଆ ନୂଆ ପ୍ରେମରେ ପଡ଼ିଛନ୍ତି। ଅଭିନେତା ବୀର ପାହାଡ଼ିଆଙ୍କ ସହ ସମ୍ପର୍କ ଉପରେ ସେ ମୋହର ମାରିଛନ୍ତି। ଅନେକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳୁଛି। ଏପରିକି ତାରା ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର କରିବାକୁ ଦ୍ୱିଧାବୋଧ କରୁନାହାନ୍ତି। ପ୍ରଶଂସକ ଉଭୟଙ୍କ ଯୋଡ଼ିକୁ ବେଶ୍ ପସନ୍ଦ କରୁଛନ୍ତି।

# ଅତିରିକ୍ତ ୧୫୧ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଓଏଏସ୍, ଓଆର୍ଏସ୍ ପଦବୀ ଲାଗି ବିଜ୍ଞପ୍ତି ବାହାରି ନ ଥିବାରୁ ବଢ଼ିଥିଲା ଅସନ୍ତୋଷ

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

ନିକଟରେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିବା ବେଳେ ଏଥିରେ ଓଏଏସ୍, ଓଆର୍ଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ଏ ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପକରି ଏହିସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ ୧୪ଟି, ଓଡ଼ିଶା ରାଜସ୍ୱ ସେବା(ଓଆର୍ଏସ୍)ରେ ୧୧୩ଟି, ଓଡ଼ିଶା ପରିବହନ ସେବା(ଓଟିଏସ୍)ରେ ୧୬ଟି ଓ ଓଡ଼ିଶା ମଙ୍ଗଳ ସେବା (ଓଡ୍ବ୍ଲୁଏସ୍)ରେ ୮ଟି ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବୀ ପାଇଁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବତୀଯୁବକ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରିପାରିବେ। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି। ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଅଛି ସବୁ ପୂରଣ କରିବାକୁ ଆୟୋଗଗୁଡ଼ିକୁ ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।









# ଚିଲିକା ହ୍ରଦର ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ଡିପିଆର୍: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

ଏସିଆ ମହାଦେଶର ସର୍ବବୃହତ୍ କ୍ଷାରୀୟ ହ୍ରଦ ତଥା ରାମସାର ସାଇଟ ଭାବେ ସାରା ବିଶ୍ୱରେ ପରିଚିତ ଥିବା ଚିଲିକା ହ୍ରଦର ଜୈବ ବିବିଧତାର ସୁରକ୍ଷା ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ନେଇ ଏକ ଆଲୋଚନା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ କହିଛନ୍ତି, ମୁହାଣ ପୋତିହେବା ଯୋଗୁ ଚିଲିକାର ପାଣି ସମୁଦ୍ରକୁ ଠିକ୍ ଭାବେ ଯାଇପାରୁନାହିଁ। ଅନ୍ୟପଟେ ସମୁଦ୍ର ପାଣି ମଧ୍ୟ ଏହା ମଧ୍ୟକୁ ପ୍ରବେଶ କରିପାରୁନାହିଁ। ଫଳରେ ଚିଲିକା ଜଳର କ୍ଷାରୀୟତା ନଷ୍ଟ ହେଉଥିବା ବେଳେ ଜୈବ ବିବିଧତା ସନ୍ତୁଳନ ଠିକ୍ ରହୁନାହିଁ। ଏଥିଯୋଗୁ ବିଭିନ୍ନ ପ୍ରକାର ମାଛ ଏବଂ ସାମୁଦ୍ରିକ ଜୀବ ସଂଖ୍ୟାର ଅନେକ ଫରକ ପରିଲକ୍ଷିତ ହେଉଛି। ତେଣୁ ଚିଲିକା ହ୍ରଦର ପୁନରୁଦ୍ଧାର ଦିଗରେ କାର୍ଯ୍ୟ ଆରମ୍ଭ କରିବା ସହ ତୁରନ୍ତ ସବିଶେଷ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସହ ଡିପିଆର୍ ପ୍ରସ୍ତୁତ ଉପରେ ବିଭାଗୀୟ ଅଧିକାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆଇଆଇଟି ଚେନ୍ନାଇଙ୍କୁ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆଇଆଇଟି ଚେନ୍ନାଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଚିଲିକାର ଅବରୋଧ ହୋଇଥିବା ମୁହାଣ ଖନନ, ଏହାର କ୍ଷାରୀୟତା ବଜାୟ ରଖିବା, ପଙ୍କ ଉଦ୍ଧାରକରି ଜଳଧାରା କ୍ଷମତା ବୃଦ୍ଧି କରିବା, ଜୈବ ବିବିଧତାର ସୁରକ୍ଷା, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଏବଂ ଚିଲିକା ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସ୍ୱାର୍ଥରକ୍ଷା ଉପରେ ଆଲୋଚନା ହୋଇଛି। ବୈଠକ ପରେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସ୍ପଷ୍ଟ ସୂଚନା ଦିଆଯିବା ସହ ଆଗାମୀ କାର୍ଯ୍ୟପନ୍ଥା ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଆଇଟି ଚେନ୍ନାଇ ପ୍ରଫେସର ନୀଳାଞ୍ଜନ ଶାହା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଗାଜୟ ନନ୍ଦ ଏବଂ ଚିଲିକା ଡିଏଫ୍ଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରମଣି ନାଏକ ପଞ୍ଚାୟତିରାଜ ନିର୍ଦ୍ଦେଶକ

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ଇନ୍ଦ୍ରମଣି ନାଏକଙ୍କୁ ରାଜ୍ୟ ସରକାର ପଞ୍ଚାୟତିରାଜ ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ପୂର୍ବରୁ ସେ ପରିବହନ ବିଭାଗର ଅତିରିକ୍ତ କମିଶନର ଭାବେ ଦାୟିତ୍ୱରେ ଥିଲେ। ଏହି ଦାୟିତ୍ୱରୁ ପରିବର୍ତ୍ତନକରି ପଞ୍ଚାୟତିରାଜ ନିର୍ଦ୍ଦେଶ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି।

# ଫେବୃଆରୀ ଯାଏ ବଢ଼ିଲା ଇ-କେୱାଇସି ଅବଧି

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନ ସମସ୍ତ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି କରିବା ପ୍ରକ୍ରିୟାର ଅବଧି ବୃଦ୍ଧି ପାଇଛି। ଏହି ଅବଧିକୁ ରାଜ୍ୟ ସରକାର ଆସନ୍ତା ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ହିତାଧିକାରୀମାନେ ସେମାନଙ୍କ ଆଧାର ସଂଯୁକ୍ତ ଇ-କେୱାଇସି ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) ଅନ୍ତର୍ଗତ ସମସ୍ତ ୧୧, ୭୨୫ ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ୍ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ କରିପାରିବେ। ଏତଦ୍‌ବ୍ୟତୀତ କୌଣସି କାରଣବଶତଃ ଅଦ୍ୟାବଧି ଇ-କେୱାଇସି କରି ପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡିଏସ୍ ସାମଗ୍ରୀ ପୂର୍ବବତ୍ ଆବଣ୍ଟିତ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନ ଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଆସନ୍ତା ଫେବୃଆରୀ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ କିମ୍ବା ରାଶନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ଆଧାର ସଂଯୁକ୍ତ ଇ-କେୱାଇସି କରାଇନେବାକୁ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବନ୍ଧମୁଣ୍ଡାରେ ମାଲଗାଡ଼ି ଲାଇନଚ୍ୟୁତ

ରାଉରକେଲା/ବନ୍ଧମୁଣ୍ଡା, ୩।୧ (ସଙ୍ଗୀତା ଜେନା/ସୁବ୍ରତ ଦେ)

ଦକ୍ଷିଣପୂର୍ବ ରେଳବାଇ ଚକ୍ରଧରପୁର ରେଳମଣ୍ଡଳର ବନ୍ଧମୁଣ୍ଡା ଷ୍ଟେଶନ ନିକଟରେ ଶନିବାର ସକାଳ ୭ଟା ୪୫ରେ ଏକ ମାଲଗାଡ଼ିର ୨ଟି ୱାଗନ୍ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ମୁମ୍ବାଇ- ହାୱଡ଼ା ରୁଟ୍‌ରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ସକାଳ ସମୟରେ କେବିନ୍ କେ ନିକଟରେ ପୋଷ୍ଟ ୪୦୮/୧୧ଇ ସ୍ଥାନରେ ଏହି ଦୁର୍ଘଟଣା ଘଟିଥିଲା। ଉକ୍ତ ମାଲଗାଡ଼ିଟି ବନ୍ଧମୁଣ୍ଡାର ଏନ୍ ବକ୍ସ ୟାର୍ଡରୁ ବାହାରି ରାଉରକେଲା ଆଡକୁ ଯାଉଥିବା ବେଳେ ହଠାତ୍ ୱାଗନ୍ ଗୁଡ଼ିକ ଲାଇନଚ୍ୟୁତ ହୋଇଥିଲା। ତୁରନ୍ତ ଉକ୍ତ ଅଞ୍ଚଳରେ ରେଳ ଚଳାଚଳ ବନ୍ଦ କରିଦିଆଯାଇଥିଲା। ସୂଚନା ପାଇ ମଣ୍ଡଳର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, କ୍ୟାରେଜ ଓ ୱାଗନ ଶାଖାର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ମରାମତି ଓ ପୁନର୍ବାସ କାମ ଦ୍ରୁତଗତିରେ କରାଯାଇଥିଲା। ଏବେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ବର୍ଷ ଆରମ୍ଭରୁ ଏପରି ଘଟଣା ମଣ୍ଡଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରେଳବୋର୍ଡ ପକ୍ଷରୁ ସୁରକ୍ଷା ମାନଦଣ୍ଡ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ମିଳୁଥିଲେ ମଧ୍ୟ ଚକ୍ରଧରପୁର ମଣ୍ଡଳରେ ଦୁର୍ଘଟଣା ଅବ୍ୟାହତ ରହିଛି। ରେଳ ସୁରକ୍ଷା ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବାକୁ ଦାବି ଜୋର ଧରିଛି।

# ପ୍ରମାଣ ଦିଅ, ପାଣ୍ଡିଆନ୍‌ଙ୍କ ବିରୋଧରେ ତଦନ୍ତ ହେବ

## କ୍ରାଇମବ୍ରାଞ୍ଚ ଛାଡ଼ି ସିବିଆଇ ତଦନ୍ତକଲେ ବି କିଛି ହେବନି: ଗଣେଶ୍ୱର

ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟିର ପୂର୍ବତନ ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ କରିପାରେ। ବ୍ରହ୍ମପୁରର ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଅଭିଯୋଗ ଅନୁଯାୟୀ କ୍ରାଇମବ୍ରାଞ୍ଚ ଦେଇଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ଗତ ମାସ ୧୫ ତାରିଖରେ କ୍ରାଇମବ୍ରାଞ୍ଚ ଲେଖିଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ସୁରେନ୍ଦ୍ରଙ୍କୁ ଏକ ଚିଠି କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ବେଳେ ସେଥିରେ ଉଲ୍ଲେଖ କରାଯାଇଛି, ଓଡ଼ିଶାର ରୁଲ୍ସ ଅଫ୍ ବିଜ୍‌ନେସ୍‌ର ୧୯୫୬ ଏବଂ ଅନ୍ୟ ନିୟମର ଉଲ୍ଲଂଘନକରି ପାଣ୍ଡିଆନ୍ ବେଆଇନ ଭାବେ ମିଟିଂ ଆୟୋଜନ କରିଥିଲେ ବୋଲି ଅଭିଯୋଗ ଦେଇଛନ୍ତି। ଆପଣ କରିଥିବା ଅଭିଯୋଗର ଡକ୍ୟୁମେଣ୍ଟ ଏବଂ ବୈଦ୍ୟୁତିକ ରେକର୍ଡ ଆସନ୍ତା ୬ ତାରିଖ ସୁଦ୍ଧା ପ୍ରଦାନକରନ୍ତୁ। ଏହାଛଡ଼ା ଯଦି ଅନ୍ୟ କିଛି ପ୍ରମାଣ ରହିଛି ତାକୁ ମଧ୍ୟ ପ୍ରଦାନ କରାଯାଉ, ଯାହାକୁ ନେଇ ତଦନ୍ତ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ତେବେ ଏହି ଘଟଣାକୁ ନେଇ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, କ୍ରାଇମବ୍ରାଞ୍ଚ ଛାଡ଼ି ସିବିଆଇ ତଦନ୍ତକଲେ ମଧ୍ୟ କିଛି ହେବ ନାହିଁ। ଆକ୍ରୋଶମୂଳକ ଭାବେ ତଦନ୍ତକଲେ କିଛି ହେବନାହିଁ। ସେମାନେ ତଦନ୍ତ ନ କରି କାହିଁକି ଏତେଦିନ ଡେରି କରୁଛନ୍ତି। ସରକାରଙ୍କ ଅନୁମତି ନେଇ ସରକାରୀ ଅଧିକାରୀ ବୁଲିଲେ କିଛି ସମସ୍ୟା ନାହିଁ। ଯିଏ ଚାହିଁଲେ ବି ଅଭିଯୋଗ କରିପାରିବେ ହେଲେ ଏହା ପ୍ରମାଣିତ ହେବା ଦରକାର ବୋଲି ଗଣେଶ୍ୱର କହିଛନ୍ତି।





# ତାଳଚେରରେ ପ୍ରଦୂଷଣସ୍ତର ଉଦ୍‌ବେଗଜନକ

## ବିଭିନ୍ନ ପ୍ରତିବନ୍ଧକ ଲାଗୁ କଲା ଜିଲା ପ୍ରଶାସନ

ତାଳଚେର, ୩।୧ (ମନୋଜ ନନ୍ଦ)

ପ୍ରଦୂଷଣରେ ରେକର୍ଡ ଭାଙ୍ଗିଛି କଳା ହୀରାର ସହର ତାଳଚେର। ଦେଶର ୬ ସହରର ଏକ୍ୟୁଆଇ ୩୦୦ ପାର କରି ଅତି ଖରାପ ସ୍ତରରେ ପହଞ୍ଚିଛି। ଏହି ୬ ସହର ମଧ୍ୟରେ ଓଡ଼ିଶାର ୪ ସହର ରହିଛି। ଶୁକ୍ରବାର ଏଭଳି ସ୍ଥିତି ରହିଥିଲା ବେଳେ ଶନିବାର ମଧ୍ୟ ତାଳଚେର ପ୍ରଦୂଷଣ ନିୟନ୍ତ୍ରଣରେ ସେପରି ସୁଧାର ଆସିପାରିନାହିଁ। ଏଭଳି ପ୍ରଦୂଷଣ ଫୁସଫୁସ ଉପରେ ଗଭୀର ପ୍ରଭାବ ପକାଉଥିବା ବେଳେ ପ୍ରାତଃ ଭ୍ରମଣରେ ବି ଲୋକେ ଏହାର ଶିକାର ହେଉଛନ୍ତି। ତେବେ ତାଳଚେର ପୌରପରିଷଦ ଅଞ୍ଚଳରେ ବାୟୁ ଗୁଣବତ୍ତା (ଏଆଇକ୍ୟୁ) ଅତି ଖରାପ ଥିବାରୁ ଏବଂ ଜିଆରଏପି ପର୍ଯ୍ୟାୟ ନିର୍ଦ୍ଦେଶାବଳୀକୁ ବିଚାର କରି, ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩, ଆଦେଶ ନଂ.୧୯ ଅନୁଯାୟୀ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ ତାଳଚେର ପୌର ପରିଷଦ ଅଞ୍ଚଳରେ ଆଗାମୀ ୭ ଦିନ ପାଇଁ ବିଭିନ୍ନ ପ୍ରତିବନ୍ଧକ ଲାଗୁ କରାଯାଇଛି। ପ୍ରତିବନ୍ଧକଗୁଡ଼ିକ ମଧ୍ୟରେ ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ନିଷେଧ କରାଯିବା, ପୌର ପରିଷଦ ସୀମା ମଧ୍ୟରେ ଯେକୌଣସି ଭଙ୍ଗା କିମ୍ବା ମାଟି କାମ ନିଷେଧ ହେବା, ପୌର ପରିଷଦ, ଏନ୍ଏଚ୍ଏଆଇ ଏବଂ ଏମ୍‌ସିଏଲର ସମସ୍ତ ରାସ୍ତାରେ ଦିନକୁ ଅତି କମରେ ୩ ଥର ପାଣି ସିଞ୍ଚନ, ତାଳଚେର ସହର ଭିତରକୁ ଭାରୀ ଟ୍ରକ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ, ଖୋଲା ଅଳିଆ ଜାଳିବା, ଢାବାରେ କୋଇଲା ଜାଳିବା ଏବଂ ଯେକୌଣସି ପ୍ରକାରର ଖୋଲା ନିଆଁ ଲଗାଇବା ସମ୍ପୂର୍ଣ୍ଣ ନିଷେଧ କରାଯିବା, ତାଳଚେର ଉପଜିଲାପାଳ ଏବଂ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ଦିନ ସମୟରେ ସମସ୍ତ କୋଇଲା ଏବଂ ପାଉଁଶ ଟ୍ରକ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯିବା, ୧୪୯ ନଂ ଜାତୀୟ ରାଜପଥରେ କୌଣସି ଟ୍ରକକୁ ଆବରଣ/ତାରପୋଲିନ ଘୋଡାଇବା ବିନା ଚଳାଚଳ କରିବାକୁ ଅନୁମତି ନ ଦିଆଯିବା, ଏନ୍ଏଚ୍ଏଆଇ ଏବଂ ଏନ୍ଏଚ୍ ଡିଭିଜନ, ପାଲଲହଡ଼ାର ନିର୍ବାହୀ ଯନ୍ତ୍ରୀ ସେମାନଙ୍କର ସମସ୍ତ ନିର୍ମାଣ ସ୍ଥାନରେ ପାଣି ସିଞ୍ଚନ ନିଶ୍ଚିତ କରିବା ଆଦି ପ୍ରମୁଖ ରହିଛି। ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶକୁ ବିଏନ୍ଏସ୍ଏସ୍‌ର ଧାରା ୧୬୩(୨) ଅନୁଯାୟୀ ଏକପାକ୍ଷିକ ଭାବରେ ଜାରି କରାଯାଇଛି। ଏହି ଆଦେଶ ବର୍ଦ୍ଧିତ ନ ହେଲେ ୭ ଦିନ ପାଇଁ ବଳବତ୍ତର ରଖିବା, ପୋଲିସ, ପୌରପାଳିକା, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆରଟିଓଙ୍କୁ 'କଠୋର ଅନୁପାଳନ ସୁନିଶ୍ଚିତ କରିବାକୁ' ନିର୍ଦ୍ଦେଶ ଦିଆଯାଇଛି, ତାଳଚେରର ସବଡିଭିଜନାଲ ମାଜିଷ୍ଟ୍ରେଟ ନିଶ୍ଚିତ ଭାବେ ପ୍ରତିଦିନ ତଦାରଖ କରିବେ ଏବଂ ଏହି କାର୍ଯ୍ୟାଳୟରେ ପ୍ରତିଦିନ ଅନୁପାଳନ ଦାଖଲ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ତାଳଚେରରେ ଥଣ୍ଡା, କାଶ ଲାଗି ରହିଥିବା ବେଳେ ରାସ୍ତାରେ ଯା'ଆସ କରିବାବେଳେ ଭୟଙ୍କର ଧୂଳି ଧୂଆଁରେ ନାକ ରୁନ୍ଧି ହୋଇଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଳଚେର ଅଞ୍ଚଳର ୮୦ ପ୍ରତିଶତ ଲୋକ ଶ୍ୱାସଜନିତ ରୋଗର ଆକ୍ରାନ୍ତ। ତାଳଚେରର ମାଟି, ପାଣି, ଶେଷରେ ପବନ ଟିକିକ ମଧ୍ୟ ପ୍ରଦୂଷିତ। ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ରାଜ୍ୟ ଓ କେନ୍ଦ୍ର ସରକାର ପାଉଛନ୍ତି। କିନ୍ତୁ ଅଞ୍ଚଳବାସୀ ମୌଳିକ ଅଧିକାରରୁ ବଞ୍ଚିତ। ଲୋକ ପ୍ରଦୂଷଣ ଜ୍ୱାଳାରେ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ଲୋକ ପ୍ରତିନିଧି। ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଜାଣି ଅଜଣା ଭଳି ନିରବଦ୍ରଷ୍ଟା ସାଜିଛନ୍ତି। ତାଳଚେରରେ ଏବେ ନିର୍ମଳ ପବନ ଟିକିଏ ମିଳିବା ସ୍ୱପ୍ନ ପାଲଟିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପଥ ଉତ୍ସବ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ସକାଳ ୬ଟା।
- ଆର୍‌କେଏନ୍ ପକ୍ଷରୁ ଗାନ୍ଧୀଜି ଆନିମଲ ୱେଲଫେୟାର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟ ଶାସ୍ତ୍ର ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ କନ୍ତପଡ଼ା ପ୍ରିମିଅର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଶହୀଦ ପଡ଼ିଆ, କନ୍ତପଡ଼ା, ସମୟ: ପୂର୍ବାହ୍ନ ୧୧ଟା୩୦।

## ବାଲେଶ୍ୱର
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ନୂତନ ପଞ୍ଚାୟତ ଅଫିସ ଗୃହ ଉଦ୍‌ଘାଟନ, ସ୍ଥାନ: ବାହାବଳପୁର ରାଜୀବ ଭଜନ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରୂପସା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୋଡ଼ାଡିହା କମ୍ୟୁନିଟି ସେଣ୍ଟର, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର କର୍ମଶାଳା, ସ୍ଥାନ: ଅସ୍ତିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋଚିକୋଇଲି କଲ୍ୟାଣ ମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଚିଙ୍ଗୁଡିପୁର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ଚିଙ୍ଗୁଡିପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବନ୍ଧୁମିଳନ ଓ କବିତା ଆସର, ସ୍ଥାନ: ବୈଦିକ ଯଜ୍ଞ ମଣ୍ଡପ, ଦୋବଲ, ସମୟ: ଅପରାହ୍ନ ୩ଟା ୩୦।
- କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମହରମପୁର ଶିବମନ୍ଦିର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଦୁର୍ଗାପଡ଼ିଆ, ଅର୍ଜ୍ଜୁନବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ରାଜ୍ୟ ଶିଳ୍ପ ମନ୍ତ୍ରୀଙ୍କ ବଡ଼ବିଲ ଗସ୍ତ, ସ୍ଥାନ: ଆଇଟିଆଇ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ୪୫।
- ଜଳ ବିଭାଜିକା ମହୋତ୍ସବ, ସ୍ଥାନ: ପାଟଣା ବ୍ଲକ୍ ଚିନାମାଳି ପୋଷି ପଞ୍ଚାୟତ ନୂଆପଡ଼ା ଛକ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ବାଇବାର୍ଥର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ସେଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପାଲାକାର ସଂଘ ପକ୍ଷରୁ କୃତଜ୍ଞତା ସଭା, ସ୍ଥାନ: ସଦର ବ୍ଲକ୍ କନଫରେନ୍ସ ହଲ, କେନ୍ଦୁଝର, ସମୟ: ମଧ୍ୟାହ୍ନ ୧୨ଟା।

## ବ୍ରହ୍ମପୁର
- ବିଶ୍ୱ ବ୍ରେଲି ଦିବସ, ସ୍ଥାନ: ଓମ୍ ସାଇ ଗାର୍ଡେନ, ହିଲପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁର ସାହିତ୍ୟ ପରିଷଦର ସମ୍ବର୍ଦ୍ଧନା ସଭା, ସ୍ଥାନ: ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୋଇଲୁଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ମା' ଦଣ୍ଡକାଳୀ ଗଞ୍ଜାମ ଢୋଲିଆ ମହାସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରକାଶମ ହଲ୍, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦୀବ୍ୟଜୀବନ ସଂଘ, ଆଙ୍କୋଲି ଶାଖା, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଏଡ଼ିୟୁଜେର ବାର୍ଷିକ ବୈଠକ, ସ୍ଥାନ: ମା ବିନିକେୟୀ ଶକ୍ତିପୀଠ , ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର
- ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ବିୟୁଟି କଣ୍ଟେଷ୍ଟ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଅ, କେନ୍ଦ୍ରାପଡା, ସମୟ: ସକାଳ ୯ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୯ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା ।
- ବାଦିପାଲା ମହୋତ୍ସବ, ସ୍ଥାନ: ମା'ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ଉତ୍କଳ ଜର୍ନାଲିଷ୍ଟ ଆସୋସିଏଶନ ଯାଜପୁର ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ଦାନଗଦି ରୟାଲ ତାଜ୍ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ମହୋତ୍ସବର ୧୧ତମ ସନ୍ଧ୍ୟାରେ ବି. ପ୍ରାକ୍ ବଲିଉଡ୍ ନାଇଟ୍, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଜିଲା ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ:ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ:ଅପରାହ୍ନ ୧ଟା।

## ରାୟଗଡ଼ା
- ବଂଶଧାରା ବସନ୍ତ ମହୋତ୍ସବର ମେଗା କ୍ରୀଡା ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଠାକୁରାଣୀ ମନ୍ଦିରରୁ ସେବା ସମାଜ ସମ୍ମୁଖ ଖେଳ ପଡିଆ, ଗୁଣପୁର, ସମୟ: ସକାଳ ୮ଟା।
- ବ୍ରାହ୍ମଣ ସମାଜ ବୈଠକ, ସ୍ଥାନ: ସେବା ସମାଜ ପଡ଼ିଆ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ ଆଣ୍ଡ ମିଡିଆ ୱେଲଫେୟାର ଆସୋସିଏଶନର ବନ୍ଧୁମିଳନ ଓ ବୈଠକ, ସ୍ଥାନ: ହାଲୁଆ ତୋଟା, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଦେଓମାଳୀ ପବ୍ଲିକ ସ୍କୁଲର ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ବେହେରା ଗୁଡ଼ା, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପୁଷ ପରବ ବାଲିଯାତ୍ରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାତସମିଳୀ ବାଲିଯାତ୍ରା ମଣ୍ଡପ, ନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ମା' ଶୀତଳା ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ନୂଆଗୁଡ଼ା ଇଉନାଇଟେଡ୍ ସ୍ପୋର୍ଟିଂ କ୍ଲବ୍ ପଡ଼ିଆ, କୋଟପାଡ଼, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ହେପି ଫିଟ ସ୍ପୋର୍ଟସ୍ ଫାଉଣ୍ଡେଶନ ଆୟୋଜିତ ଚତୁର୍ଥ ହାପ ମାରାଥନ ଶୁଭାରମ୍ଭ, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ପ୍ରାତଃ ୫ଟା ୩୦ ।
- ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ପୂଜାର୍ଚ୍ଚନା ଓ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ସମ୍ମୁଖ, ସମୟ : ୯ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର କୃଷ୍ଣବରଣ କାର୍ଯ୍ୟକ୍ରମ ଓ ପୂଜାର୍ଚ୍ଚନା, ସ୍ଥାନ : ଛତାବର ଗ୍ରାମ, ସମୟ : ସକାଳ ୯ଟା ୩୦ ।
- ଲୋକ ମହୋତ୍ସବ ସମ୍ବଲପୁର ୨୦୨୬ର ଉଦ୍‌ଘାଟନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦ ।

## ରାଉରକେଲା
- ଏନ୍‌ଆଇଟି ଏଫ୍‌ଟିବିଆଇ ଷ୍ଟାର୍ଟଅପ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨ ଇଣ୍ଡୋ ଜର୍ମାନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ତ୍ରିଶକ୍ତି ମନ୍ଦିରରେ ଖବରଦାତା ସମ୍ମିଳନୀ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ କଥା, ସ୍ଥାନ: ପାନପୋଷ ବସ୍ତି ରାମ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ଲୋକନାଟକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ଲୋକନାଟକ ମହୋତ୍ସବ--୨୦୨୬ର ଉଦ୍‌ଘାଟନୀ ସମାରୋହ ଏବଂ ପ୍ରଥମ ନାଟକ ମଞ୍ଚସ୍ଥ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- କୋଶଲ ଟାଇମର ସନକ୍ଷତ୍ର ସମାରୋହ, ସ୍ଥାନ:ସ୍ୱାମୀ ଶିବାନନ୍ଦ ଆଶ୍ରମ, ବରଗଡ଼,ସମୟ: ସକାଳ ୯ଟା ୩୦।
- କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉନ୍ମୋଚନ ପର୍ବ, ସ୍ଥାନ: ଗାନ୍ଧୀ ଭବନ ସଭାଗୃହ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ତହସିଲ କାର୍ଯ୍ୟାଳୟ ନୂତନ କୋଠାଘର ନିର୍ମାଣର ଶିଳାନ୍ୟାସ,ସ୍ଥାନ: ନିଶାମଣି ସ୍କୁଲ ପାଖ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଧନୁଷ ଯାତ୍ରାକୁ ସ୍ୱାଗତ ସମାରୋହ, ସ୍ଥାନ: ଦେବଗଡ଼ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ, ମଠସାହି ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା୩୦।

## ସୁବର୍ଣ୍ଣପୁର
- ଅଷ୍ଟାଦଶ ମହୁରି ମହୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଥମ ଜୀବନ ଓ ମଙ୍ଗୁଲୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ସୁବଲୟା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା ' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ସୁବଲୟା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରାର୍ଥନା ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ସତ୍‌ସଂଗ ବିହାର ନୂଆପଡ଼ା, ସମୟ: ପ୍ରାତଃ ୫ଟା ୪୪।

## ଝାରସୁଗୁଡ଼ା
- ଜିଲା ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ ପଡିଆ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ବହୁତ ଭଲ। ପାରିବାରିକ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରର ବିବାଦ ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବେ। ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉଠାଇ ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ବୃଷ** ସାହାଯ୍ୟ, ସହଯୋଗ ଓ ପରୋପକାର ପ୍ରବୃତ୍ତି କାରଣରୁ ଲୋକସମ୍ପର୍କ ବୃଦ୍ଧି ପାଇବ। ବୈଷୟିକ ଅଭିବୃଦ୍ଧି ନୂଆ ନୂଆ କାମ କରିବା ସକାଶେ ଉତ୍ସାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତି କ୍ଷେତ୍ରରୁ ଲାଭବାନ୍ ହେବେ। ଭୁଲ୍ ବୁଝାମଣା ଓ ଯୁକ୍ତିତର୍କ କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ** ଭୂମିପୁତ୍ର ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିଣାବିକା ଦିଗରେ ଆଲୋଚନା କରିପାରନ୍ତି। ପୂର୍ବର କୌଣସି ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରି ଦେଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଗୁରୁ ସହ ଚନ୍ଦ୍ରଙ୍କ ସଂଯୋଗ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରେ।

**କର୍କଟ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହିବ। ବଳହୀନ ରବିଙ୍କ ଯୋଗୁ ପିତାଙ୍କ ସହ ମତପାର୍ଥକ୍ୟ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିପାରେ। କେତୁଙ୍କ କୁପ୍ରଭାବରୁ ଧନହାନି ସହ ବନ୍ଧୁଙ୍କ ସହ ବିତର୍କର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ସିଂହ** ଆଜିର ଯାତ୍ରା ସମୟରେ ବିଜାତୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣାରୁ ସୁଯୋଗ ହାତଛଡ଼ା ହୋଇପାରେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନରେ ଆଖିଦୃଶିଆ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଲଘୁ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲରେ ସହାୟକ ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିଜନଙ୍କ ସହିତ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଶୁଭଫଳ ପ୍ରଦାନ କରିବ।

**ତୁଳା** କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ସହ ସାମାଜିକ ପ୍ରତିଷ୍ଠା ଲାଭ କରିବେ। ଚେଷ୍ଟା କରୁଥିବା କାମ ପାଇଁ ବିଶେଷ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ପରିବାରରେ ପରସ୍ପର ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ୍ୟ ହେବେ। ଜିଦ୍‌ଖୋର ପ୍ରବୃତ୍ତି କେତେକ ସମ୍ଭାବ୍ୟ ସମସ୍ୟାକୁ ନିମନ୍ତ୍ରଣ କରିପାରେ।

**ବିଛା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ଅଭ୍ୟର୍ଥନା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହମତି କିମ୍ବା ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କାରବାରରେ ଲାଭବାନ୍ ହେବେ। ଆଇନ ଅଦାଲତ, କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା କରାଯାଇପାରେ।

**ଧନୁ** ଅବହେଳା କାରଣରୁ ପରିବାର, ପରିବହନ ଏବଂ ସାମାଜିକ ସ୍ଥିତି ହ୍ରାସ ପାଇବ। ମନାନ୍ତରଜନିତ ହ୍ରାସ ପାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି। ନୀଚ ଜାତିର ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଯାତ୍ରା, ଆଲୋଚନା, ନିର୍ମାଣ, ଚୁକ୍ତିପତ୍ର ପ୍ରଭୃତିରେ ଆଂଶିକ ସଫଳତା ମିଳିବ।

**ମକର** ଦୀର୍ଘଦିନ ହେଲା ଯେଉଁ ଅଭିଳାଷ ରଖିଛନ୍ତି ତାହା ଆଜି ପୂରଣ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ବନ୍ଧୁମିଳନରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** ପଦସ୍ଥ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ଅତ୍ୟଧିକ କର୍ମଜଞ୍ଜାଳ ହେତୁ କଠିନ ଶ୍ରମଜନିତ ମାନସିକ ଚାପ ବୃଦ୍ଧି ପାଇବ। ବ୍ୟବସାୟ , ବାଣିଜ୍ୟ, ପରିବହନ ଏବଂ ଏଜେନ୍ସିପ୍ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ପ୍ରିୟ ବନ୍ଧୁଟିର ଅଶାଳୀନ ମନ୍ତବ୍ୟ କିମ୍ବା ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ଆନୁଷଙ୍ଗିକ ସହଯୋଗ ଲାଭ କରି ପୂର୍ବ ସଂକଳ୍ପିତ କାର୍ଯ୍ୟ ସାଧନ କରିପାରିବେ। ପାରିବାରିକ ସ୍ତରରେ ଶତ୍ରୁତାଜନିତ ବିଭିନ୍ନ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ଅସ୍ୱସ୍ତିକର ପରିସ୍ଥିତିରେ ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଜାନୁଆରୀ ୪ ତାରିଖ, ବିଶ୍ୱ ବ୍ରେଲ୍ ଦିବସ, ମାଘ କୃଷ୍ଣ ପ୍ରତିପଦା ରବିବାର, ରାଶିନକ୍ଷତ୍ର-ପୁନର୍ବସୁ/ ମିଥୁନ, ଦିବା ଘ.୦୯।୪୩ମି. ଗତେ, କର୍କଟ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୯ ଗତେ ଘ. ୦।୧୯ ମଧ୍ୟେ, ଘ.୦୧।୧୨ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୫ ଗତେ ଘ.୦୫।୧୬ ମଧ୍ୟେ ରାହୁକାଳ।

## ଛତିଶଗଡ଼ରେ ଏନ୍‌କାଉଣ୍ଟର...

ପ୍ରଥମ ପୃଷ୍ଠାରୁ...

ଆରମ୍ଭ ହୋଇଥିଲା। ସେଠାରୁ ୧୨ ମୃତଦେହ ଠାବ ହୋଇଥିବାବେଳେ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅନୁରୂପ ଭାବେ ବିଜାପୁର ଜଙ୍ଗଲରେ ମଧ୍ୟ ଭୋର ୫ଟାରେ ଏକ ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହୋଇଥିଲା। କିଛି ସମୟ ଧରି ଗୁଳି ବିନିମୟ ପରେ ୨ ଆତଙ୍କବାଦୀ ଟଳିପଡ଼ିଥିଲେ। ଉଭୟଙ୍କ ମୃତଦେହ ଠାବ ହୋଇଛି। ବିଜାପୁର ଜଙ୍ଗଲରେ ମଧ୍ୟ ଅପରେଶନ ଜାରି ରହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଏକେ-୪୭, ଆଇଏନ୍‌ଏସ୍‌ଏଏସ୍, ସେଲ୍ଫ-ଲୋଡିଂ ରାଇଫଲ୍ସ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅପରେଶନ ଶେଷହେବା ପରେ ଅଧିକ ତଥ୍ୟ ହସ୍ତଗତ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପୋଲିସ କହିଛି, ସୁକ୍‌ମା ଏନ୍‌କାଉଣ୍ଟରରେ ମାଓବାଦୀଙ୍କ କୋଣ୍ଟା ଏରିଆ କମିଟି ଏକପ୍ରକାର ସଫା ହୋଇଯାଇଛି। ଗତବର୍ଷ ଛତିଶଗଡ଼ରେ ହୋଇଥିବା ଅନେକ ଏନ୍‌କାଉଣ୍ଟରରେ ୨୮୫ ମାଓବାଦୀ ନିହତ ହୋଇଥିବାବେଳେ ନୂଆବର୍ଷରେ ଏହା ହେଉଛି ସୁରକ୍ଷା ବଳର ପ୍ରଥମ ଏନ୍‌କାଉଣ୍ଟର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଦିନ ମେଘ, ମେଘ ନୁହେଁ**
**ଅଦିନ କୁଣିଆ, କୁଣିଆ ନୁହେଁ।**

ସାଧାରଣତଃ ଅକାଳେ ବା ଅଦିନରେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡ଼ିଯାଇଥାଏ। ସେହିପରି ଅଦିନରେ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅନଳ ନଳ**
**ଓଦା କଞ୍ଚା ସବୁ ଜଳ ।**

ନିଆଁ ସବୁକିଛି ପୋଡ଼ିଜାଳି ଦେଇଥାଏ। ନିଆଁ ଯେପରି ଓଦା କଞ୍ଚା କିଛି ମାନି ନ ଥାଏ , ସହିଷ୍ଣୁ ଲୋକଙ୍କ ପକ୍ଷେ କଷ୍ଟ ଏବଂ ସହଜ ମଧ୍ୟରେ ଥିବା ପ୍ରଭେଦର ଗୁରୁତ୍ୱ କିଛି ରହି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆଦିତ୍ୟ ଆଲୁମିନା ....

ମୌଜାର ୩୪ ପରିବାର ଓ ନୂଆସାହିକୁ ବିସ୍ଥାପିତ ମାନ୍ୟତା ଦେବା, ୨୦୧୩ ଶିଳ୍ପନୀତି ଅନୁସାରେ ଜମିର ବଜାର ଦରର ୪ ଗୁଣା ମୂଲ୍ୟ ମୂଳ ଜମିମାଲିକଙ୍କୁ ଦେବା, ଅଣତାଲିମ କ୍ଷେତ୍ରରେ ୯୦% ଓ ତାଲିମପ୍ରାପ୍ତ କ୍ଷେତ୍ରରେ ୭୫% ଯୁବତୀଯୁବକଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦେବାକୁ ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ଠିକାଦାରଙ୍କୁ ୩୦% କାର୍ଯ୍ୟ ଦେବା, ରପ୍ତାନି କାର୍ଯ୍ୟ ବିସ୍ଥାପିତ ଓ ଜମିହରାଙ୍କୁ ଦେବା, ଉଚ୍ଚଶିକ୍ଷା ପାଇଁ ଇଞ୍ଜିନିୟରିଂ କଲେଜ ଓ ଗୁଣାତ୍ମକ ଚିକିତ୍ସା ସେବା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ସ୍ଥାପନ କରିବାକୁ ଦାବି ହୋଇଛି। କାଡ଼ାମପଦର ଗାଁ ଦେଇ କମ୍ପାନୀର ମାଇନିଂ ରାସ୍ତା ଓ ମାଇନିଂ ବେଲ୍ଟ ଯାଉଥିବା କାରଣରୁ ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପିତ ମାନ୍ୟତା ଦେବା ପାଇଁ ଦାବି କରାଯାଇଛି। ସେହିଭଳି ଆର୍‌ପିଡିଏସିରେ ସ୍ଥାନୀୟ ଅଞ୍ଚଳର ଅଖିଳ ଝୋଡ଼ିଆ, ଗଙ୍ଗାଧର ରାଜ, ରବି ମାଝି ଓ ଲଳିତା ନାଏକଙ୍କୁ ସଦସ୍ୟ କରିବା ସହ କମ୍ପାନୀରେ ଜଣେ ଓଡ଼ିଆ ସିଇଓଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କୁ ନିଯୁକ୍ତି ମିଳିଛି। ଆଗାମୀ ଦିନରେ ମଧ୍ୟ ନିଯୁକ୍ତି ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ଥାପିତଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଆଦିତ୍ୟ ଆଲୁମିନା ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ଦୀପକ ମହାନ୍ତି, ସିଏସ୍‌ଆର୍ ଓ ଆର୍‌ଆର୍ ମୁଖ୍ୟ ତନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ସୂଚନାଥାଉ କି, କଂସାରିଗୁଡ଼ାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଆଦିତ୍ୟ ଆଲୁମିନା ରିଫାଇନେରି କାରଖାନା ପ୍ରତିଷ୍ଠା ନେଇ ୨୦୦୬ରେ କଂସାରିଗୁଡ଼ା, ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଟୁଗୁଡ଼ା, କାଡ଼ାପଦର ଗ୍ରାମର ଜମି ଅଧିଗ୍ରହଣ ହୋଇଥିଲା। ଜମି ମାଲିକଙ୍କୁ ସେହି ସମୟର ଜମି ମୂଲ୍ୟ ଆଧାରରେ କ୍ଷତିପୂରଣ ଦିଆଯାଇଥିଲା। ୨୦୧୪ ନଭେମ୍ବର ୪ରେ ଅନୁଷ୍ଠିତ ଦ୍ୱିତୀୟ ଆର୍‌ପିଡିଏସି ବୈଠକରେ ତତ୍କାଳୀନ ରାଜସ୍ୱ ଆୟୁକ୍ତ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ଓ ତତ୍କାଳୀନ ଲକ୍ଷ୍ମୀପୁର ବିଧାୟକ କାର୍ଯ୍ୟ ତ୍ୱରାନ୍ୱିତକରି କାର୍ଯ୍ୟକ୍ଷମ ପାଇଁ ଆଦିତ୍ୟ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ୨୦୦୬ ଶିଳ୍ପନୀତି ଏବଂ ୨୦୧୩ ଶିଳ୍ପନୀତି ଅନୁଯାୟୀ ଜମି ଅଧିଗ୍ରହଣର ୫ବର୍ଷ ମଧ୍ୟରେ କମ୍ପାନୀ କାର୍ଯ୍ୟକ୍ଷମ ନ ହେଲେ ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦିଆଯିବ ଏବଂ ପୁନଃ ଅଧିଗ୍ରହଣ ହେବା ନିୟମ ରହିଛି। କିନ୍ତୁ କମ୍ପାନୀ ଜମି ଫେରସ୍ତ ପରିବର୍ତ୍ତେ ସେଠାରେ ୨୦୨୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଜମି ଦେଇ କାମ ନ ଥିବା ଓ ଆର୍ଥିକ କ୍ଷୟକ୍ଷତିର ଶିକାର କାରଣରୁ କମ୍ପାନୀ କାର୍ଯ୍ୟକ୍ଷମକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ନୂତନ ନିୟମାବଳୀ ଅନୁସାରେ କ୍ଷତିପୂରଣ ଦାବି କରିଥିଲେ। ପୁନଃ ଆର୍‌ପିଡିଏସି ବୈଠକ ପାଇଁ ଦାବି ହେଉଥିଲେ ମଧ୍ୟ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଗତ ଡିସେମ୍ବରରେ କମ୍ପାନୀ ସମ୍ମୁଖରେ ଜମି ଦେଇଥିବା ଲୋକେ ଧାରଣାରେ ବସିଥିଲେ। ସେହି ସମୟରେ ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଏକ ବୈଠକ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



ବୈଠକରେ ରାୟଗଡ଼ା ଉପଜିଲାପାଳ, କମ୍ପାନୀ କର୍ତ୍ତୃପକ୍ଷ ଓ ଜମିହରାମାନେ ଆଲୋଚନା କରୁଛନ୍ତି।

## ଭେନେଜୁଏଲାରେ ଆମେରିକାର ...

କହିଛି। ଏହା ବିରୋଧରେ ଜନସାଧାରଣ ରାସ୍ତାକୁ ଓହ୍ଲାଇବାକୁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ମାଦୁରୋ ଓ ତାଙ୍କ ସ୍ତ୍ରୀ ତଥା ଭେନେଜୁଏଲାର ଫାଷ୍ଟ ଲେଡି ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକା ଗିରଫ କରିଥିବା ଦାବି କରୁଥିବାବେଳେ ସେ ଏବେ କେଉଁଠି ତାହା ଜଣାପଡ଼ିନାହିଁ। ତେଣୁ ଏବେ ଦେଶ କିଏ ଚଳାଉଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ଭେନେଜୁଏଲା ଆଇନ ଅନୁଯାୟୀ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍ କ୍ଷମତା ହାତକୁ ନେବେ। ତେବେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି କି ନାହିଁ, ତାହା ଜଣାପଡ଼ିନାହିଁ। ଗିରଫ ପରେ ମାଦୁରୋ ଏବଂ ଫ୍ଲୋରେସ୍ ବଞ୍ଚିଥିବା ନେଇ ଆମେ ପ୍ରମାଣ ଦାବି କରୁଛୁ ବୋଲି ଉପରାଷ୍ଟ୍ରପତି ରୋଡ୍ରିଗୁଏଜ୍ କହିଛନ୍ତି।

ଆମେରିକା ଆଇନ ଅନୁଯାୟୀ, ଆକ୍ରମଣର ଆଇନଗତ ନିହିତାର୍ଥ ତୁରନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି, ଆମେରିକାରେ ଆପରାଧିକ ମାମଲାର ବିଚାର ପାଇଁ ମାଦୁରୋଙ୍କୁ ଆମେରିକା ସୁରକ୍ଷା ବଳ ଗିରଫ କରିଛି। ତେବେ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ କେଉଁଠିକୁ ନିଆଯାଇଛି, ସେ ନେଇ ହ୍ୱାଇଟ୍ ହାଉସ୍ ନୀରବ ରହିଛି। ନ୍ୟୁୟର୍କର ସଦର୍ନ ଡିଷ୍ଟ୍ରିକ୍ଟ ୨୦୨୦ ମାର୍ଚ୍ଚରେ ମାଦୁରୋଙ୍କ ବିରୋଧରେ ନାର୍କୋ ଟେରୋରିଜମ୍ ଅଭିଯୋଗ ଆଣିଥିଲା।

ଗତ ଶୁକ୍ରବାର ମାଦୁରୋଙ୍କ ଶେଷ ଥର ପାଇଁ କାରାକାସ୍‌ରେ ଚାଇନା ଅଫିସରମାନଙ୍କ ଏକ ପ୍ରତିନିଧି ଦଳ ସହ ବୈଠକ କରୁଥିବା ସରକାରୀ ଟିଭିରେ ଦେଖିବାକୁ ମିଳିଥିଲା। ନୂଆବର୍ଷର ତୃତୀୟ ଦିନରେ କାରାକାସ୍ ଉପରେ ଆମେରିକା ଅନ୍ୟୂନ ୭ଟି ବୋମାମାଡ଼ କରିଛି। ଲୋକମାନେ ଭୟରେ ରାସ୍ତାକୁ ପଳାଇଆସିଥିଲେ। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିବା ସୋସିଆଲ ମିଡିଆରେ ଲୋକେ ପୋଷ୍ଟ କରିଛନ୍ତି। ୩୦ ମିନିଟ୍‌ର ଏହି ଆକ୍ରମଣରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଆକ୍ରମଣକୁ ଦୃଷ୍ଟିରେ ରଖି ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଭେନେଜୁଏଲାରେ ଆମେରିକାର ବ୍ୟବସାୟିକ ବିମାନ ଚଳାଚଳକୁ ନିଷେଧ କରିଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଭେନେଜୁଏଲାର ଡ୍ରଗ୍ସ ଉତ୍ପାଦନକାରୀମାନେ ବ୍ୟବହାର କରୁଥିବା ଏକ ଡକିଂ ଅଞ୍ଚଳରେ ମିଶାଇଲ୍ ମାଡ଼ ହୋଇଥିଲା। ଏହି ଆକ୍ରମଣ ପଛରେ ସିଆଇଏ (ଆମେରିକାର କେନ୍ଦ୍ରୀୟ ଗୋଇନ୍ଦା ଏଜେନ୍ସି) ଥିଲା। ସେପ୍ଟେମ୍ବରରେ ଆମେରିକା ଆକ୍ରମଣ ଆରମ୍ଭ କରିବା ପରଠାରୁ ଭେନେଜୁଏଲା ମାଟିରେ ଏହା ପ୍ରଥମ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଥିଲା। ଏହା ପୂର୍ବରୁ କିଛିମାସ ହେଲା ନିଶାଦ୍ରବ୍ୟ ପରିବହନ କରୁଥିବା ବୋଟ୍‌ଗୁଡ଼ିକ ଉପରେ ଆକ୍ରମଣ ଚାଲିଥିବାବେଳେ ଖୁବ୍‌ଶୀଘ୍ର ଭେନେଜୁଏଲା ମାଟିରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବେ ବୋଲି ଟ୍ରମ୍ପ୍ ଧମକ ଦେଇଥିଲେ। ତେବେ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଆମେରିକାର ସେନା ଅଭିଯାନ ଏକ ଲୁଚାଛପା ପ୍ରୟାସ ବୋଲି ମାଦୁରୋ ଅଭିଯୋଗ କରିଥିଲେ।

ଭେନେଜୁଏଲା ଉପରେ ଆମେରିକାର ଜୋର୍‌ଦାର ଆକ୍ରମଣ ଏବଂ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରି ଦେଶ ବାହାରକୁ ନେଇଯିବା ଘଟଣାକୁ ନେଇ ବିଭିନ୍ନ ଦେଶ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କଲମ୍ବିଆର ବାମପନ୍ଥୀ ରାଷ୍ଟ୍ରପତି ଗୁଷ୍ଟଭୋ ପେଟ୍ରୋ ଜାତିସଂଘର ଜରୁରୀ ବୈଠକ ଡାକିବାକୁ ଆହ୍ୱାନ ଦେଇଛନ୍ତି। ସେ ଭେନେଜୁଏଲା ସୀମାରେ ସେନା ମୁତୟନ କରିଛନ୍ତି। ଆମେରିକା ଓ ଭେନେଜୁଏଲା ମଧ୍ୟରେ ସୃଷ୍ଟ ସଙ୍କଟର ସମାଧାନ ପାଇଁ ସ୍ପେନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛି। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ରୁଷିଆ ନିନ୍ଦା କରିଛି। ଆକ୍ରମଣ ପଛରେ କୌଣସି ତର୍କସଙ୍ଗତ ଯଥାର୍ଥତା ନାହିଁ। କୂଟନୀତି ଉପରେ ବୈଚାରିକ ଶତ୍ରୁତା ଲଦିଦିଆଯାଇଥିବା ମସ୍କୋ କହିଛି। ଭେନେଜୁଏଲା ଉପରେ ଆକ୍ରମଣକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କଡ଼ା ନିନ୍ଦା କରିଛି। ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାର ଏହା ଘୋର ଉଲ୍ଲଂଘନ ବୋଲି ଇରାନ କହିଛି।

## ଏଫ୍ଏମ୍ୟୁରେ 'ସଡ଼କ ସୁରକ୍ଷା ମାସ ୨୦୨୬'
# ପଦଯାତ୍ରାରେ ସଚେତନତା ବାର୍ତ୍ତା

**ବାଲେଶ୍ୱର, ୩।୧ (ବାଞ୍ଛାନିଧି ଦେ)**

'ସଡ଼କ ସୁରକ୍ଷା ମାସ ୨୦୨୬' ଅବସରରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋ ପକ୍ଷରୁ ଇମାମୀ ପେପର ମିଲ୍ସ ଲିମିଟେଡ୍ ସହଯୋଗରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦିଗ୍‌ଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଡ଼କ ଚଳାଚଳରେ ଦାୟିତ୍ୱଶୀଳ ବ୍ୟବହାର ଓ ଯାନବାହନ ବ୍ୟବହାର ସମ୍ବନ୍ଧିତ ନିୟମ ପାଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ। ନୂଆପାଢ଼ୀସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଇମାମୀ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଇମାମୀ ପେପର ମିଲ୍ସର କର୍ମଚାରୀ, ଏବଂ ରେମୁଣା କଲେଜର କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଡ଼କ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱବୋଧକୁ ସ୍ପଷ୍ଟ ପ୍ରଦର୍ଶନ କରି ଅଂଶଗ୍ରହଣକାରୀଙ୍କ ଦ୍ୱାରା ସ୍ଲୋଗାନ ଓ ପ୍ଲାକାର୍ଡ଼ ପ୍ରଦର୍ଶନ କରାଯାଇଥିଲା। ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍ଏସ୍ଏସ୍ ବ୍ୟୁରୋ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏବଂ ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନଙ୍କ ସମେତ ଇମାମୀ ପେପର ମିଲ୍ସ ଲିମିଟେଡର ବରିଷ୍ଠ ଅଧକ୍ଷ ଆଶିଷ ଏ. ଗୁପ୍ତା, ଯାତାୟାତ ନିରୀକ୍ଷକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପେପର ମିଲ୍ସର ବରିଷ୍ଠ ସୁରକ୍ଷା ପ୍ରବନ୍ଧକ ରଞ୍ଜିତ ଦାସ ଯୋଗଦେଇ ସାଧାରଣ ଜୀବନରେ ସଡ଼କ ସୁରକ୍ଷା ସଚେତନତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପଦଯାତ୍ରା ପରେ ମନ୍ଦିର ପରିସରରେ ଆୟୋଜିତ ସଚେତନତା ସଭାରେ ସମସ୍ତ ଅତିଥି ଅଂଶଗ୍ରହୀମାନଙ୍କୁ ଯାନବାହନ ନିୟମକାନୁନର କଠୋର ପାଳନ ଓ ସଡ଼କରେ ଦାୟିତ୍ୱଶୀଳ ଆଚରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଶିଷ ଏ. ଗୁପ୍ତା ସଡ଼କ ନିୟମ ଶିଖିବା, ପାଳନ କରିବା ଓ କାର୍ଯ୍ୟକାରୀ ଭାବେ ରୂପାୟଣ କରିବା, ଦୁର୍ଘଟଣା ରୋକିବା ସହ ଅନେକ ମୂଲ୍ୟବାନ ଜୀବନରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। ଶେଷରେ ଇମାମୀ ପେପର ମିଲ୍ସର ବ୍ୟକ୍ତିଗତ ଓ ଲୋକସମ୍ପର୍କ ବିଭାଗର ଉପମହାପ୍ରବନ୍ଧକ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।



ସଚେତନତା ପଦଯାତ୍ରା।

# କଂଗ୍ରେସର ମିଶ୍ରଣ ପର୍ବ


କଂଗ୍ରେସରେ ସାମିଲ ହୋଇଥିବା ନୂତନ କର୍ମୀ।

**ଲଙ୍ଗଳେଶ୍ୱର, ୩।୧ (କମଳାକାନ୍ତ ଦାସ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତ ପାକମୁଡ଼ି ଗ୍ରାମରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ମହାମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଜେଡି ଏବଂ ଭାଜପା ଦଳର ଶତାଧିକ କର୍ମୀ ନିଜ ନିଜର ଦଳକୁ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ସଭାରେ ବଡ଼ାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ବଡ଼ାଶ କଂଗ୍ରେସ ଦଳର ସଭାପତି ବିଭୂତି ଭୂଷଣ କରଣ, ବିଶିଷ୍ଟ ଶିକ୍ଷାବିତ୍ (ଶିକ୍ଷକ) ନଗେନ୍ଦ୍ର ଦାସ, ୧୫ ନମ୍ବର ୱାର୍ଡ଼ମେମ୍ବର ରାଖାଲ ଚନ୍ଦ୍ର ବେହେରା, ନାଏବ ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସ, ରମେଶ ଚନ୍ଦ୍ର ଦାସ, ବୁଲୁ ଜେନା ପ୍ରମୁଖ ଉପସ୍ଥିତ ରହି ସଭାକୁ ସୁରୁଖୁରୁରେ ଚଳାଇବା ସହ, ମିଶ୍ରଣରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ଉପଦେଶ ମାନ ଦେଇଥିଲେ।

# ସ୍ୱର୍ଣ୍ଣଜୟୀ ଛାତ୍ରୀ ବିଜୟିନୀ


ସଫଳ ଛାତ୍ରୀଛାତ୍ର।

**ଭୋଗରାଇ, ୩।୧ (ପ୍ରଦୀପ ଦାସ)**

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଧାସ୍ଥିତ ଦେବ ଇଣ୍ଟରନ୍ୟାଶନାଲ ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ରୀ ବିଜୟିନୀ ଭଞ୍ଜ ନିକଟରେ ହୋଇଥିବା ଭଦ୍ରକ ମହାରାଜା ଅଗ୍ରସେନ ଭବନଠାରେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ଉକ୍ତ ସ୍କୁଲର ୩ୟ ଶ୍ରେଣୀ ଛାତ୍ର ଏସ୍. କେ. ଆସିଫ, ୫ମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ଜେନା, ୭ମ ଶ୍ରେଣୀ ଛାତ୍ର ଅଭିନନ୍ଦନ ଜେନା ଏହି କ୍ରୀଡା ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସ୍ୱର୍ଣ୍ଣଜୟୀ ଓ ବ୍ରୋଞ୍ଜ ପଦକ ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଚେୟାରମ୍ୟାନ ଦେବାଶିଷ ବିଶ୍ୱାଳ ଅଭିନନ୍ଦନ ଜଣାଇବା ସହିତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କୁ ସେ ଶ୍ରେୟ ଦେଇଛନ୍ତି।

# ଜଗନ୍ନାଥଙ୍କ ପ୍ରେମରେ ବନ୍ଧା ବଙ୍କିମ

## ଝାଟିମାଟି କୁଡ଼ିଆରେ ନିର୍ମାଣ କରୁଛନ୍ତି ମନ୍ଦିର

**କାଳିପଦା, ୩।୧ (ରାଜଶ୍ରୀ ପାଣିଗ୍ରାହୀ)**

ଜଗନ୍ନାଥଙ୍କ ପ୍ରେମରେ ସାରା ଜଗତ। କାଳିଆର ଟିକେ ଆଶିଷ ପାଇବା ପାଇଁ ଭକ୍ତ କାହିଁ କେତେ ଦୂରରୁ ପୁରୀ ଶ୍ରୀମନ୍ଦିରକୁ ଛୁଟି ଆସିଥାନ୍ତି। କାଳିଆ ସାଆନ୍ତଙ୍କୁ ଆଖି ପୂରାଇ ଦେଖିବା ପାଇଁ କାହାରବା ଇଛା ନ ହୁଏ। ମାତ୍ର ଦାରିଦ୍ର୍ୟ ତାଡ଼ନାରେ କାଳାତିପାତ କରୁଥିବା ଭକ୍ତ ସବୁ ବେଳେ ଶ୍ରୀମନ୍ଦିର ଯିବା ସମ୍ଭବ ହୋଇ ନ ଥାଏ। ଏମିତି ଜଣେ ଭକ୍ତ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ଗାଁରେ ଥିବା ବୃଦ୍ଧ ବଙ୍କିମ ଦାସ।

ପିଲାଟି ଦିନରୁ କାଳିଆ ପ୍ରେମରେ ନିଜକୁ ନିୟୋଜିତ କରିଆସୁଛନ୍ତି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର। ସବୁ ସମୟରେ ପୁରୀ ଶ୍ରୀମନ୍ଦିର ଯାଇ ଜଗା ଦର୍ଶନ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ତାଙ୍କର ପ୍ରତ୍ୟେକ ଦିନ ସବୁ ସମୟରେ ଶ୍ରୀମନ୍ଦିର ଦର୍ଶନର ମନର ପରିକଳ୍ପନାକୁ ନିଜ ଝାଟି ମାଟି କୁଡ଼ିଆରେ ନିଜ ସେ ତାଙ୍କ ହାତରେ ମନ୍ଦିର ନିର୍ମାଣ କରୁଛନ୍ତି। ନିଜର ବାର୍ଦ୍ଧକ୍ୟ ଭତ୍ତା ଯାହା ପାଆନ୍ତି ସେଥିରେ ମନ୍ଦିର ତିଆରି ପାଇଁ ସୋଲ, ସୂତା, ପେପର, ଭଲିକି ଭଲି ଚିକିମିକି କରୁଥିବା ପଥର, ରଙ୍ଗ ଏବଂ ମାଳିକୁ ବିଭିନ୍ନ ଜାଗାରୁ ସାଉଁଟି ୮ ବର୍ଷ ଧରି ତିଆରି କରିବାରେ ଲାଗିଛନ୍ତି ବଙ୍କିମ। ଏସବୁ ସାମଗ୍ରୀକୁ ବ୍ୟବହାର କରି ନିମଗ୍ନ ହୋଇ ରାତି ଦିନ ଲାଗିପଡିଛନ୍ତି ନିର୍ମାଣ କାର୍ଯ୍ୟରେ। ଏହି କାରୁକାର୍ଯ୍ୟ ଦେଖିବା ପାଇଁ ସ୍ଥାନୀୟ ଲୋକେ ଉତ୍ସାହର ସହ ଛୁଟି ଆସିଥାନ୍ତି। ଯିଏ ଦେଖିବ ତାର ଆଖି ଲାଖି ଯିବ। ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି ତିନିଠାକୁର, ନୀଳଚକ୍ର, ଚାରି ଦୁଆର, ଶଙ୍ଖ, ଚକ୍ର, ଗଦା, ପଦ୍ମ ସହିତ ବିଭିନ୍ନ ପ୍ରକାରର କାରୁକାର୍ଯ୍ୟ ରହିଛି। ମନ୍ଦିର ଓ ଜଗା ଦର୍ଶନ ପାଇଁ ସେ ଏମିତି କାରୁକାର୍ଯ୍ୟ କରି ତାଙ୍କୁ ଶାନ୍ତି ମିଳୁଛି ବୋଲି କହିଛନ୍ତି। ଏଥିସହିତ ଘର ଭିତରେ ଲୁକ୍କାୟିତ କରି ରଖିଥିବା ଠାକୁର ପାଇଁ ଏକ ମନ୍ଦିର ନିର୍ମାଣ ପାଇଁ ଆଶା ରଖିଛନ୍ତି ବୋଲି ବଙ୍କିମ କହିଛନ୍ତି।


ବଙ୍କିମ ଘରେ ତିଆରି କରିଥିବା ମନ୍ଦିର।

# ଗଜେନ୍ଦ୍ର ଉପାଧ୍ୟାୟଙ୍କ ୧୭ତମ ଶ୍ରଦ୍ଧାଞ୍ଜଳି ସଭା

## 'ଆର୍ଥିକ ପ୍ରଗତିରେ ସମବାୟର ଭୂମିକା' ଆଲୋଚନାଚକ୍ର

**ସୋର, ୩।୧ (ଜନ୍ମେଜୟ ମିଶ୍ର)**

ବିଶିଷ୍ଟ ରାଜନେତା ଓ ନାଟ୍ୟକାର ସମବାୟବିତ୍ ଗଜେନ୍ଦ୍ର ଉପାଧ୍ୟାୟଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ମହେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ରୟାଲ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆର୍ଥିକ ପ୍ରଗତିରେ ସମବାୟର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡା ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାଶ ଯୋଗଦେଇ ସମବାୟ ଭିତ୍ତିଭୂମିର ବିକାଶ ରାଜ୍ୟର ଅଧିକାଂଶ ବ୍ୟକ୍ତିଙ୍କର ଆର୍ଥିକ ପ୍ରଗତିର ମୂଳଦୁଆ ପକାଇଥାଏ। ବ୍ୟକ୍ତିର ବିକାଶରେ ସମାଜର ବିକାଶ, ସମାଜର ବିକାଶରେ ଦେଶର ପ୍ରଗତି ହୋଇଥାଏ। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ଉପାଧ୍ୟାୟଙ୍କର ଭୂମିକା କେବଳ ସୋର ନୁହେଁ ସମଗ୍ର ଜିଲା ସମବାୟର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେ ରାଜନୀତିର ଭୀଷ୍ମ ପିତାମହ କାର୍ଯ୍ୟ କରିବା ସହିତ ନାଟ୍ୟକାର ଭାବେ ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ। ସମ୍ପାଦକ ବିଜୟ କୁମାର ସ, ଗଙ୍ଗାଧର ମହାନା, ସାଜନପୁର ସମିତିସଭ୍ୟ ଅଶୋକ କୁମାର ନାୟକ, ଶଙ୍କର୍ଷଣ ବାରିକ, ସନ୍ତୋଷ ମହାନ୍ତି, ମିହିର ପାଣି, ନନ୍ଦକିଶୋର ସାହୁ, ଗୌରରୀଶଙ୍କର, ମହେଶ୍ୱର ଭୋଇ, ରବିନାରାୟଣ ପଣ୍ଡା, କମଳାକାନ୍ତ ଘ ଉପାଧ୍ୟାୟ, ଗୋପାଳ ପଲେଇ, ବସନ୍ତ ଘୋଷ, ଦେବେନ୍ଦ୍ର ନାୟକ, ମନୋଜ ରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପୁଅ ଜିତେନ୍ଦ୍ର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

# ଏଫ୍ଏମ୍ କନିଷ୍ଠ ମହାବିଦ୍ୟାଳୟରେ ନୂତନ ଅଧକ୍ଷ

**ବାଲେଶ୍ୱର, ୩।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ୨୦୧୧ ବ୍ୟାଚ୍‌ର ଓଇଏସ ଅଫିସର ଡ. ସୋନାଲିସା ମହାନ୍ତି ଯୋଗ ଦେଇଛନ୍ତି। ପୂର୍ବତନ ଅଧକ୍ଷ ପ୍ରଦୀପ କୁମାର ରଣାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶାର ଏକ ଖ୍ୟାତନାମା ଶିକ୍ଷାନୁଷ୍ଠାନ ଭାବେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ରାଜ୍ୟ ଓ ଜାତୀୟସ୍ତରରେ ଅନେକ ସୁନାମ ରହିଛି। ତଥାପି ଏହା ନିଜସ୍ୱ ସ୍ୱତନ୍ତ୍ର ଭିତ୍ତିଭୂମି ଅଭାବରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ତେଣୁ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ସହିତ ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି କହିଛନ୍ତି।

ପୂର୍ବତନ ଅଧକ୍ଷ ପ୍ରଦୀପ କୁମାର ରଣା ଓଡ଼ିଶାର ଉଚ୍ଚ ଶିକ୍ଷା ବିଭାଗରେ ଯୋଗଦାନ କରିଛନ୍ତି। ପ୍ରଶାସନିକ ଅଧିକାରୀ ଭାବେ ୨୦୧୧ ବ୍ୟାଚ୍‌ର ଓଇଏସ ଅଫିସର ଡ. ସନ୍ତୋଷ କୁମାର ରାଉତ ଦାୟିତ୍ୱରେ ଅଛନ୍ତି। ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ନୂତନ ଅଧକ୍ଷଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ନୂତନ ଅଧକ୍ଷଙ୍କୁ ସ୍ୱାଗତ କରାଯାଉଛି।

# ଅଲାଲପୁର-ମଣିପାଟଣା ରାସ୍ତାରେ ଲାଗିବ ୭୩ ଲାଇଟ୍ ପୋଷ୍ଟ

**ଜଳେଶ୍ୱର, ୩।୧ (ନବୀନ ସାହୁ)**

ଜଳେଶ୍ୱର ପୌରପାଳିକା ଅଧୀନ ଅଲାଲପୁର-ମଣିପାଟଣା ରାସ୍ତାରେ ରାଜ୍ୟ ସରକାରଙ୍କ ଗ୍ରୀନଫିଲ୍ଡ ଯୋଜନାରେ ୧୫ଲକ୍ଷ ଟଙ୍କା ବ୍ୟୟରେ ୭୩ଟି ଲାଇଟପୋଷ୍ଟ ଲାଗିବାକୁ ଥିବା ବେଳେ ଶନିବାର ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଅଲାଲପୁର ଗାଁ ସନ୍ନିକଟ ମା' ଝଗେଡ଼େଶ୍ୱରୀ ଠାକୁରାଣୀଙ୍କ ପୀଠରୁ ପ୍ରାକ୍ତନ ଏବିଇଓ ବନମାଳୀ ଧଳଙ୍କ ଦ୍ୱାରା ଏହି ଲାଇଟ୍‌ପୋଷ୍ଟ ଲାଗିବା କାମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ଭାଜପାର ପ୍ରାକ୍ତନ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, କାଉନସିଲର ତଥା ଭାଜପା ନଗର ସଭାପତି ଶିବନାରାୟଣ ମହାପାତ୍ର, କାଉନସିଲର ଚନ୍ଦନ ଦାସ, ଯୁବନେତା ରାଜେଶ ଖଟୁଆ, ଅଲାଲପୁର ସେବା ସମବାୟ ସମିତି ସଭାପତି ତଥା ଆଇନଜୀବୀ ସଞ୍ଜୀବ କୁମାର ପାତ୍ର, ପ୍ରାକ୍ତନ କାଉନସିଲର ଅନନ୍ତ ଦାସ, ବିଶ୍ୱଭୂଷଣ ଦାସ, ସମର କରଣ, ଅଞ୍ଜନ ଦାସ, ତାପସ ପାଣିଗ୍ରାହୀ,ସପନ କୁମାର ଦେ, ତପନ କୁମାର ଭୂୟାଁ, ରାଖାଲ ମଣ୍ଡଳ, ଖୋକନ ବାରିକ, ସଞ୍ଜିତ କୁମାର ରାୟ, ପାର୍ଥବୀର ଦେ, ବିନାୟକ ରାୟ, ଧ୍ରୁବ କୁଣ୍ଡ, ଦିବାକର ସିଂହ, ଶଶୀଭୂଷଣ ପାତ୍ର, ମନୋରଞ୍ଜନ ଦାସ, ବ୍ରଜବିହାରୀ ଦେ ଓ ଜୟନ୍ତ ଜେନା ପ୍ରମୁଖ ସାମିଲ ହୋଇ ବକ୍ତବ୍ୟ ଦେଇଥିଲେ।


ଲାଇଟ୍ ପୋଷ୍ଟ ଶୁଭାରମ୍ଭ କାର୍ଯ୍ୟକ୍ରମ।

# ଶାରୀଶୁଆ ପାହାଡରେ ଜିଲାପାଳ, ଏସ୍‌ପି

## ଚେକପୋଷ୍ଟ, ସିସି କ୍ୟାମେରା ପାଇଁ ଜାଗା ନିରୂପଣ

**ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରେ ବେଆଇନ ଲଘୁଖଣିଜ ପଦାର୍ଥ ଉତ୍ତୋଳନକୁ ବନ୍ଦ କରିବା ଲକ୍ଷ୍ୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକର ଶନିବାର ପାହାଡ ଅଞ୍ଚଳ ଗସ୍ତ କରୁଛନ୍ତି । କିଛିଦିନ ତଳେ ପାହାଡରେ ବିଏନଏସ ଧାରା ୧୬୩ ଲାଗୁ କରିବା ପରେ ଶନିବାର ଚେକପୋଷ୍ଟ ବସାଯିବା ଓ ସିସି କ୍ୟାମେରା ଲଗାଯିବା ପାଇଁ ସ୍ଥାନ ନିରୁପଣ କରିଛନ୍ତି । ବିଶେଷ ଭାବେ ମା' ମଙ୍ଗଳା କ୍ରସର ଛକ, ଦେଉଳଗଡି ପେଟ୍ରୋଲ ପମ୍ପ ଏବଂ ବଗେଇପୁର ଗ୍ରାମ ସମ୍ମୁଖ ଗାଭର ଛକରେ ଚେକପୋଷ୍ଟ ଓ କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନରେ ଉପଜିଲାପାଳ ଶିବ ମାଲବିୟ, ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ, କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ତହସିଲଦାର ଅମିତରଞ୍ଜନ ହୋତା ପ୍ରମୁଖ ସାମିଲ ଥିଲେ।

# ପଥର ବୋଝେଇ ଡମ୍ପର ଜବତ

**ସୋର, ୩।୧ (ଜନ୍ମେଜୟ ମିଶ୍ର)**

ସୋର ତହସିଲ ପକ୍ଷରୁ ଚଢାଉ କରାଯାଇ ଏକ ପଥର ବୋଝେଇ ଡମ୍ପର ଜବତ କରାଯାଇଛି। ପଥର ଲୁଟ୍ ଚାଲିଥିବାର ଖବରପାଇ ସୋର ତହସିଲଦାର ଦୈତାରୀ ମଲିକ ସୋର ଥାନା ବରଫ କଳ ଛକ ନିକଟରେ ଅଚାନକ ଚଢାଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ପଥର ବୋଝେଇ ଡମ୍ପର(ନଂ. ଓଆର ୧୬ ଡି ୩୨୧୭ ) ଖଞ୍ଜାମାହାଲ ପାହାଡରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଉକ୍ତ ଗାଡିକୁ ଜବତ କରି ସୋର ପୋଲିସକୁ ହସ୍ତାନ୍ତର କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ଫୁଲତୋଡ଼ା ସହ ରାଶନକାର୍ଡ ପ୍ରଦାନ

## ବାଲିଆପାଳ ବିଡିଓଙ୍କ ନୂଆ ବର୍ଷର ନୂଆ ପ୍ରୟାସ

**ଲଙ୍ଗଳେଶ୍ୱର, ୩।୧ (କମଳାକାନ୍ତ ଦାସ)**

ନୂଆବର୍ଷ ଉପଲକ୍ଷେ ବାଲିଆପାଳ ପ୍ରଶାସନ ପକ୍ଷରୁ ନୂଆ ପ୍ରୟାସ ଦେଖିବାକୁ ମିଳିଛି। ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ଓ ନୂତନ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ଦିବ୍ୟାଙ୍ଗ ଓ ଦିନମଜୁରିଆ ପରିବାରଙ୍କ ପାଇଁ 'ଦେବଦୂତ' ସାଜିଛନ୍ତି। ଦୀର୍ଘଦିନ ଧରି ବାଲିଆପାଳ ବ୍ଲକ ଅଧୀନ ବଣିଆଡିହା, କୁଷୁଲି, ସାଉଡ଼ି ପଞ୍ଚାୟତର ୪ଜଣ ଦିବ୍ୟାଙ୍ଗ ଓ ଦୁଇଟି ଅସହାୟ ଆଦିବାସୀ ପରିବାର ରାଶନକାର୍ଡ ପାଇବାରୁ ବଞ୍ଚିତ ରହିଆସୁଥିଲେ। ଏହି ସମସ୍ୟାକୁ ପଞ୍ଚାୟତ ପ୍ରଶାସନ ଦୀର୍ଘଦିନ ଧରି ଅଣଦେଖା କରିଆସୁଥିବା ଅଭିଯୋଗ ଥିଲା। ସୁଶାସନ ସପ୍ତାହ ଅବସରରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଏହି ଦିବ୍ୟାଙ୍ଗ ଓ ଆଦିବାସୀ ପରିବାରଙ୍କ ରାଶନ ସମସ୍ୟା ବିଷୟରେ ବିଡିଓଙ୍କୁ ଅଭିଯୋଗ ଜଣାଇଥିଲେ। ଅଭିଯୋଗ ପାଇବା ପରେ ବିଡିଓ ଦାସ ଯୋଗାଣ ଅଧିକାରୀ ମହାରଣାଙ୍କୁ ତଦନ୍ତ ଓ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ସରକାରୀ ନିୟମ ଓ ଅଗ୍ରାଧିକାର ଆଧାରରେ ଏହି ଦିବ୍ୟାଙ୍ଗ ଓ ଆଦିବାସୀ ପରିବାରଙ୍କ ପାଇଁ ରାଶନକାର୍ଡ ପ୍ରସ୍ତୁତ କରାଯାଇ ବିଡିଓଙ୍କୁ ସୂଚନା ଦିଆଯାଇଥିଲା।

ନୂଆବର୍ଷ ଆରମ୍ଭ ଅବସରରେ ବିଡିଓ ଦାସ ଓ ଯୋଗାଣ ଅଧିକାରୀ ମହାରଣା ମାନବିକତା ଦୃଷ୍ଟିରୁ ଏହି ୪ ଜଣ ଦିବ୍ୟାଙ୍ଗ ଓ ୨ ଅସହାୟ ଆଦିବାସୀ ପରିବାରକୁ ଫୁଲତୋଡ଼ା ଦେଇ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ରାଶନକାର୍ଡ ପ୍ରଦାନ କରିଥିଲେ। 'ଆମ ଅଧିକାର ଫାଉଣ୍ଡେଶନ'ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ପୂର୍ବତନ ମନ୍ତ୍ରୀଙ୍କ ଯୋଗଦାନକୁ ନେଇ ଚର୍ଚ୍ଚା ଜୋର ଧରିଲା

## କୁପାରୀରେ ପୂର୍ବତନ ବ୍ଲକ୍ ଉପାଧକ୍ଷଙ୍କ ବନ୍ଧୁମିଳନ

**ଖଇରା, ୩।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିରେ ପୂର୍ବରୁ ୨ଥର ଉପାଧକ୍ଷ ଆସନ ହାତେଇଥିବା ଜୟନ୍ତ କୁମାର ରାଉତଙ୍କ ଶନିବାର ବନ୍ଧୁମିଳନ ଓ ୫୩ତମ ଜନ୍ମଦିନ ପାଳନରେ ହଠାତ୍ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କ ଉପସ୍ଥିତି ସିମୁଳିଆ ନିର୍ବାଚନମଣ୍ଡଳୀର ପାଣିପାଗକୁ ସରଗରମ କରିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ମିଳନ ଆଗାମୀ ୨୦୨୬ ପାଇଁ କିଛି ନୂଆ ସମ୍ଭାବନାର ସୂଚନା ଦେଇଛି। ପୂର୍ବ ସୂଚନା ଅନୁଯାୟୀ ରାଉତ ଶନିବାର ନିଜ ସମର୍ଥକଙ୍କ ମଧ୍ୟରେ ବନ୍ଧୁ ମିଳନ ଆୟୋଜନ କରିଥିଲେ। କୁପାରୀ ପଞ୍ଚାୟତରୁ ହଜାରରେ ଉର୍ଦ୍ଧ୍ୱ ସମର୍ଥକ ଉପସ୍ଥିତ ରହି ପୂର୍ବତନ ଉପାଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଚାଲିଥିଲେ। ଏଭଳି ସମୟରେ ପୂର୍ବତନ ମନ୍ତ୍ରୀ ଓ ନୀଳଗିରିର ପୂର୍ବତନ ବିଧାୟକ ଯୋଗଦାନ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ବର୍ତ୍ତମାନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସହ ରାଉତ ନିକଟତର ହେବା ଏବଂ ନିର୍ବାଚନ ପରେ ବିଧାୟକ ଓ ରାଉତଙ୍କ ମଧ୍ୟରେ ମନାନ୍ତର ଏବଂ ପୁଣି ହଠାତ୍ ଜ୍ୟୋତିପ୍ରକାଶ ଓ ଜୟନ୍ତ ରାଉତଙ୍କ ମଧ୍ୟରେ ଘନିଷ୍ଠତା ସିମୁଳିଆ ନିର୍ବାଚନମଣ୍ଡଳୀର କିଛି ନୂଆ ସମୀକରଣକୁ ଇଙ୍ଗିତ କରୁଛି । ଏ ସମ୍ପର୍କରେ ପ୍ରାକ୍ତନ ଉପାଧକ୍ଷଙ୍କୁ ଯୋଗାଯୋଗ କରିବାରେ ଏହା କୌଣସି ରାଜନୈତିକ ବୈଠକ ନ ଥିଲା କିମ୍ବା ଦଳୀୟ କାର୍ଯ୍ୟକ୍ରମ ନ ଥିଲା। ଜ୍ୟୋତି ପାଣିଗ୍ରାହୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସୁସମ୍ପର୍କ ରହିଛି। ଏଥିଯୋଗୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ସେମାନେ ଆସିଥିଲେ ବୋଲି କହିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦୂରେଇ ଯାଇଥିବା ଖାସ ଅନୁଗତଙ୍କୁ ପାଣିଗ୍ରାହୀ ପାଖକୁ ଆଣିବାରେ ସକ୍ଷମ ହେବା ଏବେ ବିରୋଧୀଙ୍କୁ ଚିନ୍ତାରେ ପକାଇଛି।



ବନ୍ଧୁ ମିଳନ ମଞ୍ଚରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଜୟନ୍ତ ରାଉତ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। **-ଶ୍ରୀମା**



# ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା



ଆକାର ପଟେଲ

୨୦୨୬ରେ ଆମ ଯୁଗର ଦୁଇ ବୃହତ୍ ଶକ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧର ଶେଷଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେରିକା ବିଶ୍ୱବ୍ୟାପୀ ପ୍ରାଧାନ୍ୟ ବିସ୍ତାର କରିଆସିଛି। ଏହି ପ୍ରାଧାନ୍ୟ ଏବେ ଶେଷ ହେବାକୁ ଯାଉଥିବା ମନେ ହେଉଛି। ୨୦୦୧ରେ ଆମେରିକା ବିଶ୍ୱ ବାଣିଜ୍ୟ ଉପରେ ରାଜତ୍ୱ କରିଥିଲା। ହେଲେ ଏବେ ଚାଇନା ୧୫୦ରୁ ଅଧିକ ଦେଶ ସହ ବାଣିଜ୍ୟିକ ଅଂଶୀଦାର ହୋଇଛି। ହେଲେ ନୂତନ ଭାରତ ବେଜିଂ ସହିତ ସମ୍ପର୍କ ସ୍ଥାପନ କରିବାକୁ ଅନିଚ୍ଛୁକ; କିନ୍ତୁ ଅନ୍ୟ ଦେଶ ତୁଳନାରେ ଅଧିକ ଆମଦାନୀ କରିବାକୁ ବାଧ୍ୟ ହେଉଛି। ବୈଶ୍ୱିକ ବାଣିଜ୍ୟ ଯୁଦ୍ଧରେ ବିଜୟୀ ହେବା ଚାଇନା ପାଇଁ ଲାଭଦାୟକ ହୋଇଛି ଏବଂ ୨୫ ବର୍ଷ ପୂର୍ବେ ଆମେରିକା ଏହି ସ୍ତରରେ ପହଞ୍ଚିପାରି ନ ଥିଲା। ଟ୍ରେଡ୍ ସର୍ପଲସ୍(ଆମଦାନୀ ସାମଗ୍ରୀ ମୂଲ୍ୟଠାରୁ ରପ୍ତାନି ମୂଲ୍ୟ ଅଧିକ ରହେ)ରେ ଚାଇନା ପ୍ରତିଦିନ ୩ ବିଲିୟନ ଡଲାର ପାଉଛି, ଯାହା ଆଶ୍ଚର୍ଯ୍ୟଜନକ। ୨୦୨୫ ପାଇଁ ଏହା ୧.୧ ଟ୍ରିଲିୟନ ଡଲାର ହୋଇଛି। ସେହି ଗତିବିଧି ଜାରି ରହିଲେ ଚଳିତ ବର୍ଷ ଏହା ବୃଦ୍ଧି ପାଇବ। ୨୦୨୦ରେ ଚାଇନା ୧୦ ଲକ୍ଷ କାର ରପ୍ତାନି କରିଥିଲା ଏବଂ ତା'ପର ପାଞ୍ଚ ବର୍ଷରେ ଏହି ସଂଖ୍ୟା ୭୦ ଲକ୍ଷରେ ପହଞ୍ଚିଛି। ଏହି କାରଗୁଡ଼ିକ ଉନ୍ନତ ଏବଂ ଶସ୍ତା ହେଉଥିବାରୁ ବିଶ୍ୱ ସ୍ତରରେ ଆହୁରି ଅଧିକ ଗ୍ରହଣୀୟ ହେଉଛି। ଅକ୍ଷୟଶକ୍ତି, ସୌର ଏବଂ ପବନ ଶକ୍ତି ଉତ୍ପାଦନ କରୁଥିବା ଉପକରଣ ତିଆରି କରିବାରେ ଚାଇନା ସବୁଠୁ ଆଗରେ ରହିଛି। ବିଶ୍ୱର ପ୍ରାୟ ୭୦% ବୈଦ୍ୟୁତିକ ଯାନର ବ୍ୟାଟେରି ଚାଇନାରେ ତିଆରି ହୁଏ। ଏହା ବିଶ୍ୱର ଅଧା କିମ୍ବା ତା'ଠାରୁ ଅଧିକ ଇସ୍ପାତ, ଆଲୁମିନିୟମ ଏବଂ ସିମେଣ୍ଟ ପ୍ରସ୍ତୁତ କରେ। ବିଶ୍ୱରେ ବ୍ୟବହୃତ ପ୍ରାୟ ତିନି ଚତୁର୍ଥାଂଶ ଡ୍ରୋନ ଚାଇନାର। ବିଶ୍ୱର ଅଧାରୁ ଅଧିକ ଜାହାଜ ଚାଇନା ନିର୍ମିତ। ବିଶେଷକରି ଏଲ୍‌ଏନ୍‌ଜି ଟ୍ୟାଙ୍କର୍, କ୍ରୁଜ ଓ ବଡ଼ ସାମରିକ ଜାହାଜ ଏବଂ ସାମଗ୍ରୀ ବହନ କରୁଥିବା କଣ୍ଟେନର ଜାହାଜ ବର୍ତ୍ତମାନ ଚାଇନାରେ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାସନରେ, ଆମେରିକା ଟାରିଫ୍ ଲଗାଇ ବିଶ୍ୱକୁ ଦେଇଥିବା ଧମକକୁ ଚାଇନା ପ୍ରତିରୋଧ କରି ସଫଳ ହୋଇଥିଲାବେଳେ ନୂତନ ଭାରତ ସମେତ ଅଧିକାଂଶ ଦେଶ ଟ୍ରମ୍ପଙ୍କ କଥା ଅନୁସାରେ ଶୁଳ୍କ ଦେଇଛନ୍ତି। ଟ୍ରମ୍ପ ତାଙ୍କ ଟାରିଫ୍ ବୃଦ୍ଧିରୁ ପଛକୁ ହଟିଗଲେ ମଧ୍ୟ ଆମେରିକାର ପ୍ରତିରକ୍ଷା ଶିଳ୍ପ ପାଇଁ ଚୁମ୍ବକ ଏବଂ ସାମଗ୍ରୀ ଚାଇନାରୁ ଆଣିବାକୁ ପଡୁଛି, ଯାହା ବିନା କ୍ଷେପଣାସ୍ତ୍ର ଏବଂ ଜେଟ ତିଆରି ଅସମ୍ଭବ। କିଛି ସପ୍ତାହ ପୂର୍ବରୁ ଚାଇନାକୁ ରପ୍ତାନି ହେଉଥିବା ନିଭିଡିଆ କମ୍ପାନୀ ଉଚ୍ଚମାନର ଚିପ୍ସ ରପ୍ତାନି କଟକଣାକୁ ସହଜ କରିଥିଲେ ମଧ୍ୟ ଶି ଜିନ୍‌ପିଙ୍ଗ କହିଥିଲେ ଯେ ଚାଇନା ସେଗୁଡ଼ିକୁ କିଣିବ ନାହିଁ ଏବଂ ତା'ଠାରୁ କମ୍ ମାନର ହେଉ ପଛେ ତାହା ନିଜେ ତିଆରି କରିବ। ଗତ ମାସରେ ଏକ ରିପୋର୍ଟ ଆସିଥିଲା, ଚିପ୍ସ ପାଇଁ ଲିଥିଓଗ୍ରାଫି ପାଉ ନ ଥିଲେ ମଧ୍ୟ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଇନା ସଫଳତା ହାସଲ କରିଛି। ସାଧାରଣତଃ ଧାରଣା ରହିଛି ଯେ ଯଦି କିଛି ଉତ୍ପାଦନରେ ଜଟିଳତା ଯେତେ ଥାଉନା କାହିଁକି ଚାଇନା ତାହା କରିପାରିବ। ବାଣିଜ୍ୟିକ ବିମାନ ପାଇଁ ମଧ୍ୟ ସମାନ କଥା ପ୍ରଯୁଜ୍ୟ। ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଆମେରିକାରେ ବୋଇଂ ଏବଂ ୟୁରୋପରେ ଏୟାରବସ ଥିବାବେଳେ ଚାଇନା ଗତବର୍ଷ ଏହାର ବାଣିଜ୍ୟିକ ଜେଟ ଚାଲୁ କରିଥିଲା ଏବଂ ୨୦୨୬ରେ ଏହାକୁ ବ୍ୟାପକ କରିବା ଆମେ ଦେଖିବୁ। ଚାଇନା କିଛି ମାସ ପୂର୍ବରୁ ଏହାର ପ୍ରଥମ ସ୍ୱଦେଶୀ ତଥା ଉଚ୍ଚମାନର ବିମାନ ବାହକ ଜାହାଜକୁ ନିୟୋଜିତ କରିଥିଲା ଏବଂ ଚଳିତବର୍ଷ ଏହା ପ୍ରଥମ ପରମାଣୁ ଶକ୍ତିସଂପନ୍ନ ବିମାନ ନିର୍ମାଣ କରିବ। ଏକ ଆମେରିକୀୟ ପ୍ରତିରକ୍ଷା ରିପୋର୍ଟରେ କୁହାଯାଇଛି ଯେ ୧୦ ବର୍ଷ ମଧ୍ୟରେ ଚାଇନା ପାଖରେ ପ୍ରାୟ ସମାନ ସଂଖ୍ୟକ ବାହକ ଯୁଦ୍ଧ ବିମାନ ରହିବ, ଯାହା ଏବେ ଆମେରିକା ପାଖରେ (୧୧ଟି) ଅଛି। ୨୦୨୫ରେ ଚାଇନା ଯୁଦ୍ଧ ବିମାନ ପ୍ରଦର୍ଶନ କଲା, ଯାହା ପୁରୁଣା ଆମେରିକୀୟ ବିମାନ ଅପେକ୍ଷା ଉନ୍ନତ ଥିଲା।

ବିଶ୍ୱର ପ୍ରତିଭାମାନେ ଆମେରିକାକୁ ଚାଲିଯାଇଥିବାରୁ ଆମେରିକାର ପ୍ରାଧାନ୍ୟ ମୁଖ୍ୟତଃ ବଢ଼ିଛି। ଏହି ଧାରା ଭାରତୀୟ ବିଶେଷକରି ମଧ୍ୟବିତ୍ତ ବର୍ଗଙ୍କ ପାଇଁ କିଛି ସୁବିଧା ଆଣି ଦେଇଥିଲା। ହେଲେ ଏଚ୍‌ଓ୍ୱାନବି ପ୍ରୋଗ୍ରାମ ଦେୟ ଏବଂ ଆମେରିକା ବିଶ୍ୱବିଦ୍ୟାଳୟଗୁଡ଼ିକର ସମସ୍ୟା ସହ ଟ୍ରମ୍ପଙ୍କ ନୀତିଗୁଡ଼ିକ ଏହାକୁ ଶେଷ କରିଦେଇଛି। ଭାରତ ପରି ଚାଇନା କେବେ ବି ପ୍ରବାସୀଙ୍କୁ ସ୍ୱାଗତ କରିନାହିଁ। କିନ୍ତୁ ଏହା ଏହାର ସମାନତା ସହିତ ଆରାମଦାୟକ ଏବଂ ଶିଳ୍ପ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର କରି ବିଭିନ୍ନ ସମସ୍ୟା ଦୂର କରିଛି। ୨୦୧୮ରେ ଚାଇନା ପ୍ରଥମେ ଅନୁଭବ କରିଥିଲା ଯେ ଆମେରିକା ହେଉଛି ତାହାର ପ୍ରତିଦ୍ୱନ୍ଦ୍ୱୀ। ସ୍ଥିତିକୁ ପରଖି ପରବର୍ତ୍ତୀ ସାତ ବର୍ଷରେ ନିଜକୁ କିଭଳି ପ୍ରସ୍ତୁତ କରିବ ତାହା ଆକଳନ କରିଥିଲା। ଏକ ମାତ୍ର ଦେଶ ଭାବେ ସେ ଏହା କରିଛି। ଏକ ବର୍ଷ ପୂର୍ବେ ଟ୍ରମ୍ପ କ୍ଷମତାକୁ ଫେରିବା ବେଳକୁ ଚାଇନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଥିଲା ଏବଂ ଏବେ ତାକୁ ରୋକିବା ଅସମ୍ଭବ। ଏହା ମୁଖ୍ୟତଃ ଆତ୍ମନିର୍ଭରଶୀଳ ହେବାପାଇଁ ସେହି ସମୟ ବିତାଇଥିଲା। ଚାଇନା ଏତେ କମ୍ ସମୟ ମଧ୍ୟରେ ହାସଲ କରିପାରିଲା ଯେ ବର୍ତ୍ତମାନ ସାରା ବିଶ୍ୱ ଏହା ଉପରେ ନିର୍ଭରଶୀଳ । ଆମେରିକା ଆପଣାଇଥିବା ପଥକୁ ମୁକାବିଲା କରି ଏହା ହାସଲ କରିଛି। ଏହା ସରକାରଙ୍କ ଦାୟିତ୍ୱ ବୃଦ୍ଧି କରି କର୍ପୋରେଟଗୁଡ଼ିକର ବ୍ୟୟ ରୋକିବାରେ ସଫଳ ହୋଇଛି। ସବୁଠାରୁ ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ପ୍ରଯୁକ୍ତିବିଦ୍ୟା ପ୍ରସ୍ତୁତ କରିବାକୁ ପସନ୍ଦ କରିଛି। ବ୍ୟାଙ୍କଗୁଡ଼ିକ ରିୟଲ ଇଷ୍ଟେଟକୁ ଋଣ ଦେବା ପାଇଁ ଚାଇନା ବନ୍ଦ କରିବା ସହ ଶିଳ୍ପକୁ ପାଣ୍ଠି ଯୋଗାଇବାକୁ ବାଧ୍ୟ କରିଛି। ସମସ୍ତ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଚାଇନାକୁ ଏବେ ଏହି ସ୍ଥାନରେ ପହଞ୍ଚାଇଛି। ତେବେ ଆମେରିକାର ପ୍ରଭୁତ୍ୱ ବିସ୍ତାର ପ୍ରତି ଆହ୍ୱାନ ରହିଛି । ଏଠାରେ ବୟସ୍କଙ୍କ ସଂଖ୍ୟାରେ ବୃଦ୍ଧି ହେଉଛି, ବିଶ୍ୱ ପାଇଁ ନିଜ ଦ୍ୱାର ବନ୍ଦ କରିଦେଉଛି ଏବଂ ଧୀରେ ଧୀରେ ପଛରେ ପଡ଼ିଯାଉଛି। ବୃହତ୍ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଚଳିତବର୍ଷ ଏହି ଦୁଇ ଆଧୁନିକ ଶକ୍ତି ମଧ୍ୟରେ କ'ଣ ନୂତନ ବିକାଶ ଆସିବ ତାହା ଦେଖିବା ଆକର୍ଷଣୀୟ ହେବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 7 | |
| | 6 | | 2 | | | | 1 | 5 |
| | 5 | | | | | 2 | | |
| 7 | | 4 | | | | | | |
| | | | 7 | | 6 | | | |
| | | 3 | | | | | 2 | 8 |
| | | | 5 | 3 | | 1 | | 9 |
| 5 | | | 1 | 4 | 7 | | | |
| | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 3 | 1 | 7 | 8 | 5 | 9 |
| 5 | 3 | 7 | 6 | 8 | 9 | 4 | 1 | 2 |
| 1 | 8 | 9 | 5 | 2 | 4 | 3 | 7 | 6 |
| 3 | 7 | 1 | 2 | 9 | 8 | 5 | 6 | 4 |
| 9 | 6 | 8 | 4 | 5 | 1 | 2 | 3 | 7 |
| 4 | 2 | 5 | 7 | 3 | 6 | 1 | 9 | 8 |
| 8 | 1 | 4 | 9 | 7 | 3 | 6 | 2 | 5 |
| 7 | 5 | 3 | 8 | 6 | 2 | 9 | 4 | 1 |
| 2 | 9 | 6 | 1 | 4 | 5 | 7 | 8 | 3 |

ଗତକାଲିର ଉତ୍ତର

# ବିତର୍କରେ ଆରାବଳୀ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱର ସର୍ବ ପୁରାତନ ପର୍ବତମାଳା ମଧ୍ୟରେ ଆରାବଳୀ ଅନ୍ୟତମ। ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଗୁଜରାଟ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀ ରାଜ୍ୟର ଭୌଗୋଳିକ ସୀମା ମଧ୍ୟରେ ପ୍ରାୟ ୬୭୦-୮୦୦ କି.ମି. ସୁଦୀର୍ଘ ଅଞ୍ଚଳରେ ଏହା ପରିବ୍ୟାପ୍ତ। ପର୍ବତମାଳାର ସର୍ବୋଚ୍ଚ ଗିରିଶୃଙ୍ଗ ୧୭୨୨ ମିଟର ଉଚ୍ଚତା ବିଶିଷ୍ଟ ଗୁରୁ ଶିଖର ରାଜସ୍ଥାନରେ ଅବସ୍ଥିତ । ଏହି ପାହାଡ଼ ସମୂହର ମନୋରମ ସୌନ୍ଦର୍ଯ୍ୟ ସନ୍ନିବେଶ ରହିଛି ଏହାର ଦୁର୍ଗମ ଭୂଦୃଶ୍ୟ, ସମୃଦ୍ଧ ଜୈବ ବିବିଧତା ଏବଂ ଗଭୀର ସାଂସ୍କୃତିକ ଐତିହ୍ୟରେ, ଯାହା ସବୁଜିମା ପରିପୂର୍ଣ୍ଣ ଉପତ୍ୟକା ; କୁମ୍ଭଲଗଡ଼, ଆମ୍ବର ପରି ଚମତ୍କାର, ପ୍ରସ୍ତର ଆଚ୍ଛାଦିତ ଶିଖର ଓ ପ୍ରାଚୀନ ଦୁର୍ଗ ; ମାଉଣ୍ଟ ଆବୁ ପରି ଶୈଳନିବାସ ଏବଂ ଦିଲୱାରା ଜୈନ ମନ୍ଦିର ପରି ଆଧ୍ୟାତ୍ମିକ ସ୍ଥଳୀ ସହ ଶାନ୍ତ, ସ୍ନିଗ୍ଧ ବାତାବରଣ ପ୍ରଦାନକରେ । ପାହାଡ଼ିଆ ପରିବେଶରେ ଯାଦୁକରୀ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ପ୍ରକୃତିପ୍ରେମୀଙ୍କ ନିମନ୍ତେ ଉପଭୋଗ୍ୟ ହୋଇଥାଏ । ଦିଲ୍ଲୀ-ଏନ୍‌ସିଆର୍ ପରି ଅଞ୍ଚଳରେ ଆରାବଳୀର ସବୁଜିମା 'ସବୁଜ ଫୁସ୍‌ଫୁସ୍' ଭାବରେ କାର୍ଯ୍ୟକରେ, ବାୟୁ ଗୁଣବତ୍ତାକୁ ଉନ୍ନତକରେ ଏବଂ ପରିବେଶୀୟ ସନ୍ତୁଳନ ବଜାୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଭୂମିକା ନିର୍ବାହ କରେ । ଏହି ପାର୍ବତ୍ୟାଞ୍ଚଳ ଭୂତଳ ଜଳର ପୁନଃ ଭରଣାକୁ ସମର୍ଥନକରେ, ଆଞ୍ଚଳିକ ଜଳବାୟୁକୁ ନିୟନ୍ତ୍ରଣକରେ ତଥା ବିବିଧ ଉଦ୍ଭିଦ ଓ ବନ୍ୟପ୍ରାଣୀଙ୍କୁ ବାସସ୍ଥଳୀ ପ୍ରଦାନ କରେ। ଏହାର ପ୍ରାଚୀନତା ଏବଂ ସାମଗ୍ରିକ ଗୁରୁତ୍ୱ ସତ୍ତ୍ୱେ ବର୍ଦ୍ଧିତ ଖଣି ଉତ୍ତୋଳନ, ଜଙ୍ଗଲ ଅବକ୍ଷୟ, ସହରୀକରଣ, ପରିବେଶଗତ ଆଇନର ଦୁର୍ବଳ କାର୍ଯ୍ୟକାରିତା ତଥା ନୀତିଗତ ବିବାଦର ପରିଣାମରେ ସମ୍ପ୍ରତି ଆରାବଳୀ ଏକ ପ୍ରମୁଖ ପରିବେଶଜନିତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ପର୍ବତମାଳାର ସୁରକ୍ଷା ବନାମ ଅର୍ଥନୈତିକ ବିକାଶ ଉପରେ ବିତର୍କ କ୍ରମଶଃ ତୀବ୍ର ବିବାଦର ସୂତ୍ରପାତ ଘଟିଛି।

ତେବେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଆରାବଳୀ ଅଞ୍ଚଳରେ ମୁଖ୍ୟତଃ ପଥର, ମାର୍ବଲ, କ୍ୱାର୍ଜାଇଟ, ତମ୍ବା, ଚୂନ ପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ନିମନ୍ତେ ବ୍ୟାପକ ଖଣି ଖନନ ବୃଦ୍ଧି ପାଉଛି। ରାଷ୍ଟ୍ରର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଏବଂ ସହରାଞ୍ଚଳ ପ୍ରସାରଣ ସହ ବିଶେଷକରି ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦର ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ତୀବ୍ର ହୋଇଚାଲିଛି। ଏପରି କାର୍ଯ୍ୟକଳାପ ଜଙ୍ଗଲ ଅବକ୍ଷୟ, ବନ୍ୟପ୍ରାଣୀ ବାସସ୍ଥଳୀର ବିନଷ୍ଟ, ମୃତ୍ତିକାର ଅବନତି ଏବଂ ଭୂତଳଜଳ ହ୍ରାସର କାରଣ ପାଲଟିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପରିବେଶଗତ ନିୟମସବୁ ଜାରି ସତ୍ତ୍ୱେ ରାଜନୈତିକ ପ୍ରଭାବ, ଅର୍ଥନୈତିକ ସ୍ୱାର୍ଥ ଏବଂ ଆଇନର ଦୁର୍ବଳ କାର୍ଯ୍ୟକାରିତା କେତେକ ସ୍ଥାନରେ ବେଆଇନ ଖଣି ଖନନକୁ ସମର୍ଥନ ଯୋଗାଉଛି। ପରିବେଶୀୟ ଅବକ୍ଷୟର ପ୍ରତିକ୍ରିୟାରେ ଭାରତର ଉଚ୍ଚତମ ନ୍ୟାୟାଳୟ ଆରାବଳୀର ସୁରକ୍ଷା ନିମନ୍ତେ ଅନେକ ଥର ହସ୍ତକ୍ଷେପ କରିଛନ୍ତି। ନ୍ୟାୟାଳୟ



ହରିୟାଣା ଏବଂ ରାଜସ୍ଥାନର ପର୍ବତମାଳାର କିଛି ଅଂଶରେ, ବିଶେଷକରି ଜଙ୍ଗଲ ଜମି ଭାବରେ ବର୍ଗୀକୃତ ଅଞ୍ଚଳରେ, ୨୦୦୨ ମସିହାରେ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିଥିଲେ। ମାତ୍ର ସରକାରଙ୍କ 'ଜଙ୍ଗଲ' ଉପରେ ପ୍ରଦତ୍ତ ପରିଭାଷାରୁ ଏକ ପ୍ରମୁଖ ସମସ୍ୟା ଉପୁଜିଲା। ଆରାବଳୀର ଅନେକ ଅଞ୍ଚଳ ସରକାରୀ ରେକର୍ଡରେ ଜଙ୍ଗଲ ଭାବରେ ଲିପିବଦ୍ଧ ହୋଇ ନ ଥିଲା, ଯଦିଓ ସେଗୁଡ଼ିକ ପରିସଂସ୍ଥାୟ ଦୃଷ୍ଟିକୋଣରୁ ଜଙ୍ଗଲ ହିଁ ଥିଲା। ଏପରି ସଂଜ୍ଞା ନିର୍ଦ୍ଧାରଣ ଅନେକ ଅଞ୍ଚଳରେ ଆଇନଗତ ଭାବରେ ଖଣି ଏବଂ ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ଅନୁମତି ପ୍ରଦାନ କରିଛି, ଯାହା ଆରାବଳୀ ସଂରକ୍ଷଣ ପ୍ରୟାସକୁ ଦୁର୍ବଳ କରିଛି।

ବିବାଦର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ସହରୀକରଣ ବୃଦ୍ଧି ଏବଂ ରିଏଲ ଇଷ୍ଟେଟ ବ୍ୟବସାୟର ପ୍ରସାର। ସହରଗୁଡ଼ିକ ବିସ୍ତାରିତ ହେବା ସହ ବିଶେଷକରି ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଆର୍) ଅଞ୍ଚଳରେ ଆରାବଳୀର ବିଶାଳ ଅଂଶକୁ ଗୃହ ପ୍ରକଳ୍ପ, ରାସ୍ତାଘାଟ ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ ନିର୍ମାଣ ଉଦ୍ଦେଶ୍ୟରେ ସଫା କରାଯାଇଛି। ସମାଲୋଚକମାନେ ଯୁକ୍ତି ବାଢ଼ନ୍ତି ଯେ ରାଜ୍ୟ ସରକାରମାନେ ଘରୋଇ ନିର୍ମାଣକାରୀଙ୍କୁ ସମର୍ଥନଦେବା ଲକ୍ଷ୍ୟରେ ପରିବେଶଗତ ଆଇନକୁ ଦୁର୍ବଳ କରିଛନ୍ତି। ପରିବେଶବିତ୍‌ଙ୍କ ମତ ହେଉଛି, ଏହା ନିକଟବର୍ତ୍ତୀ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ, ଜଳ କ୍ଲିଷ୍ଟତା ଏବଂ ଜଳବାୟୁ ସମସ୍ୟାକୁ ଗମ୍ଭୀର କରୁଛି । ସାମ୍ପ୍ରତିକ ସମୟରେ, ନୂତନ ଭୂମି-ବ୍ୟବହାର ନୀତି ଅଧୀନରେ ଆରାବଳୀକୁ ପୁନଃ ପରିଭାଷିତ କରିବା ଏବଂ କେତେକ ନିର୍ମାଣ ପ୍ରକଳ୍ପକୁ ପରିବେଶୀୟ ମଞ୍ଜୁରୀରୁ ମୁକ୍ତ କରିବା ଭଳି ପ୍ରସ୍ତାବ ବିବାଦକୁ ତୀବ୍ର କରୁଛି। ଏହି ପରିପ୍ରେକ୍ଷୀରେ ସଂରକ୍ଷଣବାଦୀମାନେ ଆଶଙ୍କା ପ୍ରକଟ କରୁଛନ୍ତି ଯେ ଏପରି ନୀତି ଅଧିକ ଧ୍ୱଂସସାଧନକୁ ବୈଧତା ପ୍ରଦାନ କରିବ। ଅନ୍ୟପକ୍ଷରେ ସରକାର ଏବଂ ନିର୍ମାଣକାରୀ ସଂସ୍ଥାଗୁଡ଼ିକର ମତାମତ ହେଉଛି ଯେ ବିକାଶ ପ୍ରକ୍ରିୟାରେ ପ୍ରତିବନ୍ଧକ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଭିତ୍ତିଭୂମି ନିର୍ମାଣରେ କ୍ଷତି ପହଞ୍ଚାଇବ। ନିକଟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆରାବଳୀ ପାହାଡ଼ ସବୁର ଉଚ୍ଚତାର ନୂତନ ସଂଜ୍ଞା ୧୦୦ ମିଟରରୁ ଊର୍ଦ୍ଧ୍ୱ ରଖିବାର ପ୍ରସ୍ତାବକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି । ମାତ୍ର ନ୍ୟାୟାଳୟଙ୍କ ଦ୍ୱାରା ୨୦୦୨ରୁ ସ୍ଥାପିତ କେନ୍ଦ୍ରୀୟ ସଶକ୍ତ କମିଟି ଗୁରୁତ୍ୱ ଆରୋପ କରିଛି, ଭାରତର ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ସଂଜ୍ଞାକୁ ଆରାବଳୀର ଛୋଟବଡ଼ ପାହାଡ଼ସମୂହ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯିବା ବାଞ୍ଛନୀୟ । କୋର୍ଟ ନିଯୁକ୍ତ ଆମିକସ୍ କ୍ୟୁରି ମନ୍ତ୍ରଣାଳୟର ୧୦୦ ମିଟର ସଂଜ୍ଞାକୁ ଅନୁପଯୁକ୍ତ କହି ବିରୋଧ କରିଛନ୍ତି । ଏବେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସ୍ଥଗିତ ରଖି ପ୍ରସଙ୍ଗର ପୁନର୍ବିଚାର ପାଇଁ ଘୋଷଣା କରିଛନ୍ତି।

ଉଲ୍ଲେଖନୀୟ ଯେ ବୈଜ୍ଞାନିକ, ପରିବେଶ କର୍ମୀ ଏବଂ ନାଗରିକ ସମାଜ ସଙ୍ଗଠନଗୁଡ଼ିକ ଆରାବଳୀ ପୁନରୁଦ୍ଧାରର ଗୁରୁତ୍ୱ ବିଷୟରେ ନିରନ୍ତର ସଚେତନତା ବୃଦ୍ଧି କରିଆସୁଛନ୍ତି। ବନୀକରଣର ପ୍ରସାରଣ, ଅବୈଧ ଖଣିଖାଦାନକୁ ନିଷିଦ୍ଧକରିବା, ବନ୍ୟପ୍ରାଣୀ ଚଳାପଥକୁ ସୁରକ୍ଷା ଦେବା ଏବଂ ସହନୀୟ ଭୂମି-ବ୍ୟବହାର ଯୋଜନା ଭଳି ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦିଆଯାଇଛି। ପାହାଡ଼ର ୧୦୦ ମିଟର ବ୍ୟାଖ୍ୟାନକୁ ନେଇ ପରିବେଶବିତ୍ ଆଶଙ୍କା ପ୍ରକଟ କରିଛନ୍ତି ଯେ ଏହାଦ୍ୱାରା କମ୍ ଉଚ୍ଚତାର ପାହାଡ଼ମାନେ ଆଇନଗତ ସୁରକ୍ଷା ହରାଇବେ ଏବଂ ଅଧିକ ଖଣି ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ପଥ ଉନ୍ମୁକ୍ତ ହେବ। କିଛି ରାଜ୍ୟ ସରକାର ଏବଂ ବେସରକାରୀ ସଂସ୍ଥା ବୃକ୍ଷରୋପଣ ଅଭିଯାନ ଏବଂ ପରିବେଶ ପୁନରୁଦ୍ଧାର ପ୍ରକଳ୍ପ ଆରମ୍ଭ କରିଛନ୍ତି ସତ, କିନ୍ତୁ ଘଟୁଥିବା କ୍ଷୟକ୍ଷତିର ପରିମାଣ ତୁଳନାରେ ଏହି ପ୍ରୟାସଗୁଡ଼ିକ ସୀମିତ। ଅବଶ୍ୟ ନିକଟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଅଭୟବାଣୀ ଶୁଣାଇଛନ୍ତି ଯେ ପର୍ବତମାଳାର ସମୁଦାୟ ୧ ଲକ୍ଷ ୪୭ ହଜାର ବର୍ଗ କି.ମି. ଆୟତନ ମଧ୍ୟରୁ ମାତ୍ର ୨%ରୁ କମ୍ ଅଞ୍ଚଳରେ ଖଣିଜ ଖନନ କାର୍ଯ୍ୟ ସମ୍ପାଦିତ ହେଉଛି ଏବଂ ଅଧିକ ଖଣି ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ । ଅନ୍ୟପକ୍ଷରେ ଏହି ପର୍ବତମାଳାର ପୁନରୁଦ୍ଧାର ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଆରାବଳୀ ଗ୍ରୀନ୍ ୱାଲ୍ ଇନିସିଏଟିଭ' ପ୍ରକଳ୍ପ ହେଉଛି ଏକ ପ୍ରମୁଖ ପଦକ୍ଷେପ, ଯାହା ସମ୍ପୃକ୍ତ ରାଜ୍ୟଗୁଡ଼ିକରେ, ପୋରବନ୍ଦରରୁ ପାନିପଥ ପର୍ଯ୍ୟନ୍ତ, ୧,୪୦୦ କି.ମି. ଲମ୍ବ ଏବଂ ୫ କି.ମି. ଚଉଡ଼ାର ସବୁଜ ବଳୟ ସୃଷ୍ଟିର ଲକ୍ଷ୍ୟ ରଖେ। ଆଫ୍ରିକାର ମହାନ୍ 'ଗ୍ରେଟ୍ ଗ୍ରୀନ୍ ୱାଲ' ଦ୍ୱାରା ଅନୁପ୍ରାଣିତ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ମରୁଭୂମିକରଣକୁ ରୋକିବା, ମୃତ୍ତିକା ସ୍ୱାସ୍ଥ୍ୟକୁ ଉନ୍ନତ କରିବା, ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ସ୍ଥାନୀୟ ଜାତିର ବୃକ୍ଷରୋପଣ ଏବଂ ଜଳ ସଂରକ୍ଷଣ କରି ଜୈବ ବିବିଧତାକୁ ସମୃଦ୍ଧ କରିବା। ପ୍ରଧାନମନ୍ତ୍ରୀ ମଧ୍ୟ ୨୦୨୫ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ତାଙ୍କ ଘୋଷିତ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନକୁ ଏହି ପ୍ରକଳ୍ପ ସହ ସଂଯୁକ୍ତ କରିଛନ୍ତି।

ପରିଶେଷରେ ଆରାବଳୀ ବିବାଦ କେବଳ ଏକ ପର୍ବତମାଳାକୁ ନେଇ ନୁହେଁ, ବରଂ ନିରନ୍ତର ବିକାଶ ଏବଂ ପରିବେଶଗତ ଦାୟିତ୍ୱ ପ୍ରସଙ୍ଗ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଆରାବଳୀକୁ ସୁରକ୍ଷା ପ୍ରଦାନ, ବିଶେଷ ରୂପେ ଉତ୍ତର ଭାରତ ନିମନ୍ତେ ପରିବେଶଗତ ସନ୍ତୁଳନ, ଜଳବାୟୁ ସ୍ଥିରତା ଏବଂ ସାଧାରଣ ସ୍ୱାସ୍ଥ୍ୟରକ୍ଷା ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ। ବିକାଶ ଯେପରି ଅପରିବର୍ତ୍ତନୀୟ ପରିବେଶ କ୍ଷତିସାଧନର ମୂଲ୍ୟରେ ନ ଘଟେ, ସେଥିପାଇଁ ଦୃଢ଼ ଆଇନ, ଜଙ୍ଗଲ ଜମିର ସ୍ପଷ୍ଟ ପରିଭାଷା, କଠୋର ପ୍ରବର୍ତ୍ତନ ଏବଂ ଜନସଚେତନତା ଏକାନ୍ତ ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

# ଭାରତୀୟ ବଂଶୋଦ୍ଭବ ଡେମ୍‌ହୁଡ୍

କୌଣସି ଏକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରିଟେନ୍ ପକ୍ଷରୁ ନାଇଟ୍‌ହୁଡ୍ ଉପାଧିରେ ଜଣଙ୍କୁ ଭୂଷିତ କରାଯାଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ସାମରିକ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କୁ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତାହା ବ୍ୟାପକତା ଲାଭ କରି ଅନ୍ୟମାନଙ୍କୁ ପ୍ରଦାନ କରାଯାଉଛି। ନାଇଟ୍‌ହୁଡ୍‌ର ମହିଳା ସମକକ୍ଷ ସମ୍ମାନ ଭାବେ ଡେମ୍‌ହୁଡ୍ ପ୍ରଦାନ କରାଯାଉଛି। ଡେମ୍ ଅର୍ଥାତ୍ ସମ୍ଭ୍ରାନ୍ତ ମହିଳା। ସେହି ଅନୁଯାୟୀ ଯିଏ ଏହି ସମ୍ମାନରେ ସମ୍ମାନିତ ହୋଇଥାଆନ୍ତି ସେ ଡେମ୍‌ହୁଡ୍ ଉପାଧି ପାଇଥାଆନ୍ତି। ନିକଟରେ ଭାରତୀୟ ବଂଶୋଦ୍ଭବ ମୀରା ସାୟଲ ସାହିତ୍ୟ ଓ ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ବ୍ରିଟେନ୍‌ର ମର୍ଯ୍ୟାଦାଜନକ ସମ୍ମାନ ତାଲିକାରେ ନିଜ ନାମ ରଖିପାରିଛନ୍ତି। ଅଭିନେତ୍ରୀ, କମେଡିଆନ୍ ଓ ଲେଖିକା ମୀରା ବ୍ରିଟେନ୍ ରାଜାଙ୍କ ଏହି ନୂଆ ବର୍ଷ ସମ୍ମାନରେ ସମ୍ମାନିତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

୬୪ ବର୍ଷୀୟା ମୀରା ବ୍ରିଟିଶ ଏସିଆନ୍ କମେଡି ଯଥା 'ଗୁଡ୍‌ନେସ୍ ଗ୍ରେସିଅସ୍ ମି' ଏବଂ 'ଦି କୁମାରସ୍ ଏଟ୍ ନଂ ୪୨' ରଚନା କରିବା ସହ ଅଭିନୟ ପାଇଁ ସର୍ବାଧିକ ପରିଚିତି ହାସଲ କରିଛନ୍ତି। ଏଥିସହିତ ବଦାନ୍ୟ କାର୍ଯ୍ୟରେ ତାଙ୍କ ଯୋଗଦାନ ଓ ସେବା ପାଇଁ ଏଭଳି ସମ୍ମାନ ପାଇପାରିଛନ୍ତି। ସୂଚନା ଦିଆଯାଇପାରେ ଯେ, ମୀରା ପୂର୍ବରୁ ୧୯୯୭ରେ ରାଣୀଙ୍କ ନୂଆ ବର୍ଷ ସମ୍ମାନରେ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର ସଦସ୍ୟ (ଏମ୍‌ବିଇ) ହୋଇଥିଲେ ଏବଂ ୨୦୧୫ରେ କମାଣ୍ଡର୍ ଅଫ୍ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର (ସିବିଇ) ହୋଇଥିଲେ। ସେ ୧୯୬୧ରେ ଓଲଭରହାମ୍ପଟନ୍‌ରେ ଭାରତୀୟ ପଞ୍ଜାବୀ ମାତାପିତାଙ୍କ ଠାରୁ ଜନ୍ମଲାଭ କରିଥିଲେ। ତାଙ୍କ ପରିବାର ନୂଆଦିଲ୍ଲୀରୁ ବ୍ରିଟେନ୍‌କୁ ଚାଲିଯାଇଥିଲେ। ମୀରାଙ୍କ ପଢ଼ା ୱାଲସାଲ୍ କୁଇନ୍ ମେରିଜ୍ ହାଇସ୍କୁଲରେ ହୋଇଥିଲା। ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ଓ ନାଟକରେ ଡିଗ୍ରୀ କରୁଥିବା ସମୟରେ ସେ 'ୱାନ୍ ଅଫ୍ ଅସ୍' ନାଟକର ସହ-ରଚୟିତା ଥିଲେ। ଅଭିନୟ ଲକ୍ଷ୍ୟରେ ଜଣେ ଏସୀୟ ଝିଅ କିଭଳି ଘରୁ ପଳାଇଯାଉଛି ତାହା ଉପରେ ନାଟକ ପର୍ଯ୍ୟବସିତ ଥିଲା। ସେ ଏହି ନାଟକକୁ ନ୍ୟାଶନାଲ ଷ୍ଟୁଡେଣ୍ଟ ଡ୍ରାମା ଫେଷ୍ଟିଭାଲରେ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ପରେ ତାହା ଏଡିନବର୍ଗ ଇଣ୍ଟରନ୍ୟାଶନାଲ ଫେଷ୍ଟିଭାଲରେ ଅଭିନୀତ ହେବା ଲାଗି ମନୋନୀତ ହୋଇଥିଲା। ସୌଭାଗ୍ୟକୁ ସେଠାରେ ମୀରାଙ୍କ ଅଭିନୟ ଉଚ୍ଚକୋଟୀର ହେବାରୁ ସେ ପୁରସ୍କୃତ ହୋଇଥିଲେ। ତା' ପରେ ସେ ଲେଖା ଓ ନାଟକରେ ମଜ୍ଜିଯାଇଥିଲେ। ସ୍ନାତକ ଡିଗ୍ରୀ ପରେ ନାଟକକୁ କ୍ୟାରିୟର ଭାବେ ନେଇ ସେ ୧୯୮୭ ରେ ଲିଭରପୁଲ୍ ରୟାଲ କୋର୍ଟ ଥିଏଟରରେ କାମ କଲେ। ସେଠାରେ ସେ କ୍ୟାରିଲ ଚର୍ଚ୍ଚିଲ୍‌ଙ୍କ ନାଟକ 'ସିରିୟସ ମନି'ରେ ଜାସିଣ୍ଟା କଣ୍ଡର୍ ଭୂମିକାରେ ଅଭିନୟ କରିଥିଲେ।

ବ୍ୟକ୍ତିତ୍ୱ



ମୀରା ସାୟଲ

୧୯୯୩ରେ ସେ କମେଡି-ଡ୍ରାମା ଫିଲ୍ମ 'ଭାଜି ଅନ୍ ଦ ବିଚ୍'ର ଚିତ୍ରନାଟ୍ୟ ଲେଖିଥିଲେ ଓ ଦୁଇ ବର୍ଷ ପରେ 'ଚ୍ୟାନେଲ ୪'ର ରୋମାଣ୍ଟିକ୍ କମେଡି ଫିଲ୍ମ 'ବିଉଟିଫୁଲ ଥିଙ୍ଗ୍'ରେ ଅଭିନୟ କରିଥିଲେ। ସେ ୧୯୯୦ରେ ବିବିସିରେ ଯୋଗ ଦେଇ ନିଜର ଉତ୍କର୍ଷ ପ୍ରତିପାଦନ କରିବାରୁ ତାଙ୍କୁ ଅଭିନୟ କରିବା ଲାଗି ବହୁ ସୁଯୋଗ ମିଳିଥିଲା। ସେଠାରେ ସେ ବ୍ରଡକାଷ୍ଟର୍ସ ସ୍କେଚ କମେଡି 'ଗୁଡ୍‌ନେସ୍ ଗ୍ରେସିୟସ୍ ମି' ଟିମ୍‌ରେ ସାମିଲ ହୋଇ ପ୍ରସିଦ୍ଧି ଅର୍ଜନ କରିଥିଲେ। ମୀରା ୧୯୯୬ରେ ଏହି ଶୋ' ପାଇଁ ମୁଖ୍ୟ ଲେଖିକା ଓ ଅଭିନେତ୍ରୀ ଥିଲେ ଏବଂ ୨୦୦୨ରେ ଆଣ୍ଡ୍ରୁ ଲୟଡ୍ ୱେବର୍ସଙ୍କ 'ବମ୍ବେ ଡ୍ରିମ୍ସ'ରେ ସହ-ରଚୟିତା ହୋଇ ବଲିଉଡ୍‌କୁ ପାଶ୍ଚାତ୍ୟ ମନୋରଞ୍ଜନରେ ସ୍ଥାନ ଦେଇଥିଲେ। ଡେମ୍ ମୀରା ନିଜର ପ୍ରଶଂସିତ କାର୍ଯ୍ୟରେ ପ୍ରାୟତଃ ନିଜର ଭାରତୀୟ ଐତିହ୍ୟ ଓ ସଂସ୍କୃତିକୁ ସନ୍ନିବେଶିତ କରି ଉଭୟ ଲେଖା ଓ ଅଭିନୟରେ ଏକ ସ୍ୱତନ୍ତ୍ର ପଦଚିହ୍ନ ସୃଷ୍ଟି କରିଛନ୍ତି। ୨୦୦୮ରେ ମୀରା ବିବିସିର 'ବିଉଟିଫୁଲ୍ ପିପୁଲ'ଠାରୁ ଆରମ୍ଭ କରି ଚର୍ଚ୍ଚିତ ଫିଲ୍ମ 'ପାଡିଂଟନ୍ ୨' (୨୦୧୭), 'ନାଟିଭିଟି ରକ୍ସ!' (୨୦୧୮), ୟେଷ୍ଟରଡେ (୨୦୧୯) ଏବଂ ସମ୍ପ୍ରତି 'ଟିନ୍‌ସେଲ ଟାଉନ୍' (୨୦୨୫)ରେ ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୭ ମସିହାରେ ସେ ରୟାଲ ସୋସାଇଟି ଅଫ୍ ଲିଟରେଚର ଫେଲୋ ଏବଂ ୨୦୨୩ରେ ସେ ବାଫ୍ଟା ଫେଲୋଶିପ୍ ପୁରସ୍କାର ପାଇଥିଲେ। ସେ ତିନୋଟି ଉପନ୍ୟାସ ଲେଖିଛନ୍ତି। ତାଙ୍କ ପ୍ରଥମ ଉପନ୍ୟାସ 'ଅନିତା ଆଣ୍ଡ ମି' (୧୯୯୬) ତାଙ୍କୁ ବେଟି ଟ୍ରାସ୍କ ପୁରସ୍କାର ଜିତାଇଥିଲା। ଅନ୍ୟ ଉପନ୍ୟାସ 'ଲାଇଫ୍ ଇଜ୍ ନଟ୍ ଅଲ୍ ହା ହା ହୀ ହୀ' (୧୯୯୯) ଏବଂ 'ଦ ହାଉସ୍ ଅଫ୍ ହିଡେନ୍ ମଦର୍ସ' (୨୦୧୫) ସମୀକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା।

କେବଳ ଲେଖା କିମ୍ବା ଅଭିନୟ ନୁହେଁ, ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ଆସିଛନ୍ତି। ୨୦୧୨ରେ ନିଜ ପିତାଙ୍କର ଡିମେନ୍ସିଆ ରୋଗ ବିଷୟରେ ଜଣାପଡ଼ିବା ପରେ ଦାତବ୍ୟ ସଂସ୍ଥାରୁ ସେ ବହୁ ସାହାଯ୍ୟ ପାଇଥିଲେ। ତେଣୁ ୨୦୧୩ରେ ଶିଖିବା ଅକ୍ଷମତା ଏବଂ ଅଟିଜମ୍ ଥିବା ଇହୁଦୀ ଶିଶୁ, ଯୁବକ ଓ ପ୍ରାପ୍ତବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଦାତବ୍ୟ ସଂସ୍ଥା 'କିସାରୋନ୍' ସହ ନିଜକୁ ସାମିଲ କରିଥିଲେ।

ମୀରାଙ୍କ ବ୍ୟକ୍ତିଗତ ଜୀବନ କହିଲେ ୧୯୮୯ରେ ସାମ୍ବାଦିକ ଶେଖର ଭାଟିଆଙ୍କୁ ବିବାହ କରିଥିଲେ। କିନ୍ତୁ ୨୦୦୨ରେ ସେମାନଙ୍କ ବିବାହ ବିଚ୍ଛେଦ ହୋଇଥିଲା। ସେମାନଙ୍କର ଝିଅ ମିଲି ଭାଟିଆ ରୟାଲ କୋର୍ଟ ଥିଏଟରର ଆସୋସିଏଟ୍ ଡାଇରେକ୍ଟର ଅଛନ୍ତି। ୨୦୦୫ ଜାନୁଆରୀରେ ମୀରା ନିଜର ଘନିଷ୍ଠ ସହଯୋଗୀ ସଞ୍ଜୀବ ଭାସ୍କରଙ୍କୁ ବିବାହ କରିଥିଲେ, ଯିଏ 'ଦ କୁମାର୍ସ ଏଟ୍ ନଂ ୪୨'ରେ ତାଙ୍କର ନାତି ଚରିତ୍ରରେ ଅଭିନୟ କରିଥିଲେ। ଏହି ବିବାହରୁ ତାଙ୍କର ପୁଅଟିଏ ଅଛି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆମେରିକାରୁ ଚାକିରି ଛାଡ଼ି ପୁଣେର ଇଞ୍ଜିନିୟର ରାହୁଲ ପଶ୍ଚିମଘାଟ ପର୍ବତମାଳା ଆଖପାଖର ଅନେକ ଗାଁରେ ବୋରୱେଲଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଫଳରେ ଜଳ ସମସ୍ୟା ଆଉ ନାହିଁ, ଲୋକେ ପ୍ରଚୁର ପାଣି ପାଇପାରୁଛନ୍ତି। ଚାଷ ମଧ୍ୟ ସୁରୁଖୁରୁରେ ଚାଲୁଛି। କେବଳ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳ ନୁହେଁ ଅନ୍ୟ ସବୁ ରାଜ୍ୟରେ ଏଯାବତ ସେ ୪୦୦ରୁ ଊର୍ଦ୍ଧ୍ୱ ବୋରୱେଲ ମରାମତି କରିସାରିଲେଣି। ନୂଆ ବୋରୱେଲ କରିବାରେ ଯେତିକି ଖର୍ଚ୍ଚ ଲାଗୁଛି ତାହାଠାରୁ ବହୁତ କମ୍ ଖର୍ଚ୍ଚରେ ପୁନରୁଦ୍ଧାର ହୋଇପାରୁଛି। କେବଳ ଭାରତ ନୁହେଁ, ଦକ୍ଷିଣ ଆଫ୍ରିକାରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବୋରୱେଲର ପୁନରୁଦ୍ଧାର ରୋବୋ ସାହାଯ୍ୟରେ କରାଯାଉଛି। 'ରୋହିଣୀ ନିଲେକାନି ଆର୍ଗିୟାମ ଫାଉଣ୍ଡେଶନ' ଦ୍ୱାରା ସେ ଏହି କାର୍ଯ୍ୟ କରୁଛନ୍ତି। ଆମେରିକାରୁ ଫେରିବା ପରେ ଚାଷ କରିବା ସମୟରେ ସେ ତାଙ୍କ ଅଞ୍ଚଳର ଜଳାଭାବ ସ୍ଥିତି ଦେଖି ତାହା ଦୂର କରିବା ସକାଶେ ଯୋଜନା ପ୍ରସ୍ତୁତ କରିଥିଲେ। ରାହୁଲ ମଧ୍ୟ ଦେଶର ହାଇଡ୍ରୋଲୋଜିଷ୍ଟମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ଜାନୁଆରୀ ୧୯୭୭

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଧଉଳିଠାରେ ଅନ୍ତଃସ୍ଥଳୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ମଧୁର ଜଳଜ ବିଜ୍ଞାନ ଅନୁସନ୍ଧାନ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରବୀଣ କଂଗ୍ରେସ ନେତା ଅଜିତ ପ୍ରସାଦ ଜୈନଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ !
ଧରାରେ ଖେଳୁଛି ଛବି କାନ୍ତ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶାରଳା ମନ୍ଦିରରେ ଶୃଙ୍ଖଳା ରହୁ

ମହାଶୟ,

ଜଗତ୍‌ସିଂହପୁର ଜିଲାର କନକପୁରଠାରେ ମା' ଶାରଳା ଠାକୁରାଣୀଙ୍କ ମନ୍ଦିର। ପ୍ରତିଦିନ ହଜାର ହଜାର ଲୋକ ମା'ଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। କେତେକ ରାଉଳ ଅଛନ୍ତି ଯାତ୍ରୀମାନଙ୍କଠାରୁ ଦକ୍ଷିଣା ନେଲାବେଳେ ଏଭଳି ଜୁଲମ କରୁଛନ୍ତି ଲୋକେ ଆଉ ମନ୍ଦିରକୁ ଯିବେ ନାହିଁ ବୋଲି ସେଠାରେ ରୋକ୍‌ଠୋକ୍ କହି ଦେଉଛନ୍ତି। ଭକ୍ତମାନଙ୍କର ଭାବାବେଗକୁ ସେମାନେ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ଏହାକୁ ଛୋଟ କଥା ନ ଭାବି ସରକାର ଭକ୍ତମାନଙ୍କର ସୁବିଧା ଲାଗି ଭୋଗ ଓ ଶାଢ଼ିଚଢ଼ା ଇତ୍ୟାଦି ଲାଗି ଏକ ରେଟ୍‌ଚାର୍ଟ ସିଂହଦ୍ୱାର ନିକଟରେ ଲଗାନ୍ତୁ ଏବଂ ଏକ କାଉଣ୍ଟରର ବ୍ୟବସ୍ଥା କରି ଅର୍ଥ ଆଦାୟ କରି ଟିକେଟିଏ ଦେବାର ବ୍ୟବସ୍ଥା କରନ୍ତୁ, ଭକ୍ତମାନେ ସେହି ଟିକେଟ ଦେଖାଇ ମନ୍ଦିରରେ ପୂଜା କରାଇ ଆସନ୍ତୁ। ଏହାଦ୍ୱାରା ଶୃଙ୍ଖଳା ରକ୍ଷା ହୋଇପାରିବ। ତାହା ନ ହେଲେ ରାଉଳମାନେ ସର୍ବ ସମକ୍ଷରେ ପାଟିତୁଣ୍ଡ କରି ଅର୍ଥ ଆଦାୟ କରୁଛନ୍ତି ଏବଂ କେତେକ ରାଉଳ ଏହାକୁ ସମର୍ଥନ କଲାବେଳେ ଆଉ କେତେକ ଏହାକୁ ନାପସନ୍ଦ କରୁଛନ୍ତି। ଅନେକ ଭକ୍ତ ଶୋଷଣର ଶିକାର ହୋଇ ବୀତସ୍ପୃହ ହୋଇଯାଉଛନ୍ତି। ରାଉଳମାନଙ୍କୁ ଏରିଆ ବାଣ୍ଟି ଦିଆଯାଇଥିବାରୁ ଅନ୍ୟ ରାଉଳ ତାଙ୍କର ଭୋଗ କିମ୍ବା ପୂଜା କରିପାରୁ ନାହାନ୍ତି। ସରକାର ଏ ସମ୍ପର୍କରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ଏବଂ ବିଶ୍ୱାସ।

**-ଅକ୍ଷୟ କୁମାର ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଲାବାରର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଉନ୍ମୋଚିତ



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଚନ୍ଦ୍ରଶେଖରପୁର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। (ଫଟୋ- ବିକାଶ ନାୟକ)

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଚନ୍ଦ୍ରଶେଖରପୁର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। ସ୍ୱତନ୍ତ୍ର ଶୈଳୀ ଗଢ଼ା ଯାଇଥିବା ସୁନା ଓ ହୀରା ଗହଣା ଏହି କଲେକ୍ସନରେ ଅନ୍ତର୍ଭୁକ୍ତ ରହିଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ଗୁଞ୍ଜନ ମେକ୍ଅପ୍ ଷ୍ଟୁଡିଓ ଆଣ୍ଡ ଷ୍ଟାଇଲିଂ ଆଟେଲାଏରର ଫାଉଣ୍ଡର ପଦ୍ମସିନୀ ପୁରୋହିତ ଯୋଗଦେଇଥିଲେ। ଏହି ଅବସରରେ ମଡେଲମାନେ ମାଲାବାରର ସ୍ୱତନ୍ତ୍ର ଗହଣା କଲେକ୍ସନ ସହିତ ୬ ପ୍ରକାର ବିବାହ ପରମ୍ପରାକୁ ପ୍ରଦର୍ଶନ କରିଥିଲେ। ଓଡ଼ିଆ, ବଙ୍ଗାଳୀ, ମରାଠୀ, ପଞ୍ଜାବୀ, ଗୁଜରାଟୀ ଏବଂ ଖ୍ରୀଷ୍ଟିଆନ୍ ପରମ୍ପରାର ଆଭୂଷଣ ପରିଧାନକରି ମଡେଲମାନେ ର୍ୟାମ୍ପ ୱାକ୍ କରିଥିଲେ, ଯାହାକି ଗ୍ରାହକମାନଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମରେ ଶୋ'ରୁମ୍ ମ୍ୟାନେଜର ଗୌରୀଶଙ୍କର ଆଚାର୍ଯ୍ୟ, ସିଦ୍ଧେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ମାଲାବାରର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ପ୍ରତି ବର୍ଷ ଏହି କ୍ୟାମ୍ପେନ ମାଧ୍ୟମରେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟବର୍ତ୍ତୀ ହୋଇପାରିଥିବାରୁ ଉତ୍ସାହିତ ଅଛୁ। ସୂଚନା ଥାଉକି, ସାରା ଦେଶରେ ମାଲାବାରର ୧୫ତମ ସଂସ୍କରଣର ଶୁଭାରମ୍ଭ ଅବସରରେ ୨୨ କନ୍ୟା ଓ ୧୦ ସେଲିବ୍ରିଟିଙ୍କୁ ଏକତ୍ରିତ କରାଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ଆଲିଆ ଭଟ୍ଟ, କରୀନା କପୁର ଖାନ, ଏନ୍‌ଟିଆର, କାର୍ଥୀ, ଅନିଲ କପୁର, ଶ୍ରୀନିଧି ସେଟ୍ଟୀ, ରୁକ୍ମିଣୀ ମିତ୍ର, ପ୍ରାର୍ଥନା ବେହେରେ ଏବଂ ମାନସୀ ପାରେଖ ଏହି କ୍ୟାମ୍ପେନର ଅଂଶ ହୋଇଛନ୍ତି। ଏହାସହ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଡାଇମଣ୍ଡ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି।

# ଏସି, କିଚେନ୍ ଆପ୍ଲାଏନ୍ସର ଦରବୃଦ୍ଧି ଆଶଙ୍କା

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

୨୦୨୬ରେ ଏୟାର କଣ୍ଡିଶନରଠାରୁ ଆରମ୍ଭ କରି ରୋଷେଇ ଘର ଉପକରଣ ପର୍ଯ୍ୟନ୍ତ ସବୁଥିରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଶିଳ୍ପ ସାମଗ୍ରୀର ବୃଦ୍ଧି ସାଧାରଣ ଗ୍ରାହକଙ୍କ ପକେଟକୁ ପ୍ରଭାବିତ କରିପାରେ। ଅନେକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ତମ୍ବା ଓ ଅନ୍ୟାନ୍ୟ ଧାତୁଗୁଡ଼ିକର ମୂଲ୍ୟ ଆଶାଠାରୁ ଅଧିକ ହୋଇଥିବାରୁ ଅନେକ ନିର୍ମାତା ସେମାନଙ୍କର ଇନ୍‌ପୁଟ ଖର୍ଚ୍ଚ ବୃଦ୍ଧି କରିଛନ୍ତି ଏବଂ ଏହି ବୋଝକୁ ଆହୁରି ବହନ କରିବାକୁ ଅସମର୍ଥ, ଯାହା ଫଳରେ ଏସି, କିଚେନ୍ ଆପ୍ଲାଏନ୍ସ, ବାଥ ଫିଟିଂ ଏବଂ ରୋଷେଇ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ। ଅନ୍ତର୍ଜାତୀୟ ବଜାରରେ ଆଲୁମିନିୟମ ମୂଲ୍ୟ ଟନ ପ୍ରତି ୩,୦୦୦ ଡଲାର ଅତିକ୍ରମ କରିଛି, ଯାହା ତିନି ବର୍ଷ ମଧ୍ୟରେ ସର୍ବାଧିକ। ତମ୍ବା ମୂଲ୍ୟ ଟନ ପ୍ରତି ୧୨,୦୦୦ ଡଲାର ସର୍ବକାଳୀନ ସର୍ବାଧିକ ମୂଲ୍ୟ ଅତିକ୍ରମ କରିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ତମ୍ବା ମୂଲ୍ୟ ସମ୍ପ୍ରତି ୧,୩୦୦ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିଛି। ଅନେକ ନିର୍ମାତା ମାର୍ଜିନ ବଜାୟ ରଖିବା ପାଇଁ ମୂଲ୍ୟ ୫ରୁ ୮% ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ଆର୍ଥିକ ବର୍ଷ ଆରମ୍ଭରୁ ତମ୍ବା-ଆଧାରିତ ଧାତୁ, ପିତ୍ତଳର ମୂଲ୍ୟ ଦୁଇ ଅଙ୍କ ବୃଦ୍ଧି ପାଇଥିବାରୁ ବାଥୱେର୍ କମ୍ପାନୀଗୁଡ଼ିକ ମଧ୍ୟ ଚାପର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଯୋଗାଣ ବାଧା ମଧ୍ୟରେ ତମ୍ବା ୨୦୦୯ ପରଠାରୁ ସର୍ବାଧିକ ବାର୍ଷିକ ବୃଦ୍ଧି ପାଇଛି।

# 'ପ୍ରଗତି'ର ରୌପ୍ୟ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୩।୧**



ପ୍ରଗତିର ରୌପ୍ୟ ଜୟନ୍ତୀ ପାଳନ ଉତ୍ସବରେ ଅତିଥିମାନେ ସ୍ମରଣିକା 'ସିଲ୍‌ଭର ସ୍ପାର୍କ' ଉନ୍ମୋଚନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ପ୍ରଗତି କମ୍ପାନୀର ରୌପ୍ୟ ଜୟନ୍ତୀ ସମାରୋହ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବୈଶିଷ୍ଟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁଗ୍ଧ ସଂଗ୍ରହ କ୍ଷେତ୍ରରେ ପ୍ରଗତିର ଅବଦାନ ଉପରେ ଆଲୋକପାତ କରିଥିଲେ। ଯେକୌଣସି କାର୍ଯ୍ୟ କରନ୍ତୁ ସ୍ୱଚ୍ଛ ମନ ଓ କଠୋର ପରିଶ୍ରମ ସଫଳତା ଆଣିଦିଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଶିଳ୍ପ ନିର୍ଦ୍ଦେଶକ ଅବୋଲି ନର୍ଭାଣେ ଯୋଗଦେଇ କହିଥିଲେ, ଏକ କ୍ଷୁଦ୍ରଶିଳ୍ପ କିପରି ବୃହତ୍ ଶିଳ୍ପରେ ପରିଣତ ହୋଇପାରେ ପ୍ରଗତି ତା'ର ଉଦାହରଣ। ଅନୁଷ୍ଠାନର ଉପଦେଷ୍ଟା କ୍ୟାପ୍ଟେନ ନିର୍ମଳ ଚନ୍ଦ୍ର ରାଉତ ଓ ପଶୁପତି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କୁମାର ରାଉତ ପ୍ରଗତି ଯାତ୍ରାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇଥିବାବେଳେ ଅସୀମା ପଣ୍ଡା ଓ ତାଙ୍କ ଟିମ୍‌ର ସଙ୍ଗୀତ ପରିବେଷଣ ଚିତ୍ତାକର୍ଷକ ରହିଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଏବଂ ବ୍ୟବସାୟୀଙ୍କ ସହଯୋଗୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ନଭେମ୍ବରରେ ଜିଓର ୧ ଲକ୍ଷ ୮୫ ହଜାର ନୂଆ ଗ୍ରାହକ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ରିଲାଏନ୍ସ ଜିଓ ନଭେମ୍ବର ମାସରେ ୱାୟାରଲେସ, ୱାୟାରଲାଇନ ଏବଂ ଫିକ୍ସଡ ୱାୟାରଲେସ ଆକ୍ସେସ (ଏଫ୍‌ଡବ୍ଲ୍ୟୁଏ) କ୍ଷେତ୍ରରେ ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ନଭେମ୍ବର ମାସରେ ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୫୯ ହଜାରରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୫୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ନଭେମ୍ବର ମାସରେ ଜିଓ ଓଡ଼ିଶାରେ ୧.୫୯ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ସମାନ ସମୟରେ ୧୦୦୦୦ରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବିରୋଧରେ ଆନ୍ଦୋଳନ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**




ଦୀର୍ଘଦିନ ଧରି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ପଡ଼ିରହିଥିବା ଦାବିଗୁଡ଼ିକୁ ପୂରଣ ପାଇଁ ବିଭିନ୍ନ ମାଧ୍ୟମରେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ତାହାର ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗରେ ଏଆଇଆର୍‌ଆର୍‌ବିଡବ୍ଲ୍ୟୁଏସ୍ ଓଡ଼ିଶା ଶାଖାର କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅନ୍ୟାୟକୁ ପ୍ରତିବାଦକରି ଓ ନ୍ୟାଯ୍ୟ ଦାବିଗୁଡ଼ିକୁ ପୂରଣ ପାଇଁ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୁପ୍ରିମକୋର୍ଟଙ୍କ ଏସ୍‌ଏଲ୍‌ପି କେସ୍ ନଂ ୩୯୨୮/୨୦୧୨ ଓ ସିପି ୧୭୯୮/୨୦୧୮ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କମ୍ପ୍ୟୁଟର ଇନ୍‌କ୍ରିମେଣ୍ଟ ଓ ମୂଳ ପେନ୍‌ସନର ବକେୟା ପ୍ରଦାନ କରିବାର ଆଦେଶ ଥିଲେ ମଧ୍ୟ ତାହା ସମସ୍ତ କ୍ଷେତ୍ରରେ ଅନୁପାଳନ କରାଯାଇନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ୨୦୨୮ ଏପ୍ରିଲଠାରୁ ସମସ୍ତ ବକେୟା ପ୍ରଦାନ କରିବାକୁ ଦାବି କରାଯାଇଛି। କମ୍ପ୍ୟୁଟର ଇନ୍‌କ୍ରିମେଣ୍ଟର ବକେୟା ପ୍ରଦାନ ବାବଦକୁ କଟା ଯାଇଥିବା ଅଧିକ ଇନକମ୍ ଟ୍ୟାକ୍ସ ତୁରନ୍ତ ସୁଧ ସହ ଫେରସ୍ତ ଏବଂ କମ୍ପୁଟର୍ ଇନକ୍ରିମେଣ୍ଟ ଲାଗୁ ପରେ ବର୍ଦ୍ଧିତ ପେନ୍‌ସନ ଉପରେ ଗ୍ରାଚ୍ୟୁଇଟି, କମୁଟେସନ ଓ ଏକ୍ସଗ୍ରାସିଆ ପ୍ରଦାନ କରିବା ପାଇଁ ମଧ୍ୟ ଦାବି କରାଯାଉଛି। ପେନ୍‌ସନଧାରୀଙ୍କ ମୃତ୍ୟୁପରେ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ତୁରନ୍ତ ଫାମିଲି ପେନ୍‌ସନ ପ୍ରଦାନ କରାଯାଉ। ଯଦି ଦାବିଗୁଡ଼ିକ ତୁରନ୍ତ ପୂରଣ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ପୋଷଣ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘର ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ଚେତାବନୀ ଦେଇଛନ୍ତି।

# ଡିସେମ୍ବର ସୁଦ୍ଧା ୨୪.୮୮ ମିଲିଅନ ଟନ୍ ଲୌହ ଧାତୁ ଉତ୍ପାଦନ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**



ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଖଣିଜ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି କରିଛି। ଡିସେମ୍ବର ୩୧ ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ୨୪.୮୮ ମିଲିଅନ ଟନ୍ (ଏମ୍‌ଟି)ରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷ ବା ୨୦୨୪-୨୫ ବର୍ଷର ଡିସେମ୍ବର ସୁଦ୍ଧା ହୋଇଥିବା ଉତ୍ପାଦନକୁ ଅତିକ୍ରମ କରିଛି। ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅଧୀନ ଓଏମ୍‌ସି ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୁଦାୟ ୨୯.୦୩ ମିଲିଅନ ଟନ୍ (ଲୁହାପଥର, କ୍ରୋମ, ବକ୍ସାଇଟ ଓ ଅନ୍ୟାନ୍ୟ) ଖଣିଜ ଉତ୍ପାଦନ କରିଛି। ଏହି ଦୃଢ଼ କାର୍ଯ୍ୟଦକ୍ଷତା ଓଏମ୍‌ସିକୁ ଦେଶର ଅଗ୍ରଣୀ ମାଇନିଂ କମ୍ପାନୀଗୁଡ଼ିକ ମଧ୍ୟରେ ନିଜ ସ୍ଥାନକୁ ସୁଦୃଢ଼ କରିବା ସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ନୂତନ ଉତ୍ପାଦନ ମାଇଲଷ୍ଟୋନ ସୃଷ୍ଟି ପାଇଁ ସହାୟକ ହେବ। ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସରେ ଓଏମ୍‌ସିର କାର୍ଯ୍ୟଦକ୍ଷତା ଏହି ଊର୍ଦ୍ଧ୍ୱଗାମୀ ଧାରାକୁ ଆହୁରି ସ୍ପଷ୍ଟ କରିଛି। ତୃତୀୟ ତ୍ରୈମାସରେ କର୍ପୋରେଶନ ସମୁଦାୟ ୧୨.୯୪ ମିଲିଅନ ଟନ ଖଣିଜ ଉତ୍ପାଦନ କରିଛି, ଯାହା ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସରେ (୯.୮୪ ମିଲିଅନ ଟନ୍) ତୁଳନାରେ ପ୍ରାୟ ୩୧.୫% ବୃଦ୍ଧି। ୨୦୨୫-୨୬ର ତୃତୀୟ ତ୍ରୈମାସରେ ଉତ୍ପାଦନରେ ୧୧.୨୩ ମିଲିଅନ ଟନ୍ ଲୁହା ପଥର, ୦.୪୯ ମିଲିଅନ ଟନ୍ କ୍ରୋମ୍, ୧.୧୫ ମିଲିଅନ ଟନ୍ ବକ୍ସାଇଟ ଓ ୦.୦୭ ମିଲିଅନ ଟନ୍ ଅନ୍ୟାନ୍ୟ ଖଣିଜ ରହିଛି।

## ୪ ଟ୍ରେନ୍ ବାତିଲ, ୩ର ଗତିପଥ ପରିବର୍ତ୍ତନ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର- ସରଳା ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ୪ ଟ୍ରେନ୍ ବାତିଲ କରାଯାଇଥିବାବେଳେ ୩ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୫୮୨୧୩ ଟିଟଲାଗଡ଼-ବିଲାସପୁର ପାସେଞ୍ଜର (ଜେସିଓ) ଓ ୫୮୨୧୮ ରାୟପୁର-ଟିଟିଲାଗଡ଼ ପାସେଞ୍ଜର (ଜେସିଓ) ରବିବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ୫୮୨୧୪ ବିଲାସପୁର-ଟିଟିଲାଗଡ଼ ପାସେଞ୍ଜର (ଜେସିଓ) ଓ ୫୮୨୧୭ ଟିଟିଲାଗଡ଼-ରାୟପୁର ପାସେଞ୍ଜର (ଜେସିଓ) ମଧ୍ୟ ୫ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ଅନ୍ୟପଟେ ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ (ଜେସିଓ) ୬ ତାରିଖ ପର୍ଯ୍ୟନ୍ତ ସରଳା-ସମ୍ବଲପୁର-ସମ୍ବଲପୁର ସିଟି ରୁଟ୍ ପରିବର୍ତ୍ତେ ସରଳା-ସମ୍ବଲପୁର ସିଟି ରୁଟ୍ ଦେଇ ଚଳାଚଳ କରିବ। ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ (ଜେସିଓ) ୬ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି-ସମ୍ବଲପୁର-ସରଳା ରୁଟ୍ ପରିବର୍ତ୍ତେ ସମ୍ବଲପୁର ସିଟି-ସରଳା ରୁଟ୍ ଦେଇ ଚଳାଚଳ କରିବ। ଟ୍ରେନ୍ ନମ୍ବର ୨୦୮୦୭ ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ୍ (ଜେସିଓ) ୬ ତାରିଖରେ ସମ୍ବଲପୁର ସିଟି-ସମ୍ବଲପୁର-ସରଳା ପରିବର୍ତ୍ତେ ସମ୍ବଲପୁର ସିଟି-ସରଳା ରୁଟ୍ ଦେଇ ଚଳାଚଳ କରିବ।


## ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ, ଜିଲ୍ଲା: ଭଦ୍ରକ

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା୦୫।୦୧।୨୦୨୬ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG)ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

''ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।''

| ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ |
|---|---|---|---|---|
| ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର |

ସମୟ: ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରିପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ ''ଏ'' ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

### :ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା:

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |

ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରିମ ଟୋକନ) ପ୍ରେରଣ କରାଯିବ, ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରିମ ଟୋକନ ପାଇଲା ପରେ ସମ୍ପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନରେ ଦିଆଯାଇଥିବା ଦିନ ଓ ପରିମାଣରେ ଧାନ ନେଇ ଆସିଥିବା ଚାଷୀମାନଙ୍କଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତ ହୋଇଥିବା ଟୋକନ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜୀକୃତ ହୋଇଥିବା ମୋ. ନଂ.ରୁ ଟୋଲ୍ ଫ୍ରି ନଂ. 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

**I.V.R.S. ପଦ୍ଧତିରେ :-**
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନର ସ୍ଥିତି ଜାଣିପାରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା./- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ସ୍ୱା./- ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-42, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ଅଧୀନରେ ବାମୁର, ବଇଣ୍ଡା, ଅତାବିରା, ଡୁଙ୍ଗୁରୁପାଲି, ଲୋଇସିଂହା, ସଇଁତଲା, ଥେରୁବାଲି, ବିଷମ କଟକ, ଲାଞ୍ଜିଗଡ଼ ରୋଡ୍ ଏବଂ ନରଲା ରୋଡ୍ ରେଳ ଷ୍ଟେସନ ଠାରେ CIBs ଏବଂ TIBsର ବ୍ୟବସ୍ଥା। କାର୍ଯ୍ୟର ପରିସର: (1) ବାମୁରର ପ୍ଲାଟଫର୍ମ 1 ଏବଂ 2, ବଇଣ୍ଡାର ପ୍ଲାଟଫର୍ମ 1 ଏବଂ 2, ଅତାବିରାର ପ୍ଲାଟଫର୍ମ 1 ଏବଂ 2, ଡୁଙ୍ଗୁରୁପାଲିର ପ୍ଲାଟଫର୍ମ 1, 2 ଏବଂ 3, ସଇଁତଲାର ପ୍ଲାଟଫର୍ମ 1 ଏବଂ 2, ଥେରୁବାଲିର ପ୍ଲାଟଫର୍ମ 1, 2 ଏବଂ 3, ଡୁଙ୍ଗୁରୁପାଲିର ପ୍ଲାଟଫର୍ମ 1, 2 ଏବଂ 3, ଲାଞ୍ଜିଗଡ଼ ରୋଡ଼ର ପ୍ଲାଟଫର୍ମ 1 ଏବଂ 2 ଓ ନରଲା ରୋଡ଼ର ପ୍ଲାଟଫର୍ମ 1, 2, 3 ଏବଂ 4 ଠାରେ CIBs (2) ବାମୁର, ବଇଣ୍ଡା, ଅତାବିରା, ଡୁଙ୍ଗୁରୁପାଲି, ଲୋଇସିଂହା, ସଇଁତଲା, ଥେରୁବାଲି, ବିଷମ କଟକ, ଲାଞ୍ଜିଗଡ଼ ରୋଡ୍ ଏବଂ ନରଲା ରୋଡ୍ ରେଳ ଷ୍ଟେସନ ଠାରେ TIBs

**ଟେଣ୍ଡର ମୂଲ୍ୟ (₹):** 5,65,99,991.60, ବିଡ୍ ସିକ୍ୟୁରିଟି (₹) : 4,33,000.00।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 19.01.2026 ରିଖ 1100 ଘଟିକାରେ

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-965/Q/25-26



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 63/ET/SBP/ENGG/2025-26, ତା.26.12.2025ରିଖ

(1) ଇ-ଟେଣ୍ଡର ସଂ. 63-eT-DENC-SBP-25

**କାର୍ଯ୍ୟର ନାମ :** ପ୍ଲାଟଫର୍ମ-1ରେ ପୁରୁଷ / ମହିଳା ହାଜତ, ମହିଳାମାନଙ୍କର ବସ୍ତ୍ର ବଦଳାଇବା କକ୍ଷ, ମାଲଖାନା, CCTV କକ୍ଷ, ଇତ୍ୟାଦି ସହିତ ବଲାଙ୍ଗୀର ରେଳ ଷ୍ଟେସନରେ ଗୋଟିଏ ଷ୍ଟାଣ୍ଡାର୍ଡ RPF ପୋଷ୍ଟ ବିଲ୍ଡିଙ୍ଗର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,26,04,152.36, ବିଡ୍ ସିକ୍ୟୁରିଟୀ : ₹ 2,13,100/-

(2) ଇ-ଟେଣ୍ଡର ସଂ. 64-eT-DENC-SBP-25

**କାର୍ଯ୍ୟର ନାମ :** ପ୍ଲାଟଫର୍ମ-1ରେ ପୁରୁଷ / ମହିଳା ହାଜତ, ମହିଳାମାନଙ୍କର ବସ୍ତ୍ର ବଦଳାଇବା କକ୍ଷ, ମାଲଖାନା, CCTV କକ୍ଷ, ଇତ୍ୟାଦି ସହିତ ବରଗଡ଼ ରୋଡ୍ ରେଳ ଷ୍ଟେସନରେ ଗୋଟିଏ GRP ଆଉଟ୍ ପୋଷ୍ଟ ବିଲ୍ଡିଙ୍ଗ ଏବଂ ଷ୍ଟାଣ୍ଡାର୍ଡ RPF ପୋଷ୍ଟ ବିଲ୍ଡିଙ୍ଗର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2,15,61,223.39, ବିଡ୍ ସିକ୍ୟୁରିଟୀ : ₹ 2,57,900/-

କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ (କ୍ରମ ସଂ. 1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 19.01.2026, 1500 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-970/Q/25-26



## PANCHAYAT SAMITI OFFICE, PHULBANI

Tel : (06842)253671, E-Mail : ori-bphulbani@nic.in

### TENDER CALL NOTICE

**No.15//Date.03.01.2026**

The Block Development Officer, Phulbani, District-Kandhamal on behalf of Governor of Odisha invites sealed tender in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the state governments and Contractors of equivalent Grades/class registered with central Government/ MES Railways to be eventually drawn up in PWD P-1 Agreement form, for execution of culverts/Buildings i.e. civil works. The proof of registration from the appropriate authority shall be enclosed along with the BID. If successful, the bidder who has not registered under state government has to register under the state government has to register under the state PWD in the appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approx vale of work (in Rs.) | Period of completion | Class of contractor | Bid Security @1% | Cost of BID document | Scheme |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of CDPO Office Building | 21,82,112/- | 6 (Six) calendar Month | B & C | 22,000/- | 5000/- | WCDMS |

**SCHEDULE :-**

| | |
|---|---|
| Place & date of Receipt of Tender Papers by Bidders | Sale of Bid documents starts From Dt.03.01.26 at 10 A.M. and close on Dt.17.01.26 up to 5.30 P.M. (in working days & working hours) at panchayat Samiti, Phulbani |
| | Can be downloaded from www.kandhamal.odisha.gov.in from dt.03.01.26 at 10.00 A.M. and close on dated 17.01.26 up to 5.30 P.M. |
| | Bid document shall be received by this agency up to 1.00 P.M on date 19.01.26 through Registered Post/Speed Post only |
| Place & date of opening of Tender papers | Dated 19.01.2026 at 4.00 P.M. in the office of the Block Development Officer, Panchayat Samiti Office, Phulbani |

Sd./- Block Development Officer
Panchayat Samiti, Phulbani



## ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ - ଦେଶ ନିମନ୍ତେ ''ମଧ୍ୟସ୍ଥତା ୨.୦''

No. W-55: ''ମଧ୍ୟସ୍ଥତା'' ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:-

- ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା (ଧାରା ୪୯୮A/IPC/୮୫ BNS) ସମେତ ସମସ୍ତ ପାରିବାରିକ ବିବାଦ।
- ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ।
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଶ୍ରମିକ ଅଧିନିୟମ ସମ୍ପର୍କୀୟ ମାମଲା
- ଚୁକ୍ତି ଅଧିନିୟମ ସମ୍ପର୍କୀୟ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ

ଓ ଉପଯୁକ୍ତ ଅନ୍ୟାନ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ପୁନର୍ବାର ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ ''ମଧ୍ୟସ୍ଥତା ୨.୦''** ନାମରେ ନାମିତ ହୋଇଛି। ଏହି ଅଭିଯାନ ୦୨।୦୧।୨୦୨୬ ତାରିଖଠାରୁ ଆରମ୍ଭ ହୋଇଛି। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟ ମୁକ୍ତ ନମ୍ବର - ୧୫୧୦୦ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ: ୯୪୩୮୫୭୮୫୮୬
e-mail ID: oslsa1997@gmail.com

OIPR-18008/11/0026/2526

## ସଂକ୍ଷେପରେ

### ବନ୍ତଛକରୁ ଉଚ୍ଛେଦ ହେଲା ଉଠାଦୋକାନ

ଭଦ୍ରକ,୩।୧(ସନାତନ ରାଉତ)

ଜିଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଥର ପାଇଁ ଭଦ୍ରକ ସହରରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨ୟ ଦିନରେ ବନ୍ତଛକରେ ଉଠାଦୋକାନ ଉଚ୍ଛେଦ କରାଯାଇଛି। ଭଦ୍ରକର ପ୍ରବେଶ ପଥ ବନ୍ତଛକରେ ଉଠାଦୋକାନ ଓ ଟ୍ରଲି ବ୍ୟବସାୟୀଙ୍କ ପାଇଁ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ଉକ୍ରଟ ହୋଇଥିଲା। ଶୁକ୍ରବାର କଚେରି ବଜାରରେ ଉଚ୍ଛେଦ କରାଯାଇଥିବା ବେଳେ ଶନିବାର ବନ୍ତଛକରୁ ସତ୍‌ସଙ୍ଗ ମନ୍ଦିର, ଏଲ୍ଆଇସି ଅଫିସ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ବନ୍ତଛକରୁ ଅପର୍ତ୍ତିବିନ୍ଧା ଛକ ରାସ୍ତାପାର୍ଶ୍ୱ ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ପୂର୍ବରୁ ଏସବୁ ସ୍ଥାନରେ ଉଚ୍ଛେଦ କରାଯାଇଥିବା ବେଳେ ପୁର୍ନବାର କେତେଜଣ ଦୋକାନୀ ଦୋକାନ ଆରମ୍ଭ କରିଥିଲେ। ଉଚ୍ଛେଦ ସମୟରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଉପସ୍ଥିତ ଥିବାବେଳେ ଟାଉନ ପୋଲିସ ମୁତୟନ ରହିଥିଲା।

### ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା କ୍ଲବ୍

ଭଦ୍ରକ,୩।୧(ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ସୁରକ୍ଷା ସୁଦୃଢ଼ କରିବା ପାଇଁ ଶୁକ୍ରବାର ଏକ ଆତ୍ମରକ୍ଷା କ୍ଲବ୍ ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର ଡ. ଯତିନ କୁମାର ମହାକୁଡ଼ ଏହାକୁ ଉଦ୍‌ଘାଟନ କରିବା ଅବସରରେ ଛାତ୍ରୀମାନେ ସଚେତନ ହେବା ସହ ସାହସୀ ହେବାକୁ ଆହ୍ୱାନ ଦେଇଥିଲେ। କ୍ଲବ୍‌ର ନୋଡାଲ ଅଫିସର ଡ. ଶୁଭଶ୍ରୀ ବେହେରା ଓ ଇପ୍ସିତା ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ଅଧାପିକା, ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

### ଚିନ୍ମୟ ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି

ଭଦ୍ରକ,୩।୧(ସନାତନ ରାଉତ)

ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜେଡିର ଛାତ୍ର ଶାଖାର ରାଜ୍ୟ କମିଟି ଘୋଷଣା କରାଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରନେତା ତଥା ଛାତ୍ର ବିଜେଡିର ବରିଷ୍ଠ ଉପସଭାପତି ତଥା ଭଦ୍ରକ ଜିଲା ବନ୍ତ ବ୍ଲକ ସରମରା ଗ୍ରାମର ଚିନ୍ମୟ ଦାସଙ୍କୁ ରାଜ୍ୟ କାର୍ଯ୍ୟକାରୀ ସଭାପତି



ଚିନ୍ମୟ ଦାସ

ରୂପେ ମନୋନୀତ କରାଯାଇଛି। ସେ ପୂର୍ବରୁ ଅନେକ ଜିଲାର ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବା ସହ ଛାତ୍ର ସଙ୍ଗଠନ ପାଇଁ କାର୍ଯ୍ୟ କରିଛନ୍ତି। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ତୃଣମୂଳସ୍ତରରେ ଛାତ୍ର ସଙ୍ଗଠନକୁ ସଙ୍ଗଠିତ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ଚିନ୍ମୟ କହିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ସେ ସଭାପତି ପଟ୍ଟନାୟକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, କଟକ ଚୌଦ୍ୱାରର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### କିଶୋର କିଙ୍କର ଭାଜପା ଜିଲା ସମ୍ପାଦକ

ଭଦ୍ରକ,୩।୧(ସନାତନ ରାଉତ)

ନିକଟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଭଦ୍ରକ ଜିଲା କମିଟିରେ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏହି ଟିମ୍‌ରେ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସାଂସଦ ଖେଳ



କିଶୋର କିଙ୍କର ପଡ଼ିଆରୀ

ମହୋତ୍ସବର ସଂସଦୀୟ କ୍ଷେତ୍ର ସଂଯୋଜକ କିଶୋର କିଙ୍କର ପଡ଼ିଆରୀଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ଏହି ଘୋଷଣା କରିଛନ୍ତି। ଦଳ ପାଇଁ ନିଷ୍ଠାର ସହ ସେ ସବୁବେଳେ କାମ କରିଥିବା ବେଳେ ତାଙ୍କୁ ଦିଆଯାଇଥିବା ଦାୟିତ୍ୱ ଠିକ୍‌ଭାବେ ତୁଲାଇବେ ବୋଲି କିଶୋର କିଙ୍କର କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସଭାପତି ସାମଲ, ଜିଲା ସଭାପତି ପଣ୍ଡା, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଣ୍ଡାରିପୋଖରୀ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମଣ୍ଡି ଖୋଲିବାରେ ବିଳମ୍ବ, ଫାଇଦା ଉଠାଉଛନ୍ତି ବେପାରୀ

**ସମିତି ୱାରି ଚାଷୀଙ୍କ ସଂଖ୍ୟା, ଧାନ ପରିମାଣ ସର୍ବସାଧାରଣରେ ପ୍ରକାଶ କରିବାକୁ ଦାବି**

ଧାମନଗର,୩।୧(ସନ୍ତୋଷ କୁମାର ମହାପାତ୍ର)

ଚଳିତବର୍ଷ ଧାମନଗର ବ୍ଲକରେ ଖରିଫ ଧାନ ଅମଳ ପ୍ରାୟ ୮୦ ପ୍ରତିଶତ ସରିଗଲାଣି। ହେଲେ ଅଦ୍ୟାବଧି ସରକାରୀ ମଣ୍ଡି ଖୋଲୁନାହିଁ କିମ୍ବା ଚାଷୀଙ୍କୁ ଟୋକନ ମିଳିନାହିଁ। ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବେପାରୀମାନେ ଏହାର ଫାଇଦା ଉଠାଉଛନ୍ତି। ସ୍ଥାନୀୟ ଋତୁକାଳୀନ ଧାନ ବେପାରୀ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କ୍ରୟ କରି ପଡ଼ୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି। ଆଉ କେହି କେହି ଧାନ ବେପାରୀ ପୂର୍ବ ଯୋଜନା ମୁତାବକ ଚାଷ କରୁ ନ ଥିବା ବଡ଼ ବଡ଼ ଚାଷୀଙ୍କଠାରୁ ଟୋକନ ନେଇ ମଣ୍ଡିକୁ ଧାନ ବିକି କରି ମାଲେମାଲ ହେବାକୁ ଧାନ ଗଚ୍ଛିତ ରଖୁଛନ୍ତି। ଗତବର୍ଷ ମଣ୍ଡି ଖୋଲିବାର ପ୍ରାୟ ମାସକ ପୂର୍ବରୁ ଚାଷୀଙ୍କୁ ଧାନ ବିକ୍ରୟ ନେଇ ଟୋକନ ମିଳିଥିଲା। କିନ୍ତୁ ଚଳିତବର୍ଷ ସରକାରଙ୍କ ଦ୍ୱାରା ଅନ୍‌ଲାଇନ ପଞ୍ଜୀକୃତ ନକଲି ପ୍ଲଟ୍‌ର ତ୍ରିସ୍ତରୀୟ ଯାଞ୍ଚ ନେଇ ବିଳମ୍ବ ହେଉଛି।

ସୂଚନା ଅନୁଯାୟୀ, ବ୍ଲକରେ ଚଳିତବର୍ଷ ପ୍ରାୟ ୧୬ ହଜାର ହେକ୍ଟର ଚାଷଜମିରେ ଧାନଚାଷ କରାଯାଇଥିଲା। ବ୍ଲକରେ ଥିବା ୧୨ଟି ସମବାୟ ସମିତି ଓ ୩ଟି ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମୋଟ ୭୮୫୩ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ। ସେଥିମଧ୍ୟରୁ ଚୁଡ଼ାକୁଟି ସେବା ସମବାୟ ସମିତି ୭୯୯, ଶ୍ରୀଜଗନ୍ନାଥ ସମିତି ୬୩୪, ଧାମନଗର ୭୮୨, ଦୋବଲ ୨୨୦, କରଦା ୩୬୫, ଦଳାଙ୍ଗ ୫୯୪, ବମକୁରା ୭୦୯, କୋଠାର ୪୯୪, ଧୁଷୁରୀ ୩୯୩, ପାଳସାହି ୮୨୭, ବରଗଡ଼ା ୪୨୫, କଟସାହି ୬୪୭ ଏବଂ ଦୋଳଗୋବିନ୍ଦ ସ୍ୱୟଂସହାୟକ ଗୋଷ୍ଠୀ ୩୨୧, ବାବା ଆଖଣ୍ଡଳମଣି ଏସ୍‌ଏଚ୍‌ଜି ୨୩୧, ନିତାଇଗୌର ଏସ୍‌ଏଚ୍‌ଜି ମାଧ୍ୟମରେ ୪୧୨ଜଣ ପଞ୍ଜୀକୃତ ଚାଷୀ ଧାନ ବିକିବେ। ପ୍ରତିବର୍ଷ ଭଳି ମଣ୍ଡିକୁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ, ଏହା କେବଳ ମୋବାଇଲ ମେସେଜ ମାଧ୍ୟମରେ ସୂଚନା ପାଇଥାନ୍ତି। କିନ୍ତୁ ପ୍ରତ୍ୟେକ ସମବାୟ ସମିତିର ହୋଇଥିବା ପଞ୍ଜୀକୃତ ଚାଷୀଙ୍କ ସମୂହ ଚିଠା କିମ୍ବା କେଉଁ ଚାଷୀ କେତେ ପରିମାଣରେ ଧାନ ମଣ୍ଡିକୁ ବିକ୍ରି କରିପାରିବେ, ସେନେଇ ସରକାର ଯଦି ସର୍ବସାଧାରଣରେ ପ୍ରକାଶ କରନ୍ତି ତାହେଲେ ପ୍ରକୃତ ଚାଷୀ, ଭାଗଚାଷୀ ଓ ନକଲି ଚାଷୀ ଲୋକଲୋଚନକୁ ଆସିପାରନ୍ତେ। ଏହାସହ ସମ୍ପାଦକଙ୍କ ଦ୍ୱାରା କରାଯାଇଥିବା ନକଲି ଭାଗ ଚାଷୀଙ୍କ ପଞ୍ଜୀକରଣ ସରକାରଙ୍କ ଦୃଷ୍ଟିଗୋଚର ହୋଇପାରନ୍ତା ବୋଲି ଚାଷୀମାନେ ଦାବି କରିଛନ୍ତି। ଏନେଇ ବ୍ଲକ ଯୋଗାଣ ବିଭାଗର ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ତ୍ରିପାଠୀ କହିଛନ୍ତି, ଚାଷୀଙ୍କୁ ତାଙ୍କର ଧାନର ପରିମାଣ କେବଳ ମୋବାଇଲ ମେସେଜ ମାଧ୍ୟମରେ ଅବଗତ କରାଯାଉଛି। ଏହାସହ ଧାର୍ଯ୍ୟ ତାରିଖର ୨୪ ଘଣ୍ଟା ପୂର୍ବରୁ ସମବାୟ ସମିତି ଏବଂ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ କେଉଁ ଚାଷୀ କେତେ ପରିମାଣ ଧାନ ବିକି ପାରିବେ, ସେନେଇ ଜଣାଯାଉଛି। କିନ୍ତୁ ସର୍ବସାଧାରଣରେ ସମୂହ ସମିତିୱାରି ଚାଷୀଙ୍କ ସଂଖ୍ୟା ଏବଂ ଧାନର ପରିମାଣ ପ୍ରକାଶ କରିବାକୁ ସରକାରୀ ନିୟମ ନାହିଁ।

# ଭଦ୍ରକ ସାଂସ୍କୃତିକ ମହୋତ୍ସବ



ମହୋତ୍ସବରେ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଭଦ୍ରକ,୩।୧(ରବିନାରାୟଣ ଖିଲାର)

ଭଦ୍ରକ ହେଉଛି ତ୍ୟାଗର ମାଟି। ସମଗ୍ର ଓଡ଼ିଶାରେ ଭଦ୍ରକ ଜିଲାର ସ୍ଥାନ ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ରହିଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି, ସେହିପରି ଏହି ମାଟି ସଂସ୍କୃତି, ସାହିତ୍ୟ ଓ ଐତିହ୍ୟର ଗୌରବ ଗୀତିକା ଗାଉଛି। ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ସଞ୍ଜୀବ କିଆ ପ୍ରାୟୋଜିତ ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହର ଗାନ୍ଧୀପଡ଼ିଆରେ ଆୟୋଜିତ ଏହି ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ଉପଦେଷ୍ଟା ଆଖଣ୍ଡଳମଣି କଲେଜ ଅଧକ୍ଷ ନୀହାର ରଞ୍ଜନ କର ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମିଳିତ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ରୋଟାରିଆନ ଅତିସ ବେହେରା, କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଦାସ ଓ ରାଜେଶ ଦାସ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସହ ସଂଗୀତ ପରିବେଷଣ କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସୁଶ୍ରୀ ଅଞ୍ଜନା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ଚୈତାଳି ଖିଲାର, ଗୀତାଞ୍ଜଳି ଅଗସ୍ତି ପ୍ରମୁଖ ରାଜ୍ୟ ସଂଗୀତ ଗାନ କରିଥିଲେ। ପରେ ଭଦ୍ରକର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ଅପୂର୍ବ ରଞ୍ଜନ ବେହେରା, ଅଜୟ ପଣ୍ଡା, କମଳ ଲୋଚନ ପଣ୍ଡା, ଜୟ ଜଗନ୍ନାଥ ମଲ୍ଲିକ, ଆବାହକ ଅବିନାଶ ପଣ୍ଡା, କ୍ଷୀତିଶ ସାମନ୍ତ, ଶୁଭଦ୍ୱୀପ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, ଜଗନ୍ନାଥ ବେହେରା, ଶାନ୍ତନୁ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ଏହି ମହୋତ୍ସବ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ସ୍କୁଲ ନିକଟରେ ମଦ ଦୋକାନ ଖୋଲିବାକୁ ବିରୋଧ



ମଦ ଦୋକାନ ଖୋଲିବା ପ୍ରତିବାଦରେ ଅଞ୍ଚଳବାସୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବିକ୍ଷୋଭ ପ୍ରଦର୍ଶନ କଲେ ଅଞ୍ଚଳବାସୀ**

ତିହିଡ଼ି,୩।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ ନିକଟରେ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ସେମାନେ ଶନିବାର ଅପରାହ୍ନରେ ପୀରହାଟ ବଜାରରୁ ଏକ ଶୋଭାଯାତ୍ରାରେ ବାହାରି ମଦ ବିରୋଧୀ ସ୍ଲୋଗାନ ଦେବା ସହ ବନ୍ଦ ଥିବା ମଦ ଦୋକାନ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମଦ ଦୋକାନ ଖୋଲାଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ହାଇସ୍କୁଲ ନିକଟରେ ମଦ ଦୋକାନ ଖୋଲିଲେ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବ। ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବ। ଏହାବ୍ୟତୀତ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଷଜମି ମଧ୍ୟ ନଷ୍ଟ ହୋଇଯିବ। କୌଣସି ବି ପରିସ୍ଥିତିରେ ମଦ ଦୋକାନ ଖୋଲିବାକୁ ଦିଆଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଭାଜପା ନେତା ଅଜୟ ରାଉତ, ସନାତନ ମିଶ୍ର, ଶଶିକାନ୍ତ ନାୟକ, ଜଗଦୀଶ ବଳ, ଚକ୍ରଧର ଦାସ, ମୁକ୍ତିକାନ୍ତ ମହାନ୍ତି, ରାମଚନ୍ଦ୍ର ଦାସ, ସୁକାନ୍ତ ବଳ, ପ୍ରାଣବନ୍ଧୁ ମହାନ୍ତି, ବସନ୍ତ ବାରିକ, ବୈରାଗୀ ଜେନା, କୀର୍ତ୍ତିମୟ ମିଶ୍ର, କୌଶଲ୍ୟା ବେହେରା, ମିନାକ୍ଷୀ ନାୟକ, ପ୍ରୀତିଲତା ମହାନ୍ତି, ମୀନାରାଣୀ ସେନାପତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର ବିକ୍ଷୋଭରେ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯ରେ ସେହି ହାଇସ୍କୁଲ ନିକଟରେ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ସ୍ଥାନୀୟ ଅଞ୍ଚଳବାସୀ ଏହାର ତୀବ୍ର ବିରୋଧ କରିବାରୁ ମଦ ଦୋକାନ ଖୋଲିବା ବନ୍ଦ ରହିଥିଲା।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ହଟିବେ ଗାଦିମଡ଼ା କର୍ମଚାରୀ

ଭଣ୍ଡାରିପୋଖରୀ,୩।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୃଙ୍ଖଳିତ କରିବା ପାଇଁ ଗାଦିମଡ଼ା ଏଏନ୍‌ଏମ୍ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ବଦଳି କରାଯିବ। ଏନେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଡେପୁଟେଶନରେ ଭଦ୍ରକ ପଠାଯିବା ପରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପଛରେ କେତେଜଣ ଗାଦିମଡ଼ା ଏଏନ୍‌ଏମ୍ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଦୃଷ୍ଟିକୁ ଆସିଛି। ଫଳରେ ଏଭଳି ପଦକ୍ଷେପ ଗ୍ରହଣ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବହୁବର୍ଷ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବା ଫଳରେ ସେମାନେ ବିବାଦୀୟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଉଥିବା ଜଣାପଡ଼ିଛି। ନିର୍ଦ୍ଦିଷ୍ଟ କେତେଜଣ ଏଏନ୍‌ଏମ୍ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ବହୁତ ଲମ୍ବା। ଗାଦିମଡ଼ା କର୍ମଚାରୀଙ୍କ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସହ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି ହେଉଥିବା ଅନୁଭବ କରିବା ପରେ ଏହାର ପ୍ରତିକାର ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ବିଶୃଙ୍ଖଳାକୁ ସୁଧାରିବାକୁ ହେଲେ ଗାଦିମଡ଼ା କର୍ମଚାରୀଙ୍କ ବଦଳି ଆବଶ୍ୟକ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନାୟକ କହିଛନ୍ତି।

# ବନ୍ଧୁମିଳନ ଉତ୍ସବ

ବାସୁଦେବପୁର,୩।୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ନାୟକାଣିଡିହୀ ଗ୍ରାମରେ ରମାକାନ୍ତ ସେବା ଫାଉଣ୍ଡେଶନ ସେବା ସଙ୍ଗଠନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାୟକାଣିଡିହୀ ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତରୁ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ଲୋକ ଏଥିରେ ସାମିଲ ହୋଇଥିଲେ। ଭୋଜି ସହ ନୃତ୍ୟଗୀତର ଆୟୋଜନ ମଧ୍ୟ କରାଯାଇଥିଲା। ଅଭିନେତ୍ରୀ ଅଙ୍କିତା ମିଶ୍ର ଓ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉତ୍ସବରେ ଯୋଗଦେଇ ଗୀତ ଗାଇ ଲୋକଙ୍କ ମନୋରଞ୍ଜନ କରିଥିଲେ। ଫାଉଣ୍ଡେଶନର ଅଧକ୍ଷ ରତିକାନ୍ତ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଙ୍ଗଠନ ଅବହେଳିତ ଲୋକଙ୍କର ଜୀବନବ୍ୟାପୀ ସେବା କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଫାଉଣ୍ଡେଶନର ଏକ ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ରମାକାନ୍ତ ପ୍ରଧାନ ଓ ସୀତାମଣି ପ୍ରଧାନ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ।

# ଗୋଦାମ ନିର୍ମାଣ ଦାବିକଲେ ଚାଷୀ

**ନିଶ୍ଚନ୍ତପୁର ସମବାୟ ସମିତିର ବାର୍ଷିକ ସାଧାରଣ ସଭା**

ତିହିଡ଼ି,୩।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ନିଶ୍ଚନ୍ତପୁର ସେବା ସମବାୟ ସମିତି ଗତ ଖରିଫ ଋତୁରେ ଧାନ ସଂଗ୍ରହରେ ବ୍ଲକରେ ୨ୟ ହୋଇଥିଲା। ତେବେ ସମିତିରେ ଗୋଦାମ ନ ଥିବାରୁ ବହୁ ସମସ୍ୟା ଉପୁଜିଥିଲା। ଏପରିସ୍ଥଳେ ଏକ ଗୋଦାମ ନିର୍ମାଣ ପାଇଁ ଶୁକ୍ରବାର ଅନୁଷ୍ଠିତ ସମିତିର ବାର୍ଷିକ ସାଧାରଣ ସଭାରେ ଚାଷୀମାନେ ଦାବି ଜଣାଇଛନ୍ତି। ସମିତି ପରିସରରେ ସମିତିର ପ୍ରଶାସନିକ ଅଧିକାରୀ ସତ୍ୟପ୍ରକାଶ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ ଯୋଗଦେଇ ସମସ୍ତଙ୍କ ସହଯୋଗ ରହିଲେ ସମିତି ସଫଳତା ହାସଲ କରିପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ୟାଙ୍କ ସୁପରଭାଇଜର ସୁଦର୍ଶନ ସ୍ୱାଇଁ ଯୋଗଦେଇ ଚାଷୀମାନେ ସମିତି ମାଧ୍ୟମରେ କିପରି ଉପକୃତ ହୋଇପାରିବେ, ସେ ଦିଗରେ ଆଲୋକପାତ କରିଥିଲେ। ସମ୍ପାଦିକା ଗୀତାଞ୍ଜଳି ଦାସ ସମିତିର ଆୟବ୍ୟୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମଳିକ, ରାଜକିଶୋର ନାୟକ, ଅମିୟଚାନ୍ଦ ନାୟକ, ରବୀନ୍ଦ୍ର ପଣ୍ଡା, ବିଜୟ ନାୟକ, ଶରତ ଲେଙ୍କା, ସୌମ୍ୟଗୋପାଳ ନାୟକ, ହୃଷୀକେଶ ନାୟକ, ଜୀବନ ନାୟକ, ପ୍ରେମାନନ୍ଦ ମଳିକ, ଶଶଧର ନାୟକ, ଶିବପ୍ରସାଦ ନାୟକ, ନବଘନ ସାହୁ, ରମେଶ ଲେଙ୍କା, ବୈଲୋଚନ ମଲ୍ଲିକ, ଉତ୍ତମ ନାୟକ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଡିଇଓ ଧିରେନ କୁମାର ରାଉତ, କର୍ମଚାରୀ ଦୟାନିଧି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆକ୍ରମଣ ସହ ଘର ପୋଡ଼ିଦେଲେ, ୩ ଗୁରୁତର

ଆଗରପଡା,୩।୧(ସୁଶାନ୍ତ ଦାସ)



ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ କାଦବରାଙ୍ଗସ୍ଥିତ ସୁଆଁପଦା ଗ୍ରାମରେ ଶୁକ୍ରବାର ରାତିରେ ଧାନପିଟା ମେଶିନ ଭଡ଼ାକୁ କେନ୍ଦ୍ରକରି ଘରପୋଡ଼ି ସହ ମରଣାନ୍ତକ ଆକ୍ରମଣ ହୋଇଛି। ସୁଆଁପଦା ଗ୍ରାମର ସନାତନ ମଣ୍ଡଳଙ୍କ ପରିବାର ଲୋକ ଆକ୍ରମଣର ଶିକାର ହୋଇଥିବା ବେଳେ ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ଏନେଇ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସନାତନ ନିଜ ଗାଁରୁ ମେଶିନ ନ ନେଇ ବାହାରୁ ଧାନପିଟା ମେଶିନ ଭଡ଼ାରେ ଆଣିଥିଲେ। ଶୁକ୍ରବାର ସେ ବଜାରରେ ଜିନିଷପତ୍ର କିଣାକିଣି କରୁଥିବା ବେଳେ ସେହି ଗ୍ରାମର ୨ଭାଇ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଦୁଇଭାଇ ତାଙ୍କ ସହଯୋଗୀମାନଙ୍କୁ ନେଇ ସନାତନଙ୍କ ବାପା, ମା’ ଓ ସ୍ତ୍ରୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ପରେ ରାତିରେ ସେମାନେ ସନାତନଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ତାଙ୍କ ଘରର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଆକ୍ରମଣରେ ଗୁରୁତର ୩ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖାହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇନାହିଁ। ଶନିବାର ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ପଞ୍ଚାୟତ ଯୁବ ବିଜେଡି ସଭାପତି କିଶୋର ରାଉତ, ବିଷ୍ଣୁ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସନାତନଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ସ୍ମୃତିସଭା

ଧାମନଗର,୩।୧(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ସ୍ତ୍ରୀ ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ରାଉତଙ୍କ ଏକାଦଶାହ ଅବସରରେ ଶନିବାର କମାରବନ୍ଧସ୍ଥିତ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଳାକାର ସୁବାସ ଚନ୍ଦ୍ର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏଜଦାନି କାଦରୀ, ରଞ୍ଜିତା ସ୍ୱାଇଁ, ସନ୍ଧ୍ୟାରାଣୀ ମହାପାତ୍ର, ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଖବରଦାତା ବାସୁଦେବ ତ୍ରିପାଠୀ, ଅନିଲ ବାରିକ, ସୁଧାକର ଦାଶ, ବୈକୁଣ୍ଠ ନାଥ ସାହୁ, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର, ଶଚିକାନ୍ତ ପଣ୍ଡା, ହୃଦାନନ୍ଦ କର, ସାମାଜିକ କର୍ମୀ ଦାମୋଦର ମଲ୍ଲିକ, ଆଇନଜୀବୀ ଦେବାଶିଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରାଉତଙ୍କ ସ୍ୱାମୀ ବ୍ରଜକିଶୋର ରାଉତ, ପୁଅ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ସାନପୁଅ ସୁଶାନ୍ତ କୁମାର ରାଉତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଦୁର୍ଘଟଣା ଜୋନ୍ ପାଲଟିଛି ମଠଡିହ-କୁଳସାହି ରାସ୍ତା

ଧୁଷୁରୀ, ୩।୧(ଦୀପ୍ତିରଞ୍ଜନ ନାୟକ)



ଓଳଗ ନିକଟରେ ଜଣେ ବାଇକ୍ ଆରୋହୀ ପଡ଼ିଯାଇଛନ୍ତି।

ଭଦ୍ରକ-ଆରଡ଼ି ୩୫ ନଂ. ରାଜ୍ୟ ରାଜପଥର ମଠଡିହଠାରୁ କୁଳସାହି ପର୍ଯ୍ୟନ୍ତ ପ୍ରାୟ ୬ କି.ମି. ରାସ୍ତା ଏବେ ଦୁର୍ଘଟଣା ଜୋନ୍ ପାଲଟିଛି। ପିଚୁ କରିବା ତଥା ସମ୍ପ୍ରସାରଣ ଆଳରେ ଠିକାଦାର ରାସ୍ତା ତାଡ଼ି ୨ବର୍ଷ ହେଲା ଦେଖାନାହାନ୍ତି। ଓଳଗ ନିକଟରେ ଏହି ରାସ୍ତାର ଅବସ୍ଥା କହିଲେ ନ ସରେ। ରାସ୍ତା ଉପରେ ଗୋଡ଼ି ପଡ଼ି ରହିଥିବାରୁ ବାଇକ୍ ଆରୋହୀମାନେ ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମହାଶିବରାତ୍ରି ପୂର୍ବରୁ ଏହି ସ୍ଥାନରେ ରାସ୍ତା ମରାମତି ପାଇଁ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ହେଲେ ଏପର୍ଯ୍ୟନ୍ତ ରାସ୍ତା ମରାମତି ହୋଇପାରି ନାହିଁ। ଜିଲା ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତା ଦେଇ ଆଖଣ୍ଡଳମଣି ପୀଠକୁ ବହୁବାର ଯା’ଆସ କରୁଥିଲେ ମଧ୍ୟ ସେମାନଙ୍କ ନଜର କିପରି ଏହି ରାସ୍ତା ଉପରେ ପଡୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସେହିପରି ପୂର୍ତ୍ତ ବିଭାଗ ଅଧିକାରୀ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ ହେଉଛି। ଶନିବାର ମଧ୍ୟାହ୍ନରେ ଏଠାରେ ଜଣେ ବାଇକ୍ ଚାଳକ ପଡ଼ିଯାଇ ଲହୁଲୁହାଣ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏଭଳି ସ୍ଥିତିରେ ତୁରନ୍ତ ଏହି ରାସ୍ତା ମରାମତି କାର୍ଯ୍ୟ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବଘନ ମାରାଣ୍ଡି କହିଛନ୍ତି, ସେ ଉକ୍ତ ରାସ୍ତାର ଦୁରବସ୍ଥା ବିଷୟରେ ଜାଣିନାହାନ୍ତି। ୨ଦିନ ଭିତରେ ରାସ୍ତାରେ ପଡ଼ିଥିବା ଗୋଡ଼ିକୁ ସଫା କରାଯାଇ ଅସ୍ଥାୟୀ ଭାବେ ସମସ୍ୟାକୁ ଏଡ଼ାଇ ଦିଆଯିବ। ପ୍ରାୟ ୨ ମାସ ଭିତରେ ସ୍ଥାୟୀ ଭାବେ ରାସ୍ତା ମରାମତି କରାଯିବ।

### ବାପୁଜୀ-୧୧ ଭୁବନେଶ୍ୱର ଚାମ୍ପିୟନ

ଭଦ୍ରକ,୩।୧(ସନାତନ ରାଉତ)

ଭଦ୍ରକ ଚରମ୍ପା ଆର୍‌ସିବିଏଲ୍ ସ୍କୁଲ ପଡ଼ିଆରେ ଚରମ୍ପା ଯୁବକ ସଂଘ ପକ୍ଷରୁ ଚାଲିଥିବା ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ୟୁନିକ୍-୧୧ କେନ୍ଦୁଝରକୁ ହରାଇ ବାପୁଜୀ-୧୧ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ୟୁନିକ୍-୧୧ ବ୍ୟାଟିଂ କରି ୨୩.୧ ଓଭରରେ ୧୫୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୨୨.୩ ଓଭରରେ ବାପୁଜୀ-୧୧ ଆବଶ୍ୟକ ରନ୍ ସଂଗ୍ରହ କରି ୪ ଉଇକେଟ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅରୂପ ଅଭିଷେକ ବେହେରା, ରୋଟାରିଆନ ଶିଶିର ମିଶ୍ର ଓ ହିମାଂଶୁ ମହାପାତ୍ର ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ବାପୁଜୀ-୧୧ର ସତ୍ୟଜିତ ସାବତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲଲାଟ କେଶରୀ ନନ୍ଦ ଓ ପ୍ରାଣନାଥ ଜେନା ମ୍ୟାଚ୍ ପରିଚାଳନା କରିଥିଲେ।

# ପରିଚୟ ଖୋଜୁଛି ୮୦ ବର୍ଷର ଡେଲିଂ ବନ୍ଧ

## ପୁନରୁଦ୍ଧାର ଦାବି

ଗୋପବନ୍ଧୁନଗର,୩।୧ (ଶାନ୍ତନୁ କୁମାର ମଣ୍ଡଳ)


ଡେଲିଂ ବନ୍ଧ।

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ୍ ଶୀଳଘାଟି ପଞ୍ଚାୟତ ଶୀଳଘାଟି ଗ୍ରାମରେ ଥିବା ପୁରାତନ ବନ୍ଧ ପରିଚୟ ଖୋଜୁଛି। ବନ୍ଧ ଉପରେ ଲୋକେ ଚାଷ ଓ ନିତ୍ୟ ବ୍ୟବହାର୍ଯ୍ୟ କାମ ନିମନ୍ତେ ନିର୍ଭର କରିଥାନ୍ତି। ମାତ୍ର ବନ୍ଧର ପୁନରୁଦ୍ଧାର ହେଉ ନ ଥିବାରୁ ପୋତିହୋଇଗଲାଣି। ଫଳରେ ବନ୍ଧ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ପୁନରୁଦ୍ଧାର କରିବାକୁ ସ୍ଥାନୀୟ ବାସିନ୍ଦା ମଳୟ ମହାକୁଡ଼, ଛଟିଆ ସିଂ, ମଙ୍ଗଳ ବିଦ୍ଧାଣି, ପଦ୍ମଲୋଚନ ମାରାଣ୍ଡି, ଲୁଣା ଟୁଡୁ ପ୍ରମୁଖ ଦାବି କରିଛନ୍ତି।

ପ୍ରକାଶ ଯେ, ଶୀଳଘାଟି ଅଞ୍ଚଳରେ କୃଷିର ଉନ୍ନତି ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାଧୀନତା ସଂଗ୍ରାମୀ ଗିରୀଶ ଚନ୍ଦ୍ର ରାୟ, ମାସଙ୍ଗ ମାଝୀ, ଭୋଳାନାଥ ବେହେରା, ଚିନ୍ତାମଣି ମହାକୁଡ଼, ସୁକୁଲ ମାଝୀ, ମାଣିକ ମାଝୀ, ପୂର୍ଣ୍ଣ ପରିଛା, ରତ୍ନମଣି ପରିଛା, ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ୧୯୪୨ ମାର୍ଚ୍ଚ ୨୪ରେ ନିଜସ୍ୱ ଉଦ୍ୟମ ଓ ବିନା ପାରିଶ୍ରମିକରେ ମାଟି ଭାର ଉଠାଇ ଡେଲିଂ ବନ୍ଧ କାମ ଆରମ୍ଭ କରିଥିଲେ। ପରେ ଅଞ୍ଚଳବାସୀ କାନ୍ଧ ମିଶାଇ ୧୨ ଏକର ଜମିରେ ବନ୍ଧ ନିର୍ମାଣକୁ ସମ୍ପୂର୍ଣ୍ଣ କରିଥିଲେ। ବନ୍ଧ ନିର୍ମାଣର କିଛି ବର୍ଷ ପରେ ଉକ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ଦେହାନ୍ତ ହୋଇଯାଇଥିଲା। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ ଏକ କ୍ରାନ୍ତିପୀଠ ନିର୍ମାଣ ହୋଇଛି। ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ କ୍ରାନ୍ତି ଦିବସ ରୂପେ ମଧ୍ୟ ପାଳନ କରାଯାଉଛି। ପ୍ରଶାସନିକ ଅବହେଳା ଓ ପଞ୍ଚାୟତର ଆନ୍ତରିକତା ଅଭାବରୁ କ୍ରାନ୍ତିପୀଠ ଓ ବନ୍ଧ ପରିଚୟ ହରାଇବାକୁ ବସିଲାଣି। ପ୍ରାୟ ୫୦ ବର୍ଷ ହେବ ବନ୍ଧର ପୁନରୁଦ୍ଧାର ହୋଇ ନ ଥିବାରୁ ଦଳ ଓ ପଙ୍କ ଭର୍ତ୍ତି ହୋଇ ପୋତିହୋଇଯିବା ସହ ବନ୍ଧର ସୌନ୍ଦର୍ଯ୍ୟ ନଷ୍ଟ ହୋଇଗଲାଣି। ବିଶେଷକରି ଶୀଳଘାଟି ଓ କେନ୍ଦୁଆଡିହି ଗ୍ରାମ ଲୋକେ ଏହି ବନ୍ଧରେ ଗାଧୋଇବା, ମାଙ୍ଗଳିକ କାର୍ଯ୍ୟରେ ପୂଜାପାଠ କରିଥାନ୍ତି। ପଞ୍ଚାୟତରେ ବିଭିନ୍ନ ପୋଖରୀ ଓ ବନ୍ଧର ଉନ୍ନତୀକରଣ ନିମନ୍ତେ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଡେଲିଂ ବନ୍ଧ ଉନ୍ନତୀକରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜଳାଶୟରେ ୧୨ ଫୁଟ୍ ଉପରେ ଜଳଧାରଣ କ୍ଷମତା ଥିବା ବେଳେ ଏବେ ମାତ୍ର ୫ରୁ ୬ ଫୁଟ୍‌ର ପାଣି ରହୁଛି। ତାହା ପୁଣି ଗୋଳିଆ ଓ କାଦୁଅ ମିଶା ପାଣି ହୋଇଥିବାରୁ ଗାଧୋଉଥିବା ଲୋକେ ବିଭିନ୍ନ ଚର୍ମରୋଗର ଶିକାର ହେଉଛନ୍ତି। ଏଥିସହ ବନ୍ଧର ତଳମୁଣ୍ଡରେ ୩ରୁ ୪ ଖଣ୍ଡ ଗ୍ରାମର ଲୋକଙ୍କ ୫ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିରେ ବନ୍ଧରୁ ଜଳ ବ୍ୟବହାରକରି ଖରିଫ ଓ ରବିଋତୁରେ ଚାଷ କରୁଛନ୍ତି। ମାତ୍ର ପୂର୍ବ ଅପେକ୍ଷା ଜଳ ସଂରକ୍ଷଣ କ୍ଷମତା କମିଯାଇଥିବାରୁ ଚାଷ କାର୍ଯ୍ୟରେ ବାଧା ଉପୁଜୁଛି। ମାଛଚାଷରେ ମଧ୍ୟ ସେପରି କିଛି ଆଶାନୁରୂପକ ଲାଭ ମିଳୁନାହିଁ। ବନ୍ଧରେ ଉନ୍ନତୀକରଣ ସହ ପୁନରୁଦ୍ଧାର ହେଲେ ଶ୍ରମିକମାନେ ନିଯୁକ୍ତି ପାଇବା ସହ କୃଷକ ଓ ମାଛଚାଷୀ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଶୀଳଘାଟି ସରପଞ୍ଚ ଖେଲା ହେମ୍ବ୍ରମ କହିଛନ୍ତି, ସରକାରଙ୍କୁ ବନ୍ଧ ବାବଦରେ ଅବଗତ କରାଯାଇଛି। ଖୁବଶୀଘ୍ର ବନ୍ଧର ପୁନରୁଦ୍ଧାର କାର୍ଯ୍ୟ କରାଯିବ। କ୍ରାନ୍ତିପୀଠ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଉନ୍ନତୀକରଣ କାମ ୩ରୁ ୪ ଦିନ ମଧ୍ୟରେ ଆରମ୍ଭ ହେବ।

## ୨୦ରୁ ଟକତପୁର ଆର୍‌ଏମ୍‌ସି ପଡ଼ିଆରେ ବସିବ ହାଟ

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟେସନ ବଜାର ହାଟପଡ଼ିଆ ସ୍ଥାନାନ୍ତରଣ ନେଇ ବାରିପଦା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପଜିଲାପାଳ ଡ. ଦୟାସିନ୍ଧୁ ପଡ଼ିହାରୀ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଷ୍ଟେସନ ବଜାର ହାଟରେ ବ୍ୟବସାୟ କରୁଥିବା ଦୋକାନୀମାନେ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ହାଟର ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ବର୍ତ୍ତମାନର ହାଟକୁ ଟକତପୁରସ୍ଥିତ ଆର୍‌ଏମ୍‌ସି ପଡ଼ିଆକୁ ସ୍ଥାନାନ୍ତର କରାଯିବ। ମାତ୍ର ଆସନ୍ତା ୧୪ ତାରିଖରେ ମୟୂରଭଞ୍ଜର ପ୍ରସିଦ୍ଧ ମକର ପର୍ବ ଥିବାରୁ ହାଟ ବ୍ୟବସାୟୀମାନଙ୍କ ଅନୁରୋଧକ୍ରମେ ୨୦ ତାରିଖରୁ ନିରୂପିତ ହୋଇଥିବା ନୂତନ ସ୍ଥାନରେ ହାଟ ବସିବାକୁ ମତପ୍ରକାଶ ପାଇଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି ହାଟ ଟକତପୁର ଆର୍‌ଏମ୍‌ସି ପଡ଼ିଆରେ ବସିବ। ପ୍ରକାଶଥାଉ କି, ଏହି ନୂତନ ସ୍ଥାନରେ ହାଟ ବସିବା ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ବାରିପଦା ପୌରପାଳିକା ପକ୍ଷରୁ ଦୀର୍ଘଦିନରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଷ୍ଟେସନ ବଜାରଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଟ କମ୍ପ୍ଲେକ୍ସରେ ପୌରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ବଣ୍ଟନ ସମୟରେ ବର୍ତ୍ତମାନ ଏଠାରେ ବ୍ୟବସାୟ କରୁଥିବା ଲାଇସେନ୍ସଧାରୀ ଦୋକାନୀମାନଙ୍କୁ ପ୍ରାଥମିକତା ଦିଆଯିବ। ଏତଦ୍‌ବ୍ୟତୀତ ଷ୍ଟେସନ ବଜାରଠାରେ ଦୈନିକ ବଜାରରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କ ପାଇଁ ମଧ୍ୟ ଦୋକାନ ଗୃହ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

## ମାନବ ସେବା ହିଁ ମାଧବ ସେବା

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଗୋପବନ୍ଧୁ ଭବନଠାରେ ପୌଷ ପୂର୍ଣ୍ଣିମୀ ତିଥିରେ ସଭାବନା ସମିତିର ୫୫୯ତମ ମାସିକ ସନ୍ଥ ଦିବସ ପାଳିତ ହୋଇଯାଇଛି। ସଦସ୍ୟ ସନ୍ଦୀପ ଚାନ୍ଦଙ୍କ ପୌରହିତ୍ୟରେ ବିବେକାନନ୍ଦଙ୍କ ବାଣୀ ମତେ ପ୍ରତିମା ପୂଜାକୁ ପ୍ରାଧାନ୍ୟ ନ ଦେଇ, ନରରୂପୀ ନାରାୟଣଙ୍କ ସେବା କଲେ, ସେ ହିଁ ପ୍ରକୃତ ଈଶ୍ୱର ଭକ୍ତ ବୋଲି ଏ ମାସର ପ୍ରସଙ୍ଗ ରଖାଯାଇଥିଲା। ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ତଥା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ କହିଥିଲେ, ଯିଏ ପରିଣତ ବୟସର ହେବା ପର୍ଯ୍ୟନ୍ତ ପ୍ରତିମା ପୂଜାକୁ ପ୍ରାଧାନ୍ୟ ନ ଦେଇ ନିଜ ପିତାମାତାଙ୍କୁ ପୂଜ୍ୟ ପୂଜାର ସମ୍ମାନ ଦିଏ, ସେ ତା ପିଲାଙ୍କ ପାଖରେ ହତାଦର ହୋଇ ନଥାଏ। ଅନ୍ୟମାନଙ୍କ ମଧ୍ୟରେ ପ୍ରବକ୍ତାଭାବେ ଡ. ବିଜୟ ଅଗ୍ରୱାଲା, ଗାୟିତ୍ରୀ ପରିବାରର ଗଗନ ବେହେରା, ପ୍ରଜାପିତାର ଭଉଣୀ ମାମୁନି, ଶିବାନନ୍ଦ ଆଶ୍ରୟୀ, ଡ. ଝରଣା ବେହେରା, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ଡ. କୁଞ୍ଜବନ ପୃଷ୍ଟି, ପ୍ରାଧ୍ୟାପକ ରାଜେନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁନୀଲ ଜେନା, ଡ. ଶଶିଧର ବିଶ୍ୱାଳ, ଅଶୋକ ପଲେଇ, ହିମାଂଶୁ ଶେଖର ଦାସ, ଭାଗ୍ୟଧର ନନ୍ଦ, କୈବଲ୍ୟ ପ୍ରସାଦ ମହାପାତ୍ର, ସତ୍ୟାନନ୍ଦ ସେଜପଡ଼ା, ରାକେଶ ସିଂ ଓ ରଞ୍ଜନ ବାନାର୍ଜୀ ଯୋଗଦେଇ ପ୍ରତିମା ପୂଜା ଖିଆଲି ମନର ମଉଜ, ମାନବ ସେବା ହିଁ ମାଧବ ସେବା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଚଳିତ ମାସରେ ଆବିର୍ଭାବ ସ୍ୱାମୀ ବିବେକାନନ୍ଦ, ପ୍ରଜାପିତା ବ୍ରହ୍ମା, ଅଭିରାମ ପରମହଂସ, ଅଚ୍ୟୁତାନନ୍ଦଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସମିତିର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ କରିଥିବା ବେଳେ ବିଭୁଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା

ମୋରଡ଼ା, ୩।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଗୁହାଳଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶନିବାର ପୂର୍ବାହ୍ନରେ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଗତ ଶୀତକାଳୀନ ଛୁଟିରେ ବିଦ୍ୟାଳୟ ବନ୍ଦ ଥିବା ସମୟରେ ସ୍କୁଲ ପରିସରରେ ଥିବା ନଡ଼ିଆ ଗଛରୁ ପଇଡ଼ ତୋଳିବାକୁ ଛାତ୍ରମାନଙ୍କୁ ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ପିଲାମାନେ ଗଛକୁ ଚଢ଼ିଥିଲେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ସେମାନେ ୧ ଘଣ୍ଟା ଧାରଣାରେ ବସିବା ପରେ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ନାଏକ ସେଠାରେ ପହଞ୍ଚି ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ସି ଅଭିଯୋଗକୁ ସ୍ୱୀକାର କରିବା ସହ ଆଉ କେବେ ଏମିତି ଭୁଲ୍ ହେବ ନାହିଁ ବୋଲି କହିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଝାରପୋଖରୀଆ,୩।୧ (ସୁଧୀର କୁମାର ମହାନ୍ତ)


ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗ।

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ସାରସକଣା ବ୍ଲକ୍ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସାରସକଣା ମା' ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାରସକଣା ପଞ୍ଚାୟତ ସମିତିର ଅଧ୍ୟକ୍ଷା ମାଳତୀ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ବ୍ଲକ୍ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ, ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଚାମୁରୁ ବେଶ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ସପନ ବଶାଙ୍କ ସହିତ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ ଓ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ପଞ୍ଜିକୃତ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। ସାରସକଣା ବ୍ଲକ୍‌ର ୧୭ ଗୋଟି ପଞ୍ଚାୟତ ମଧ୍ୟରୁ ମୋଟ ୫୫୪ ଜଣ ଦିବ୍ୟାଙ୍ଗ ପଞ୍ଜିକରଣ କରିଥିବାବେଳେ ସେଥିମଧ୍ୟରୁ ବିଭିନ୍ନ ବିଭାଗରେ ୩୨୮ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଚୟନ କରାଯାଇଥିଲା।

## ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ପ୍ରଶିକ୍ଷଣ

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟଙ୍କ ଦ୍ୱାରା ଜିଲାସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକର ଫଳପ୍ରସୂ ପାଇଁ ସଚେତନତା ବୃଦ୍ଧି, ସମନ୍ୱୟ ସୁଦୃଢ଼ କରିବା ଏବଂ କାର୍ଯ୍ୟକାରୀ ରୂପାୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ସମତାମୂଳକ ଏବଂ ନିରନ୍ତର ଉନ୍ନତି, ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏସ୍‌ଡିଜିର ଲକ୍ଷ୍ୟଗୁଡ଼ିକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରି ବାସ୍ତବତାରେ ପରିଣତ କରିବା ପାଇଁ ସମସ୍ତ ବିଭାଗର ସାମୂହିକ ଦାୟିତ୍ୱ ରହିଛି ବୋଲି କହିଥିଲେ। ଉପସ୍ଥିତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ନିଜର ଅନୁଭବ, ସମସ୍ୟା, ନିଜ ନିଜ କ୍ଷେତ୍ରରେ ଏସଡିଜିଏସ୍‌ର ଉପଯୁକ୍ତ କାର୍ଯ୍ୟକାରିତା ଓ ରୂପାୟନ ପାଇଁ ସୁଚିନ୍ତିତ ମତାମତ ସୁପାରିଶ କରିଥିଲେ। ଶେଷରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଲେମ୍ବ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ ଗଚ୍ଛିତ ସ୍ଥାନରେ ଚଢ଼ାଉ

### ସିଲ ହେଲା ଦୁଇଟି ଗୃହ, ୧୨୭୫ ବସ୍ତା ଧାନ

ବାରିପଦା, ୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଝାଡଖଣ୍ଡ ରାଜ୍ୟର ଧାନକୁ ଓଡ଼ିଶା ଲ୍ୟାମ୍ପସରେ ବିକ୍ରି ପାଇଁ ଗଚ୍ଛିତ ଧାନ ଗୋଦାମରେ ଶନିବାର ପ୍ରଶାସନ ପକ୍ଷରୁ ଚଢାଉ ହୋଇଛି। ଦିନତମାମ ଦୁଇଟି ଘରେ ଚଢାଉ କରି ମୋଟ ୧୨୭୫ ବସ୍ତା ଗଚ୍ଛିତ ଧାନ ସମେତ ଦୁଇଟି ଘରକୁ ସିଲ୍ କରାଯାଇଛି। ଅତିରିକ୍ତ ଜିଲାପାଳ ସୁଚାରୁ ବଳ ଓ ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜାମଦା ବିଡ଼ିଓ ଦେବାଶିଷ ପଣ୍ଡା, ଜାମଦା ତହସିଲଦାର ମଧୁସୂଦନ ପାଢ଼ୀ, ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ସାରଙ୍ଗଧର ବେହେରା, ବହଳଦା ଥାନା ପୋଲିସ କର୍ମଚାରୀ ଓ ଜାମଦା ଯୋଗାଣ ନିରୀକ୍ଷକଙ୍କ ଏକ ମିଳିତ ଟିମ ବଡ଼ଦୁହୁ ଲ୍ୟାମ୍ପସ୍ ପଛକୁ ଥିବା ସେକ ଦିଲଖୁସ ଓ କାନି ମୁନିଙ୍କ ଘରେ ଚଢ଼ାଉ କରିଥିଲେ। ଗଚ୍ଛିତ ଧାନ ସମ୍ପର୍କରେ ସବିଶେଷ ତଦନ୍ତ କରିବା ପାଇଁ ଜିଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବୈଶିଙ୍ଗା,୩।୧ (ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ବେଲାଣପୁର ନିକଟରେ ଶନିବାର ସକାଳେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଥାନା ଅଧୀନ କାଠପାଳ ଗ୍ରାମର ସତ୍ୟବାଦୀ ମହାପାତ୍ର ତାଙ୍କ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରୁଥିବା ନିକଟସ୍ଥ ଶଙ୍ଖମୁଣ୍ଡ ଗ୍ରାମର ସୁନୀଲ ସିଂଙ୍କୁ ତାଙ୍କ ଘରୁ ବାଇକରେ ପଛରେ ବସାଇ ଟ୍ରାକ୍ଟର ପାଖକୁ ନେଉଥିଲେ। ତେବେ ବୈଶିଙ୍ଗା ବଡ଼ସାହି ମୁଖ୍ୟରାସ୍ତାରେ ବେଲାଣପୁର ନିକଟରେ ଥିବା ବୁଲାଣି ନିକଟରେ ହଠାତ୍ ସମ୍ମୁଖରୁ ଏକ କାର୍ ତାଙ୍କ ବାଇକ ସାମ୍ନାକୁ ଆସିଯିବା ଯୋଗୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଉଭୟେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବାଦୀଙ୍କ ଚିକିତ୍ସା କରାଯାଇଛି। ମୃତକଙ୍କ ସ୍ତ୍ରୀ ଚାନ୍ଦ ସିଂଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ. ୪/୨୦୨୬) ରୁଜୁ କରାଯାଇଛି।

## ଦିବ୍ୟାଂଶୀ ସର୍ବଭାରତୀୟ ସ୍ତରରେ କରାଟେ ଚାମ୍ପିୟନ



ପ୍ରଶିକ୍ଷିକାଙ୍କ ସହ ଦିବ୍ୟାଂଶୀ।

ମୋରଡ଼ା,୩।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରାଡ଼ା ବ୍ଲକ୍ ଅଧୀନ ପଞ୍ଚୋଗୋଛିଆ ଗ୍ରାମର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଭଞ୍ଜକିଶୋର୍ ମହାନ୍ତିଙ୍କ ନାତୁଣୀ ଦିବ୍ୟାଂଶୀ ମହାନ୍ତି ୧୫ତମ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍‌ରେ ଜୁନିୟର ବିଭାଗରେ ଚାମ୍ପିୟନ ହୋଇଛନ୍ତି। ଦିବ୍ୟାଂଶୀ ବାଲେଶ୍ୱର ମର୍ଡନ ପବ୍ଲିକ ସ୍କୁଲର ଛାତ୍ରୀ ଅଟନ୍ତି। ସେ ଉତ୍କଳ କରାଟେ ବାଲେଶ୍ୱର ସ୍କୁଲ୍ ପ୍ରଶିକ୍ଷକ ଦେବେନ୍ଦ୍ର ରଣାଙ୍କ ପାଖରୁ ପ୍ରଶିକ୍ଷଣ ନେଉଛନ୍ତି। ପିତା ସୋମଜିତ୍ ମହାନ୍ତି ବିଦ୍ୟୁତ ବିଭାଗରେ କାର୍ଯ୍ୟରତ, ମାତା ଅଧ୍ୟାପିକା ଅଟନ୍ତି। ଝିଅର ସଫଳତା ନେଇ ଖୁସି ବ୍ୟକ୍ତ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ସଫଳତାର ଶ୍ରେୟ ନିଜର ଜେଜେମା ଓ ଆଈକୁ ଦେବା ସହିତ ପରିବାର ପକ୍ଷରୁ ସମସ୍ତେ ତାଙ୍କୁ ଉତ୍ସାହିତ କରିଥିଲେ ବୋଲି ଦିବ୍ୟାଂଶୀ କହିଛନ୍ତି।

## ରୟାଲ୍ସ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବାରିପଦା,୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟେଶନ ଆଥେଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଏକାଦଶ ବାର୍ଷିକ ରୟାଲ୍ସ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥିଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଯୋଗଦେଇ ଲିଗକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ ତଥା ୨୫ ନମ୍ବର ୱାର୍ଡ କାଉନ୍‌ସିଲର ଦେବାଶିଷ ପାତ୍ର, ଷ୍ଟେଶନ ଆଥେଲେଟିକର ଉପ ସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ୍ ସମ୍ପାଦକ ରାମେଶ୍ୱର ମାଝୀ ଏବଂ କ୍ଲବ୍‌ର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ମା' ଅମ୍ବିକା ସୁପର ସ୍କ୍ୱାସର ୪୮ ରନ୍‌ରେ ଏମ୍‌ରଜିଙ୍ଗ ଟାଇଟନ ଦଳକୁ ପରାସ୍ତ କରିଥିଲା। ତାପସ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨ୟ ମ୍ୟାଚ୍‌ରେ ଆଞ୍ଚୋଲ ରଣା ୪୫ ରନ୍‌ରେ ମା' ତାରିଣୀ ୱରିୟାର୍ସ ଦଳକୁ ପରାସ୍ତ କରିଥିଲା। ଲାଲଟୁ ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୩ୟ ମ୍ୟାଚରେ ପରି ଚାଲେଞ୍ଜର ୩ ରନ୍‌ରେ ଭି ରାର ଦଳକୁ ପରାସ୍ତ କରିଥିଲା। ମାନସ ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୪ର୍ଥ ମ୍ୟାଚରେ ଜଗନ୍ନାଥ ୱରିୟାର୍ସ ୯ ଉଇକେଟରେ ଥ୍ରୀଲର ଦଳକୁ ପରାସ୍ତ କରିଥିଲା। ଦିବେଶ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, କିଶୋର ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ସ୍କୋରିଂରେ ବିଭୁ ଓ ମ୍ୟାଚ ରେଫେରୀ ଭାବେ ରାଜେଶ ସାହୁ ସହଯୋଗ କରିଥିଲେ।

## କମ୍ବଳ ବାଣ୍ଟିଲେ ନଗର ଉନ୍ନୟନ ମନ୍ତ୍ରୀ


ମନ୍ତ୍ରୀ ଅସାହାୟମାନଙ୍କୁ କମ୍ବଳ ପ୍ରଦାନ କରୁଛନ୍ତି।

ମୋରଡ଼ା,୩।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବାଣ୍ଟିଛନ୍ତି ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଶନିବାର ସନ୍ଧ୍ୟାରେ ୪୦ ନମ୍ବର ଜୋନ୍ ଅନ୍ତର୍ଗତ ବରକନ୍ଦ, ପଳାଶମୁଣ୍ଡୁଳି ଏବଂ ବରକନ୍ଦ ପଞ୍ଚାୟତର ୨୬୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରିବା ସହିତ ପ୍ରବଳ ଥଣ୍ଡାରେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀଙ୍କ ସହିତ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଜୋନ ସଭାପତି ପ୍ରକାଶଚନ୍ଦ୍ର ମହାନ୍ତଙ୍କ ସହିତ ଅନ୍ୟ କର୍ମୀଗଣ ଉପସ୍ଥିତ ଥିଲେ।

## ବିରଳ ପ୍ରଜାତିର ପେଚା ଉଦ୍ଧାର

କରଞ୍ଜିଆ,୩।୧ (କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ମୁର୍ଗାପାଟ ଗ୍ରାମ ନିକଟରେ ଥିବା ଏକ କୃଷି ଫାର୍ମରେ ଏକ ବିରଳ ପ୍ରଜାତିର ପେଚା ଉଦ୍ଧାର କରାଯାଇଛି। କୃଷି ଫାର୍ମର ମାଲିକ ତରଣୀ ପାତ୍ର ନିଜ ଫାର୍ମକୁ ଦେଖିବା ପାଇଁ ଯାଇଥିବା ସମୟରେ ଫାର୍ମର ଫାଟକ ନିକଟରେ ଏକ ବିରଳ ପ୍ରଜାତିର ପକ୍ଷୀଟି ଥିବାର ସେ ଦେଖିଥିଲେ। ସେ ତୁରନ୍ତ ପକ୍ଷୀର ଫଟୋ କରଞ୍ଜିଆର ଖବରଦାତାଙ୍କ ନିକଟକୁ ପଠାଇଥିଲେ। ଖବରଦାତାଙ୍କ ଜରିଆରେ ବନ କର୍ମଚାରୀ ଉକ୍ତ ଫଟୋ ଦେଖି ତାହା ଏକ ବିରଳ ପ୍ରଜାତିର ପେଚା ବୋଲି କହିଥିଲେ। ବନ କର୍ମଚାରୀ ଉକ୍ତ ଫାର୍ମକୁ ଯାଇ ପେଚାଟିକୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା କରାଇଥିବା ଜଣାପଡ଼ିଛି।



# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ଉଦଳା, ୩।୧ (ସନ୍ତୋଷ କୁମାର ବାଛିନୀ)



ମେଳାର ଉଦ୍‌ଘାଟନୀ ଦିବସରେ ଜଣେ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୟୂରଭଞ୍ଜ ଜିଲା ଉଦଳା ହାଇସ୍କୁଲ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟାରେ କପ୍ତିପଦା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟ ଏବଂ ଜିଲା କୃଷି ଅଧିକାରୀଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି ମେଳାକୁ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ମୁଖ୍ୟ ଜିଲା କୃଷି ଅଧିକାରୀ ଲୋକନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଉଦଳା ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଏକ କାର୍ଣ୍ଣିଭାଲ ଶୋଭାଯାତ୍ରା ବାହାରି ମେଳା ପଡ଼ିଆରେ ପହଞ୍ଚିଥିଲା। ମେଳା ଉଦ୍‌ଘାଟନ ସହ ଅତିଥିମାନେ ଷ୍ଟଲ୍ ପରିଦର୍ଶନ କରିସାରିବା ପରେ ସଭା ଅରମ୍ଭ ହୋଇଥିଲା। ଓଡ଼ିଶା ସରକାର କୃଷକ ସଶକ୍ତୀକରଣ ଉଦ୍ଦେଶ୍ୟରେ ନେଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ଚାଷୀଙ୍କ ଉତ୍ପାଦିତ ମୂଲ୍ୟ କେମିତି ଦ୍ୱିଗୁଣିତ ହେବ, ସେଥିପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି ବୋଲି କହିବା ସହ ଏହି କ୍ରମରେ 'ଜୟ ଯବାନ ଜୟ କିଷାନ'ର ଉଦାହରଣ ମଧ୍ୟ ଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ମେଳାରେ ଉଦ୍ୟାନ, କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ଓଡ଼ିଶା କୃଷି ଶିଳ୍ପ ନିଗମ, ଆଇଟିଡିଏ, ମିଶନ ଶକ୍ତି ଆଦି ବିଭାଗ ସହ ଅନ୍ୟାନ୍ୟ ଯନ୍ତ୍ରପାତି ସମ୍ବନ୍ଧୀୟ ମୋଟ ୩୨ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ସବ୍‌ସିଡିରେ ୨ଜଣ ଚାଷୀ ପାୱାରଟିଲର, ଜଣେ ପାୱାର ୱିଡର ଏବଂ ଜଣେ ଟ୍ରାକ୍ଟର କିଣିଥିଲେ। ଉଦଳା ବ୍ଲକ ଉପାଧ୍ୟକ୍ଷ ରଜନୀକାନ୍ତ ଦାସ, ଏନ୍‌ଏସି ଉପାଧ୍ୟକ୍ଷା ଲିଲି ଭୋଳ, ଜିଲା ପରିଷଦ ସଦସ୍ୟା ସୁଶାନ୍ତି ସିଂ, ଲଳିତା ବିଶୋଇ, ସିରୁ ସୋରେନ, ସୁନୀତି ମାର୍ଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ(କୃଷି) ଇଂ. ତରଣୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ହୋଟେଲରେ ଜୁଆଖେଳ, ୧୦ ଗିରଫ


ଶୌଚାଳୟ ଫ୍ଲସ୍‌ରୁ ଜବତ ଓଦା ଟଙ୍କାକୁ ଶୁଖାଯାଉଛି।

■ ଟଏଲେଟ୍ ଫ୍ଲସ୍‌ରୁ ୮ଲକ୍ଷ ୧୪ଶହ ଟଙ୍କା ଉଦ୍ଧାର
■ ୨ ବାଇକ୍ ଜବତ କଲା ପୋଲିସ

ସମ୍ବଲପୁର, ୩।୧ (ପ୍ରମୋଦ ବହିଦାର)

ସମ୍ବଲପୁର ଭିଏସ୍‌ଏସ୍ ମାର୍ଗସ୍ଥିତ ହୋଟେଲ ଉପହାର ପ୍ୟାଲେସରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୮ ଲକ୍ଷ ୧୪ ଶହ ଟଙ୍କା ଜବତ ହୋଇଛି। ଏହାସହ ୨ଟି ବାଇକ୍ ଏବଂ ୭ଟି ମୋବାଇଲକୁ ଧନୁପାଲି ଥାନା ପୋଲିସ ଜବତ କରିଛି। ଏଥିସହ ଉକ୍ତ ହୋଟେଲର ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ହୋଟେଲ ମ୍ୟାନେଜର ଫେରାର ହୋଇଯାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଶନିବାର ପଶ୍ଚିମ ଓଡ଼ିଶାର ଅନ୍ୟତମ ଗଣପର୍ବ ପୁଷପୁନି(ପୌଷ ପୂର୍ଣ୍ଣିମା) ଅବସରରେ ହୋଟେଲ୍ ଉପହାର ପ୍ୟାଲେସ୍‌ର ରୁମ୍ ନମ୍ବର ୧୦୫ରେ ଜୁଆଖେଳ ଚାଲିଥିଲା। ଖବର ପାଇ ଧନୁପାଲି ଥାନା ପୋଲିସ ଅପରାହ୍ନରେ ଉକ୍ତ ହୋଟେଲ୍‌ରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଜୁଆ ଖେଳରେ ସମ୍ପୃକ୍ତ ବ୍ୟକ୍ତିମାନେ ରୁମ୍‌ରେ ଥିବା ଶୌଚାଳୟ ଫ୍ଲସ୍‌ରେ ଖେଳରେ ବ୍ୟବହୃତ ଟଙ୍କାକୁ ଲୁଚାଇ ଦେଇଥିଲେ। ଅପରପକ୍ଷରେ ପୋଲିସ ଉକ୍ତ ରୁମ୍‌ରେ ତନତନ କରି ଯାଞ୍ଚ ବେଳେ ଶୌଚାଳୟ ଫ୍ଲସ୍‌ରେ ଲୁଲାୟିତ ଅବସ୍ଥାରେ ଥିବା ଲକ୍ଷାଧିକ ଟଙ୍କାକୁ ଜବତ କରିଥିଲା। ପୋଲିସ ଅଟକ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛି। ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ହୋଟେଲ ମାଲିକ ଗୋପାଳକୃଷ୍ଣ ସାମନ୍ତରାୟ କହିଛନ୍ତି, ତାଙ୍କ ହୋଟେଲ୍ ରୁମ୍‌ରେ ଜୁଆଖେଳ ଚାଲିଥିବା ନେଇ ସେ ଆଦୌ ଜାଣି ନ ଥିଲେ। ୩ ଜଣ ବ୍ୟକ୍ତି ଆସି ଏଠାରେ ରୁମ ବୁକ୍ କରିଥିଲେ। ଏପରିକି ରୁମ୍ ସର୍ଭିସ ଜରିଆରେ ଖାଇବା ଅର୍ଡର ମଧ୍ୟ କରିଥିଲେ। ତେବେ ସେହି ରୁମକୁ ୯ ଜଣ କିଭଳି ଆସିଲେ ସେ ସମ୍ପର୍କରେ ମଧ ସେ ଆଦୌ ଜାଣିନାହାନ୍ତି ବୋଲି କହିଛନ୍ତି। ଏସ୍‌ଡିପିଓ ତୋଫାନ ବାଗ୍ କହିଛନ୍ତି, ଶୌଚାଳୟ ଫ୍ଲସ୍‌ରୁ ଜବତ ଟଙ୍କାସବୁ ଓଦା ହୋଇ ଯାଇଥିଲା। ସେଗୁଡ଼ିକୁ ଗଣତି ପରେ ତାହା ୮ ଲକ୍ଷ ୧୪ ଶହ ଟଙ୍କା ବୋଲି ଜଣାପଡ଼ିଥିବା ସେ କହିଛନ୍ତି। ସେହିପରି ଜୁଆଖେଳରେ ହୋଟେଲ ମାଲିକଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବାଗ୍ କହିଛନ୍ତି। ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାନ୍ତିଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ହୋଟେଲ୍‌ରେ ଚଢ଼ାଉ କରିଥିଲା।

# ପଥର ଖଣିରେ ବିସ୍ଫୋରଣ: ୪ ମୃତ୍ୟୁ ଚର୍ଚ୍ଚା



ଢେଙ୍କାନାଳ, ୩।୧ (ରତନ ନାୟକ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ମୋଟଙ୍ଗା ଥାନା ବଦାଲୋ ନିକଟସ୍ଥ ଗୋପାଳପୁରଠାରେ ଥିବା ପଥର ଖଣିରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୪ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହୋଇ ବେଳେ ସରକାରୀ ସ୍ତରରେ ଏ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ବିସ୍ଫୋରଣରେ ମୃତାହତଙ୍କୁ ନେଇ ଠିକ୍ ତଥ୍ୟ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ଖବରପାଇ ଓଡ଼ାପଡ଼ା ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି। ରାତି ହୋଇଯାଇଥିବାରୁ ଏହି ଘଟଣାକୁ ନେଇ ତଦନ୍ତରେ ବାଧାପ୍ରାପ୍ତ ହୋଇଛି। ୬ଜଣ ଶ୍ରମିକ ବ୍ଲାଷ୍ଟିଂ ସମୟରେ ପଥର ଖଣିରେ କାମ କରୁଥିବା ବେଳେ ଭାଇବ୍ରେଟର ଲଗାଇ ବ୍ଲାଷ୍ଟିଂ କରାଯାଉଥିବା ବେଳେ ସେମାନଙ୍କ ଉପରେ ମାଟି ଖସିପଡ଼ିବାରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏହି ଘଟଣା ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ଓଡ଼ାପଡ଼ା ତହସିଲଦାର ମନୋଜ ମାଝୀ କହିଛନ୍ତି, ଅତିରିକ୍ତ ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କା ଓ ପୋଲିସ ସମସ୍ତେ ମିଶି ଘଟଣାସ୍ଥଳ ନିକଟରେ ପହଞ୍ଚିଥିବା ବେଳେ ରାତି ହୋଇଯାଇଥିବାରୁ ଅନ୍ଧାରରେ ମୋବାଇଲ ଲାଇଟ୍ ଲଗାଇ ତଦନ୍ତ କରିବା କଷ୍ଟକର ହୋଇପଡ଼ିଛି। ଘଟଣା ସମ୍ପର୍କରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବରପାଇ ମୋଟଙ୍ଗା ଥାନା ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ରାତି ହୋଇଯିବାରୁ ଛାନଭିନରେ ସମସ୍ୟା ଉପୁଜିଛି। ବର୍ତ୍ତମାନ ସୁଦ୍ଧା ଘଟଣା ସମ୍ପର୍କରେ ତଥ୍ୟ ଅସ୍ପଷ୍ଟ ରହିଛି। ସୂଚନା ମିଳିଲେ ଆମେ ଜଣାଇବୁ। କିଛି ଶ୍ରମିକ ମାଟିତଳେ ଫସିରହିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନାରୁ ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରୁ ଖବର ପାଇବା ପରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରିବା ପାଇଁ ଜିଲାପାଳ, ଏସ୍‌ପି ଓ ଉପଜିଲାପାଳଙ୍କୁ କହିଛନ୍ତି।

# ୧୮୦ ଗ୍ରାମ୍ ବ୍ରାଉନସୁଗାର, ସ୍କୁଟି ଜବତ

## ଗ୍ରାହକ ସାଜି ମାଡ଼ିବସିଲେ ଅଧିକାରୀ, ୨ ଗିରଫ

ନୀଳଗିରି, ୩।୧ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଚୋରାମଦ କାରବାର ଠାରୁ ଆରମ୍ଭ କରି ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଶନିବାର ନୀଳଗିରି ଅବକାରୀ ବିଭାଗର ୨ ଅଧିକାରୀ ଗ୍ରାହକ ସାଜି ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କଠାରୁ ୧୮୦ ଗ୍ରାମ୍ ଓଜନର ବ୍ରାଉନସୁଗାର୍, ଗୋଟିଏ ସ୍କୁଟି ଜବତ କରାଯାଇଛି। ସୂଚନା ଅନୁଯାୟୀ ନୀଳଗିରି ଅବକାରୀ ବିଭାଗ ଇନ୍‌ସପେକ୍ଟର କେଶବଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଓପିଦା କଲେଜଛକ ନିକଟରେ ଚଢ଼ାଉ କରିଥିଲେ। ଅବକାରୀ ଅଧିକାରୀମାନେ ଗ୍ରାହକ ସାଜି ଅଭିଯୁକ୍ତଙ୍କ ସହ ଜିନିଷ କିଣିବା ପାଇଁ ବାହାନା କରିଥିଲେ। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୮୦ ଗ୍ରାମର ଓଜନର ବ୍ରାଉନସୁଗାର୍ ସହ ଏକ ଓଲା ବ୍ୟାଟେରୀ ଗାଡ଼ି ନମ୍ବର (ଓଡ଼ି୦୧ଏୟୁ -୦୨୪୨) ଜବତ କରିଥିଲେ। ଏନେଇ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୨୬୯/୨୫-୨୬) ରୁଜୁ କରି ୨ ଅଭିଯୁକ୍ତ ଓପିଦା ଅଞ୍ଚଳର ରାଜୀବ ପାତ୍ର ଓ ଶୁଭମ ଦଳେଇଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ନୀଳଗିରି ଅବକାରୀ ଅଧିକାରୀ ମନୋଜ କୁମାର ସାହୁ, କନଷ୍ଟେବଲ ତପନ ମଲ୍ଲିକ, ସନ୍ତୋଷ କୁମାର ବେହେରା ଓ କାଜଲ ପ୍ରିୟଦର୍ଶୀ ପ୍ରମୁଖ ସାମିଲ ଥିଲେ।

# ରାସ୍ତାରେ ଗଳା କାଟି ଯୁବକଙ୍କୁ ହତ୍ୟା

ମୟୂରଭଞ୍ଜ, ୩।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସହର ଉତ୍ସବମୁଖର ଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଗୁଲିଲିପାଲି ରାସ୍ତାରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ. ୧୮ ବାଦୁଟିକ୍ରାର ଚନ୍ଦନ ରାଉତ(୨୫)। ଶନିବାର ସକାଳୁ ବରଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ଅନ୍ୟପଟେ ଏହି ଘଟଣାରେ ପୋଲିସ ଏକ କାର ଜବତ କରିବା ସହ ୩ ସନ୍ଦିଗ୍ଧଙ୍କୁ ଟାଉନ ଥାନାକୁ ଆଣି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଅନ୍ୟ ଦିନ ଭଳି ଶୁକ୍ରବାର ଚନ୍ଦନ ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ଚନ୍ଦନଙ୍କୁ ହତ୍ୟା କରି ମୃତଦେହକୁ ରାସ୍ତା ଉପରେ ପକାଇ ଦୁର୍ବୃତ୍ତମାନେ ଖସି ପଳାଇଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ଖବର ପାଇ ମୃତକଙ୍କ ବାପା ଶରତ ରାଉତ ଏବଂ ପଡ଼ୋଶୀ ରାତାରାତି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଚନ୍ଦନଙ୍କ ଗଳା କାଟି ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ ବୋଲି ମୃତକଙ୍କ ବାପା କହିଛନ୍ତି। ଖବର ପାଇ ବରଗଡ଼ ଏସ୍‌ପି ପି.ଏସ୍. ମୀନାଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପଦାଧିକାରୀ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍ଭିନ ଆରମ୍ଭ କରିଥିଲେ। ଶନିବାର ସକାଳେ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହିତ ପୋଲିସ ତନାଘନା ଚଲାଇଥିଲା।

# କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

## ଅଭିଯୁକ୍ତ ପୁଅ ଗିରଫ

କୁଆଁରମୁଣ୍ଡା, ୩।୧ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବାରାବାଂଶ ହାଦ୍ରାଟୋଲିରେ ଶୁକ୍ରବାର ରାତି ପ୍ରାୟ ୯ଟାରେ କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା କରିଛନ୍ତି ପୁଅ। ଏହି ଘଟଣାରେ ବୀରମିତ୍ରପୁର ପୋଲିସ ଶନିବାର ଅଭିଯୁକ୍ତ ପୁଅ ସ୍ୱରାଜ କୁଜୁର(୨୮)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ନଂ. ୬/୨୬ ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ମଦ୍ୟପାନକୁ କେନ୍ଦ୍ରକରି ସମରା କୁଜୁର(୫୫)ଙ୍କ ସହ ସ୍ୱରାଜଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କାଠଫାଳିଆରେ ପିଟି ସେ ବାପାଙ୍କୁ ହତ୍ୟା କରିଥିବା ଥାନାରେ ସ୍ୱୀକାର କରିଥିବା ଆଇଆଇସି ନାଗ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ଆମ ବସ୍' ଧକ୍କାରେ ଚାପିହୋଇଗଲେ ଅଟୋ ଡ୍ରାଇଭର




## ଘଟଣାସ୍ଥଳରେ ଡ୍ରାଇଭର ମୃତ, ୨ଗୁରୁତର

■ ଗୋଟିଏ ଦିନରେ ରୂପାଲୀ ଛକରେ ୨ ଦୁର୍ଘଟଣା
■ ମୃତକଙ୍କ ପରିବାରକୁ ୨ଲକ୍ଷ କ୍ଷତିପୂରଣ ଦେଲା କ୍ରୁଟ୍
■ ଶହୀଦ ନଗର ଦେଇ ବନ୍ଦ ରହିଥିଲା ଆମ ବସ୍ ଚଳାଚଳ

ଭୁବନେଶ୍ୱର, ୩।୧ (ତ୍ରିନାଥ ମହାନ୍ତି)

ରାଜଧାନୀରେ ଗଡୁଥିବା 'ଆମ ବସ୍' ସାଜିଛି ଲୌହ ଦାନବ। ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଶନିବାର ରାଜଧାନୀର ରୂପାଲୀ ଛକରେ ୨ଟି ଦୁର୍ଘଟଣା ଘଟିଛି। ସକାଳେ ରୂପାଲୀ ଛକରେ ଆମ ବସ୍ ଧକ୍କାରେ ଜଣଙ୍କ ଜୀବନ ଯାଇଛି। ଟ୍ରାଫିକ୍ ସିଗ୍‌ନାଲରେ ଛିଡ଼ା ହୋଇଥିବା ଏକ ଅଟୋକୁ ପଛରୁ ଆମ ବସ୍ ଧକ୍କା ଦେଇଥିଲା। ଫଳରେ ଆଗରେ ଛିଡ଼ାହୋଇଥିବା ସ୍କୁଲ ବସ୍ ପଛରେ ଅଟୋଟି ଚାପିହୋଇଯାଇଥିଲା। ଘଟଣାସ୍ଥଳରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ଅଟୋ ଡ୍ରାଇଭର ହେଲେ ଯାଜପୁର ଜିଲା ବିଞ୍ଝାରପୁର ବିଷ୍ଣୁଚରଣ ପାତ୍ର। ଅନୁଗୋଳର ଛାତ୍ରୀ ନମିତା ପ୍ରଧାନ ଏବଂ ରମଣି ନାୟକ ଗୁରୁତର ଆହତ ହୋଇଛନ୍ତି। ନମିତାଙ୍କ ମୁଣ୍ଡ ମାଡ଼ ହୋଇଥିବାରୁ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ରମଣୀ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଚାବି ନେଇ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଫେରାର ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଦୁର୍ଘଟଣା ପରେ ରୂପାଲୀ ଛକରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଲୋକେ ଡାଲିଆ ପରେ ରାସ୍ତାରୋକୋ କରିବା ସହ କ୍ରୁଟ୍ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ପରେ ଅପରାହ୍ନ ସାଢ଼େ ୪ଟା ସମୟରେ ସେହି ରୂପାଲୀ ଛକରେ ଆଉ ଏକ 'ଆମ ବସ୍' ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଆହତ ରାଜେଶଙ୍କୁ ତୁରନ୍ତ ହସ୍ପିଟାଲକୁ ପଠାଯାଇଥିଲା। ସକାଳେ ଦୁର୍ଘଟଣା ଘଟାଇ ଜଣଙ୍କ ଜୀବନ ନେଇଥିବାରୁ ଲୋକେ ପୁଣି ତାତିଥିଲେ। 'ଆମ ବସ୍'ରୁ ଓହ୍ଲାଇ ଡ୍ରାଇଭରଙ୍କୁ ଘୋଷାରି ଆଣି ତଳେ ପକାଇ ପିଟିଥିଲେ। ଠିକ୍ ସମୟରେ ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ପୋଲିସ ୨ଟି ଦୁର୍ଘଟଣା ମାମଲା ରୁଜୁ କରି 'ଆମ ବସ୍' ଦୁଇଟିକୁ ଅଟକ ରଖି ତଦନ୍ତ କରୁଛି। ଅପରାହ୍ନରେ ଏକଘଣ୍ଟାଧରି ରାସ୍ତାରୋକୋ ହୋଇଥିବାବେଳେ ସକାଳେ ୩ ଘଣ୍ଟା ରାସ୍ତାରୋକୋ କରାଯାଇଥିଲା। ଫଳରେ ରାମ ମନ୍ଦିର ପର୍ଯ୍ୟନ୍ତ ବହୁ ଗାଡ଼ି ଅଟକି ରହିଥିଲା। ବଡ଼ କଥାହେଲା ଲୋକେ ଉତ୍ତେଜିତ ଥିବାରୁ ରାତି ପର୍ଯ୍ୟନ୍ତ 'ଶହୀଦନଗର ଦେଇ କୌଣସି ଆମ ବସ୍ ଯାତାୟାତ କରି ନ ଥିଲା। ଏହି ଦୁର୍ଘଟଣା ପରେ କ୍ରୁଟ୍ ପକ୍ଷରୁ ମୃତକଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଥିବାବେଳେ ଆହତଙ୍କୁ ୫୦ ହଜାର ଦେବାକୁ ଘୋଷଣା କରିଛି। କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ, ୫ ବର୍ଷର ଡ୍ରାଇଭିଂ ଅଭିଜ୍ଞତା ଏବଂ ଟ୍ରେନିଂ ଦିଆଯାଇ ଗାଡ଼ି ଚଳାଇବାକୁ ଦିଆଯାଉଛି। ତେଣୁ ଏଭଳି ଦୁର୍ଘଟଣା ଯେପରି ଭବିଷ୍ୟତରେ ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଶନିବାର ସକାଳ ସାଢ଼େ ୧୦ ସମୟରେ ରୂପାଲୀ ଛକ ଦେଇ ୩୨ ନମ୍ବର ରୁଟ୍‌ରେ ଯାଉଥିଲା ଆମ ବସ୍। ଏହି ବସ୍ ଲିଙ୍ଗରାଜରୁ ବରମୁଣ୍ଡା ଯାଉଥିଲା। ରୂପାଲୀ ଛକରେ ସିଗ୍‌ନାଲ ବନ୍ଦ ହେବା ପରେ ଏକ ସ୍କୁଲ ବସ୍ ଅଟକି ରହିଥିଲା। ଏହା ପଛକୁ ଅଟୋଟି ଆସି ରହିଥିଲା। ହେଲେ ଦ୍ରୁତଗତିରେ ଆସୁଥିବା ଆମ ବସ୍ ପଛରୁ ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ସ୍କୁଲ ବସ୍ ପଛରେ ଚାପିହୋଇ ଦୁମଡ଼ି ମୋଡ଼ି ହୋଇଯାଇଥିଲା। ଫଳରେ ଅଟୋରେ ବସିଥିବା ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅଟୋ ପଛରେ ବସିଥିବା ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ୨୦୧୯ରେ ଟ୍ୱିନ୍‌ସିଟି ବାସିନ୍ଦାଙ୍କ ଗମନାଗମନ ପାଇଁ ରାଜ୍ୟ ସରକାର ମୋ ବସ୍ ସେବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଆମ ବସ୍ ସେବା ନାମରେ ପରିବର୍ତ୍ତନ ହୋଇଛି। ସହର ମଧ୍ୟରେ ମୋ ବସ୍‌ର ବେଗ ଘଣ୍ଟା ପ୍ରତି ସର୍ବାଧିକ ୪୦ କି.ମି. ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଅନେକ ସମୟରେ ରାଜଧାନୀରେ ଗଡୁଥିବା ଏହି ବସ୍‌ରୁ ଡ୍ରାଇଭରମାନେ ଦ୍ରୁତଗତିରେ ଚଳାଉଛନ୍ତି। ଫଳରେ ଅନେକଥର ଦୁର୍ଘଟଣା ଖବର ସାମ୍ନାକୁ ଆସୁଛି। ଗତ ୩ ବର୍ଷରେ ଆମ ବସ୍ ଧକ୍କାରେ ୩୨ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି।




ଜାନୁଆରୀ ପହିଲାରୁ ପୂର୍ବ ତଟ ରେଳପଥ ଦ୍ୱାରା
ନୂତନ ସମୟ ସାରଣୀ
2026
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

ନୂତନ ଟ୍ରେନ୍ ପ୍ରଚଳନ

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | [illegible] | ସାପ୍ତାହିକ | 05.10.2025 |
| 2 | 19022 | [illegible] | ସାପ୍ତାହିକ | 06.10.2025 |
| 3 | 18311 | [illegible] | ସାପ୍ତାହିକ | 22.06.2025 |
| 4 | 18312 | [illegible] | ସାପ୍ତାହିକ | 24.06.2025 |
| 5 | 18313 | [illegible] | ସାପ୍ତାହିକ | 23.06.2025 |
| 6 | 18314 | [illegible] | ସାପ୍ତାହିକ | 23.06.2025 |

ଟ୍ରେନ୍‌ଗୁଡ଼ିକର ସଂପ୍ରସାରଣ

ଟ୍ରେନ୍‌ଗୁଡ଼ିକର ଚଳାଚଳର ବୃଦ୍ଧି

ଟ୍ରେନ୍‌ଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ

ଟ୍ରେନ୍‌ଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)

ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)

ରେକ୍ ବୃଦ୍ଧି LHB କୋଚରେ ରୂପାନ୍ତରିତ ହୋଇଥିବା ଟ୍ରେନ୍

ପରିବର୍ତ୍ତିତ ହୋଇଥିବା ଟ୍ରେନ୍ ନଂ

ଟ୍ରେନ୍‌ଗୁଡ଼ିକର ଅତିରିକ୍ତ ଷ୍ଟପେଜ୍

ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ

ପୂର୍ବ ତଟ ରେଳପଥ
139
www.eastcoastrail.indianrailways.gov.in
@EASTCOASTRailway1 @EastCoastRail
D-9/25-26

## ଭୀମକୁଣ୍ଡ ମକର ମେଳା ପ୍ରସ୍ତୁତି

ପାଟଣା,୩ା୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଘାଟବାଲି ଯୋଡ଼ି ମୌଜାସ୍ଥିତ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡ ମକର ମେଳା ପାଇଁ ଶନିବାର ବ୍ଲକ୍ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜାନୁଆରୀ ୧୪ରୁ ୩ ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଝୁମର, ସାନ୍ତାଳୀ, ବିଭିନ୍ନ ଲୋକନୃତ୍ୟ ସହ ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଡ଼ିଓ ମାନସ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ଅଶ୍ୱିନୀ ନାଏକ, ଡୁମୁରିଆ ସରପଞ୍ଚ ଗୌରହରି ନାଏକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକ, ଅଗ୍ନିଶମ ଅଧିକାରୀ ଗୌର ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ଜଳ ପରିମଳ ଯନ୍ତ୍ରୀ ମିଥୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ନେକଡ଼ାଘର-ଧୃପଦା ରାସ୍ତା ଅଧାପନ୍ତରିଆ

### ବିପଦପୂର୍ଣ୍ଣ ଭାବରେ ଯାତାୟାତ କରୁଛନ୍ତି ଲୋକେ

କେନ୍ଦୁଝର,୩ା୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ଅଧୀନସ୍ଥ ନେକଡ଼ାଘର-ଧୃପଦା ରାସ୍ତା କାମ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଥିବା ଦେଖାଯାଇଛି। ରାସ୍ତା କାମ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଛି।

ପ୍ରକାଶ ଯେ, ନେକଡ଼ାଘରଠାରୁ କେନ୍ଦୁଝର ସହର ଦେଇ ଧୃପଦା ପ୍ରାୟ ୧୦ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ୬ କୋଟି ଟଙ୍କାର ଟେଣ୍ଡର ହୋଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରର ଏକ ସଂସ୍ଥା କାର୍ଯ୍ୟାଦେଶ ପାଇବା ପରେ କାମ ଗତ ଅଗଷ୍ଟରେ ଆରମ୍ଭ କରିଥିଲା। ସେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇଥିଲା।


ରାସ୍ତାର ଗୋଟିଏ ପାର୍ଶ୍ୱ ପିଚୁ କରାଯାଇଛି।

ମରାମତି କାମ କିଛି କିଲୋମିଟର ହେବା ପରେ ହଠାତ୍ ବନ୍ଦ ହୋଇଯିବାରୁ ନାନା ସମସ୍ୟା ଦେଖାଦେଇଛି। ରାସ୍ତାର ଗୋଟିଏ ପାର୍ଶ୍ୱ ପିଚୁ କାମ ହୋଇଥିବାବେଳେ ଅନ୍ୟପଟ ହୋଇପାରିନାହିଁ। ଫଳରେ ୨ ଚକିଆ ଯାନ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏପରିକି ପିଚୁ ଧାରରେ ପଡି ବହୁ ସ୍କୁଟି ଚାଳକ ଆହତ ହେଉଛନ୍ତି। ଗାଡ଼ି ଚଳାଚଳ ବେଳେ ଧୂଳି ଉଡ଼ି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏ ନେଇ ଠିକାସଂସ୍ଥାର ମ୍ୟାନେଜର ପ୍ରଦୀପ ନାୟକ କହିଛନ୍ତି, ନିୟମ ଅନୁଯାୟୀ ତାଙ୍କୁ କାମ ସରିଥିବା ଅଂଶର ବା ପାର୍ଟ ପେମେଣ୍ଟ ବାବଦ ଦେୟ ପ୍ରଦାନ କରାଯାଇନାହିଁ। ଫଳରେ ଅବଶିଷ୍ଟ କାମ କରାଯାଉପାରୁନାହିଁ। ହୋଇଥିବା କାମ ବାବଦର ଅର୍ଥ ମିଳିଲେ ଅବଶିଷ୍ଟ କାମ ୧ ମାସ ମଧ୍ୟରେ ଶେଷ କରାଯିବ ବୋଲି ସେ କହିଥିଲେ। ଅଧପନ୍ତରିଆ ପିଚୁ ରାସ୍ତା ବିପଦକୁ ଆମନ୍ତ୍ରଣ କରୁଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରିବାକୁ କେନ୍ଦୁଝର ସହରବାସୀ ଜିଲାପାଳ ବିଶାଲ ସିଂହ ଏବଂ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ସମ୍ବିତ ମହାନ୍ତିଙ୍କ ନିକଟରେ ଦାବି କରିଛନ୍ତି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସମ୍ବିତ ମହାନ୍ତି କହିଛନ୍ତି, ରିପୋର୍ଟ ମଗାଯାଇଛି। ଆସିଲେ ବିଲ୍ ଦିଆଯାଇ ଖୁବ୍‌ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯିବ।

## ଯୋଡ଼ା ବ୍ୟବସାୟୀ ସଂଘର ବୈଠକ

ଯୋଡ଼ା,୩ା୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅଞ୍ଚଳରେ ନୂତନଭାବେ ଗଠିତ ଯୋଡ଼ା ବ୍ୟବସାୟୀ ସଂଘର ବୈଠକ ଯୋଡ଼ା କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଯୋଡ଼ା ବିଡ଼ିଓ ଡେନିସ ବେହେରା ଯୋଗଦେଇଥିବା ବେଳେ ଉପଦେଷ୍ଟା ମଦନ ମୋହନ ବାରିକ, ସଭାପତି ପ୍ରଚେତୋସ ପଟ୍ଟନାୟକ, ସମ୍ପାଦକ ସୁଶାନ୍ତ ବେବର୍ତ୍ତା ପ୍ରମୁଖଙ୍କ ସମେତ ବ୍ୟବସାୟୀ ପ୍ରକାଶ ମହାନ୍ତି ଯୋଗଦେଇଥିଲେ। ବ୍ୟବସାୟୀ ଗିରିଜା ଶଙ୍କର ମହାନ୍ତି, ସୁକାନ୍ତ ବାନା, ପ୍ରଶାନ୍ତ ପତି, ନବୀନ ପାତ୍ର, ରାକେଶ ସିଂଘାଣିଆ, ପପୁ ଗୋଏଲ, ସରୋଜ ସାଓ, ଜଗନ୍ନାଥ ପାଣିଗ୍ରାହୀ, ଏମ୍‌ଡି ଜସିମ, ଜୁନେଦ ରେହମାନ, ଏମ୍‌ଡି ମହୋତାବ, ରାଜେଶ ମହୋତା, ଆମର କେଜ୍ରିୱାଲ, ପୁଷ୍ପରାଜ ଜୟସ୍ୱାଲ, ତପନ ଦାସ, ନରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବଜାର ଅଞ୍ଚଳରେ ରାତିରେ ପୋଲିସ ପାଟ୍ରୋଲିଂ ବ୍ୟାପକ କରିବା, ପୌରପାଳିକା ମହାସୁଲ ଆଦାୟରେ ପାରଦର୍ଶିତା ଅଣାଯାଉ, ବାରଣ କରାଯାଉଥିବା ଦ୍ରବ୍ୟର ଉତ୍ପାଦନକୁ ବନ୍ଦ, ଦୋକାନୀଙ୍କୁ ଦମନ କରା ନ ଯାଉ, ବ୍ୟବସାୟୀ ସଂଘ ପକ୍ଷରୁ ବୀମାର ବ୍ୟବସ୍ଥା କରାଯାଉ ବୋଲି ଦାବି ଉପସ୍ଥାପନା କରିଥିଲେ। ଅନ୍ୟପକ୍ଷରେ ପୌରପାଳିକା ପକ୍ଷରୁ ସ୍ଥାୟୀ ପରିବା ବଜାର ଶୀଘ୍ର କରିବା ପାଇଁ ଦାବି ହୋଇଥିଲା। ବ୍ୟବସାୟୀ ଏକତାକୁ ବଜାଇ ରଖିବା ପାଇଁ ସମ୍ପାଦକ ବେବର୍ତ୍ତା କହିଥିଲେ। ଏଥିରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଉପସ୍ଥିତ ଥିଲେ।

## ହାଟଡିହୀ ଜେଏମ୍ଏଫ୍‌ସି କୋର୍ଟରେ ୨ ସରକାରୀ ଓକିଲ ନିଯୁକ୍ତ

ବଡଲା,୩ା୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଗହଣରେ ୨ ଜଣ ସରକାରୀ ଓକିଲଙ୍କ ନିଯୁକ୍ତି ହୋଇଛଇ। ଏ ନେଇ କେନ୍ଦୁଝର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍‌ଙ୍କ ସ୍ୱତନ୍ତ୍ର ପତ୍ର ସଂଖ୍ୟା ୩୯୦୨/୨୦୨୬ ଜାନୁଆରୀ ୧ ଅନୁଯାୟୀ ବରିଷ୍ଠ ଓକିଲ ଦଶରଥ ଯେନା ଓ ବାଳକୃଷ୍ଣ ନାଏକ ତାଙ୍କର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ବାର୍ ଆସୋସିଏଶନ ପକ୍ଷରୁ ଦୁହିଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୈତରଣୀ ନଦୀତଟ ପରିଦର୍ଶନକଲେ ଅଧିକାରୀ


ପ୍ରଶାସନିକ ଅଧିକାରୀମାନେ ବୈତରଣୀ ଘାଟରେ ଅନୁଧ୍ୟାନ କରୁଛନ୍ତି।

ପାଟଣା,୩ା୧(ବୀର କିଶୋର ଦାଶ)

### ବୈତରଣୀରେ ମକରବୁଡ଼ ପକାଇବେ ମୁଖ୍ୟମନ୍ତ୍ରୀ

ମକର ସଂକ୍ରାନ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈତରଣୀ ନଦୀରେ ବୁଡ଼ ପକାଇବେ। ଏଥିପାଇଁ କେନ୍ଦୁଝର ଜିଲା ଓ ପାଟଣା ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଘାଟ ବାଲିଯୋଡ଼ିସ୍ଥିତ ଭୀମକୁଣ୍ଡ ଓ ରାଜନଗର ରଘୁନାଥ ଜିଉ ମଠ ସଲଗ୍ନ ବୈତରଣୀ ନଦୀତଟ ପରିଦର୍ଶନ କରି ଫେରିଛନ୍ତି।

ଜିଲାପାଳ ବିଶାଳ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ପାଟଣା ବିଡ଼ିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକ, ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଡୁମୁରିଆ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟ, ବ୍ଲକ୍ ସହକାରୀଯନ୍ତ୍ରୀ ସୁସ୍ମିତା ବେହେରା, ଏପିଓ ଦୀପକ ବେହେରା, ଯନ୍ତ୍ରୀ ଖିଲାରାମ ମୁର୍ମୁ, ଡୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ସରପଞ୍ଚ ସୁଧାଂଶୁ ନାଏକ, ରାଜନଗର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ବିଗତବର୍ଷ ପାଟଣା ମୁଖ୍ୟାଳୟ ପରମେଶ୍ୱର ମନ୍ଦିର ସଂଲଗ୍ନ ବୈତରଣୀ ନଦୀର ଅନୁସୂୟା ଘାଟରେ ମକର ବୁଡ଼ ପକାଇଥିଲେ। ରାଜନଗର ବୈତରଣୀ ନଦୀଘାଟରେ ନଦୀକୁ ପାହାଚଥିବା ବେଳେ ଭୀମକୁଣ୍ଡରେ ଦନ୍ତୁରିତ ପଥର ଖଣ୍ଡ ଉପରେ ପ୍ରଶାସନ କିଭଳି ରାସ୍ତା କରିବେ ସେ ନେଇ ଚିନ୍ତାରେ ପଡ଼ିଛି।

## ଖୁଣ୍ଟାପଡ଼ା ମକର ମେଳା ପ୍ରସ୍ତୁତି

କେନ୍ଦୁଝର,୩ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅନ୍ତର୍ଗତ ଖୁଣ୍ଟାପଡ଼ାସ୍ଥିତ ବାବା ବ୍ରହ୍ମେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ମକରମେଳା ନେଇ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୮ ଦିନ ଧରି କୃଷିଭିତ୍ତିକ ଗଣପର୍ବ ଅନୁଷ୍ଠିତ ନେଇ ମକର ମେଳା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କମିଟି ସାଧାରଣ ସମ୍ପାଦକ ହଟକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକ ଡା. ଫକୀର ମୋହନ ନାଏକ, ଏମ୍‌ପିଙ୍କ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବ୍ଲକ୍ ଅଧ୍ୟକ୍ଷ ବିକ୍ରମ ନାୟକ, ଜିଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ଛଇଳବାଳା ନାୟକ, ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ସମିତି ସଭ୍ୟ ଅନନ୍ତ ଚରଣ ବେହେରା, ତହସିଲଦାର ଅନୁପମା ମୁର୍ମୁ, ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ଆଇଆଇସି ଅଞ୍ଜନ ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ଡା. ପି ସତ୍ୟମ, ଆରଡି ଅଧୀକ୍ଷଣ ଯନ୍ତ୍ରୀ ଇଂ. ହିମାଂଶୁ ଶେଖର ସେଠୀ, ଟିପିଏନ୍‌ଓଡିଏଲ ଯନ୍ତ୍ରୀ ଇଂ. ମୁକେଶ ସାହୁ, ଫରେଷ୍ଟର ପୁଷ୍ପଲତା ମହାନ୍ତ, ଅଗ୍ନିଶମ ଅଧିକାରୀ କପିକେତନ ନାୟକ, ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇଂ. ଅଶୋକ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ମେଳାକୁ ଆକର୍ଷଣୀୟ କରିବା ପାଇଁ ମେଳା ପଡ଼ିଆରେ ମେଳା ଓ ମୀନା ବଜାର ଖୋଲିବା ସହିତ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ୬୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦୋକାନ, ମୀନା ବଜାର ଖୋଲିବ। ୧୫ ରୁ ୨୧ ପର୍ଯ୍ୟନ୍ତ ଯାତ୍ରା ପାର୍ଟି ପକ୍ଷରୁ ନାଟକ ପରିବେଷଣ ଯୋଜନା କରାଯାଇଛି। ବୈଠକରେ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ, ଆଲୋକିକରଣ, ପରିମଳ, ଜନସ୍ୱାସ୍ଥ୍ୟ ଉପରେ ଆଲୋଚନା କରାଯାଇଥିଲା।

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ପ୍ରତିବାଦ ଜାରି

### ରୋଗୀସେବା ବାଧାପ୍ରାପ୍ତ

କେନ୍ଦୁଝର,୩ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ(ଓମ୍‌ସା) ଡାକରା କ୍ରମେ କେନ୍ଦୁଝର ଶାଖାର ଡାକ୍ତରମାନେ ୧୦ ଦଫା ଦାବିରେ ଏକ ଘଣ୍ଟିଆ ଓପିଡି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଫଳରେ ଦୈନିକ ଦୀର୍ଘ ୧ ଘଣ୍ଟା ଧରି ଓପିଡି ସେବା ବନ୍ଦ ରହୁଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି।

ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତରମାନେ ଏକ ଘଣ୍ଟା କାର୍ଯ୍ୟବନ୍ଦ କରିବା ସହ ସମ୍ମିଳିତ ପ୍ରତିବାଦ ପ୍ରଦର୍ଶନ କରି ସେମାନଙ୍କ ଦାବି ଶୁଣାଇଥିଲେ। ଡାକ୍ତରଙ୍କ ଅପେକ୍ଷାରେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଓପିଡି ଆଗରେ ଅପେକ୍ଷାରତ ଥିଲେ। ଅନ୍ୟାନ୍ୟ ଜରୁରୀକାଳିନ ସେବା ଜାରି ରହିଥିଲା। ପୂର୍ବରୁ ରାଜ୍ୟର ଓମ୍‌ସା ସଂଘ ପକ୍ଷରୁ ୧୦ଦଫା ଦାବି ପୂରଣ ନେଇ ସରକାରଙ୍କୁ ଦାବି ଜଣାଯାଇଥିଲା। ସରକାର ଡାକ୍ତରଙ୍କ ଦାବିପୂରଣ ନେଇ କୌଣସି ନିଷ୍ପତ୍ତି ନେଲେ ନାହିଁ। ଦାବିପୂରଣ ନ ହେବାରୁ ଡିସେମ୍ବର ୨୬ରୁ ୧ ଘଣ୍ଟିଆ କାର୍ଯ୍ୟବନ୍ଦ କରି ପ୍ରତିବାଦ କରୁଛନ୍ତି। ଏହା ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରାଯାଇଛି। ବିଶେଷ କରି ଡାକ୍ତର ପଦବୀ ପୂରଣ, ରାଜ୍ୟର ଅନ୍ୟ ଜୁନିୟର କ୍ଲାସ ୱାନ ସର୍ଭିସଙ୍କ ଭଳି ପଦୋନ୍ନତିରେ ୧୫ ପେ-ଗ୍ରେଡ୍ ହଟାଇବା, ଡାକ୍ତରଙ୍କ ନିୟମିତ ପଦୋନ୍ନତି, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ୨୪ ଘଣ୍ଟିଆ ସୁରକ୍ଷା ଓ ଓଡ଼ିଶା ମେଡି କେୟାର ଆଇନ ସଂଶୋଧନ ଆଦି ଦାବି ରହିଛି। କେନ୍ଦୁଝର ଓଏମ୍‌ସା ସଂଘର ସମ୍ପାଦକ ଡା. ନିହାର ରଞ୍ଜନ ରଥ କହିଛନ୍ତି, ବିଭିନ୍ନ ସମସ୍ୟାକୁ ସରକାର ଅଣଦେଖା କରୁଥିବାରୁ ଏଭଳି ପ୍ରତିବାଦ କରାଯାଉଛି।



କାର୍ଯ୍ୟବନ୍ଦ ଆନ୍ଦୋଳନରତ ଡାକ୍ତରମାନେ।

## ଭାଜପା ମହିଳା କର୍ମକର୍ତ୍ତାଙ୍କ ବୈଠକ


ଭାଜପା ମହିଳା କର୍ମକର୍ତ୍ତା ଓ ଅନ୍ୟମାନେ।

ବଡଲା,୩ା୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଭାଜପା ମହିଳା କର୍ମକର୍ତ୍ତାଙ୍କୁ ନେଇ ହଦଗଡ଼ ସାଳନ୍ଦୀ ନଦୀକୂଳରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ସ୍ତ୍ରୀ ଲବଙ୍ଗଲତା ନାୟକ, ଜିଲାପରିଷଦ ସଦସ୍ୟା ଅସୀମା ମିଶ୍ର, ଜିଲା ସମ୍ପାଦିକା ମହିଳା ମୋର୍ଚ୍ଚାର ତୃପ୍ତିମୟୀ ଯେନା, ପୂର୍ବତନ ଜିଲାପରିଷଦ ତଥା ମଣ୍ଡଳ ସଭାପତି ଟିଙ୍କି କିସ୍କୁ, ଶ୍ୱେତପଦ୍ମା ନାୟକ, ବରିଷ୍ଠ ମହିଳାନେତ୍ରୀ ସୁମତୀ ଜେନା, ସରପଞ୍ଚ ଦିପ୍ତୀ ସାହୁ, ପୂର୍ବତନ ସରପଞ୍ଚ ସୁପ୍ରଭା ରାଉତ, ମମତା ପଣ୍ଡା, ପ୍ରଣୟିନା ବ୍ରହ୍ମ, ପ୍ରଦୀପ୍ତା ସୁର୍, ସୋନାଲୀ ମହାନ୍ତି, କନକଲତା ଜେନା, ଦୀପ୍ତିମୟୀ ଖୁଣ୍ଟିଆ, ମିନତୀ ମହାପାତ୍ର, ଚାରୁଲତା ମଲ୍ଲିକ, ବିଜୟଲକ୍ଷ୍ମୀ ନାୟକ, ସନ୍ଧ୍ୟାରାଣୀ ମଲ୍ଲିକ, ଶକୁନ୍ତଳା ପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିରକୁ ସଫଳ କରିବାକୁ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଜିଲା ଉପସଭାପତି ଜ୍ଞାନରଞ୍ଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲ୍ଲିକ, ସୁଶାନ୍ତ ଜେନା, ବିବେକାନନ୍ଦ ରାଉତ, ମଣ୍ଡଳ ସଭାପତି ଦୀପକ ଜେନା, ହରେକୃଷ୍ଣ ସ୍ୱାଇଁ, ପ୍ରଶାନ୍ତ ମହାପାତ୍ର, ଅବିନାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ ସ୍ପେସ୍ ସାଇନ୍ସ ଅଲିମ୍ପିଆଡ୍ ଜୁନିୟର ବିଭାଗରେ ଅମୃତାଂଶୁ ପ୍ରଥମ

ବଡଲା,୩ା୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରେଇଗାଁ ଗ୍ରାମର ନୀଳମାଧବ ପଣ୍ଡା ଓ ରଶ୍ମିତା ପାଣିଗ୍ରାହୀଙ୍କ ପୁତ୍ର ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କର ନାତି ଅମୃତାଂଶୁ ପଣ୍ଡା (୧୨) ଇଣ୍ଡିଆନ ସ୍ପେସ୍ ସାଇନ୍ସ ଅଲମ୍ପିଆଡ ୨୦୨୫ ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ହୋଲି କ୍ରସ୍ ସିନିୟର ସେକେଣ୍ଡାରୀ ସ୍କୁଲ, କାପା, ରାଇପୁରଠାରେ ଷ୍ଟାଣ୍ଡାର୍ଡ ୭ ରେ ଶିକ୍ଷାଗ୍ରହଣ କରୁଛନ୍ତି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ବେଙ୍ଗାଲୁରଠାରେ ୩ ଦିନ ଧରି ଚାଲିଥିବା ଫାଇନାଲ ଇଣ୍ଡିଆନ ସ୍ପେସ୍ ସାଇନ୍ସ ଅଲମ୍ପିଆଡ ୨୦୨୫ରେ ଅମୃତାଂଶୁ ୧ମ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ଡାଇରେକ୍ଟର ଅଫ୍ ମେଘାଲୟାନ ଆଣ୍ଡ ଚନ୍ଦ୍ରାୟନ ମିଶନ ଅଫ୍ ଇଣ୍ଡିଆର ରିତୁ କରିଢ଼ାଲ ଶ୍ରୀବାସ୍ତବ ମାନପତ୍ର ଓ ମେଡାଲ ପ୍ରଦାନ କରିଛନ୍ତି। ଏହାକୁ ନେଇ ଅମୃତାଂଶୁଙ୍କ ବାପା ନୀଳମାଧବ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।



## ନିମ୍ନମାନର ପିଚୁ ରାସ୍ତା ନିର୍ମାଣ ଅଭିଯୋଗ

ଯୋଡ଼ା,୩ା୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଚମକପୁର୍ ପଞ୍ଚାୟତର ଗୁଗୁଦରି ଗ୍ରାମରେ ନିର୍ମାଣ କରାଯାଇଥିବା ପିଚୁ ରାସ୍ତା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। କାମକୁ ଏକ ମାସ ନ ପୁରୁଣୁ ପିଚୁ ସମ୍ପୂର୍ଣ୍ଣ ଉଠି ଯାଇଥିବା ନେଇ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଚମକପୁର ପଞ୍ଚାୟତର ଗୁଗୁଦରି ଗ୍ରାମ ଝୁମ୍ପୁରା ବ୍ଲକ୍‌ର ସୀମାନ୍ତ ଗ୍ରାମ। କନକନାଠାରୁ ଗୁଗୁଦରି ପ୍ରାୟ ୫ରୁ ଊର୍ଦ୍ଧ୍ୱ କିମି ଗ୍ରାମ୍ୟ ରାସ୍ତା କାମ କିଛି ମାସ ପୂର୍ବରୁ ଆରମ୍ଭ କରାଯାଇଥିଲା। ରାସ୍ତା ନିର୍ମାଣରେ ଅନିୟମିତତା କରାଯାଇଥିବାରୁ ପିଚୁ ଉଠି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାତି ଅଧିଆ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ ମାଟି ଉପରେ ମେଟାଲିଂ ନ କରି ପିଚୁ କାର୍ଯ୍ୟ କରାଯାଇଛି। ଏହାକୁ ଲୁଚାଇବାକୁ ଯାଇ ପିଚୁ ରାସ୍ତା ଉପରେ ବଜୁରି ଗୁଣ୍ଡ ପକାଇ ଦିଆଯାଇଛି। ଫଳରେ ଯାତାୟାତ ସମୟରେ ରାସ୍ତାରୁ ପିଚୁ ଉଠିଯାଉଥିବା ଗ୍ରାମବାସୀ କହିଛନ୍ତି। ସରକାରୀ ଅଧିକାରୀଙ୍କ ବିନା ତଦାରଖରେ ସମ୍ପୃକ୍ତ ଠିକାଦାର ରାତି ଅଧିଆ ଏପରି ନିମ୍ନମାନର କାର୍ଯ୍ୟ କରି ଚାଲିଯାଇଥିବା ଗ୍ରାମର ମଙ୍ଗଳ ମୁଣ୍ଡା, ବାବଲୁ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡା, ପୁକାମ ମୁଣ୍ଡା, ପରମେଶ୍ୱର ମୁଣ୍ଡା, ରାମ ଚନ୍ଦ୍ର ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣରେ ବ୍ୟବହୃତ ହୋଇଥିବା ପିଚୁ, ମେଟାଲଗୁଡ଼ିକୁ ଚୋରାରେ କ୍ରୟ କରାଯାଇଥିବା ବେଳେ ତାହା ଅତି ନିମ୍ନମାନର ହୋଇଥିବା କୁହାଯାଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ରାସ୍ତାରୁ ପିଚୁ ଉଠିଯାଇଛି।

## ପୁଣି ଭୂୟାଁପୀଢ଼ ରେଞ୍ଜରେ ହେବ ଚା' ଚାଷ

### ଏକଜୁଟ ହେଲେ ୪ ପଞ୍ଚାୟତବାସୀ

କେନ୍ଦୁଝର,୩ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତରମାକାନ୍ତ ଭୂୟାଁପୀଢ଼ ରେଞ୍ଜରେ ପୁଣିଥରେ ଚା' ଚାଷ ଆରମ୍ଭ ହେବ। ସ୍ଥାନୀୟ ଲୋକେ ଏ ନେଇ ଅଣ୍ଟା ଭିଡିଥିବା ଜଣାପଡ଼ିଛି। ଏହା ପୁଣି କାର୍ଯ୍ୟକ୍ଷମ ହୋଇପାରିବ କି ନାହିଁ ତାହାର ଅନୁଧ୍ୟାନ କରିବାକୁ କୋଲକାତାସ୍ଥିତ ଟି ବୋର୍ଡର ସଦସ୍ୟମାନେ ଆସିବାର କାର୍ଯ୍ୟକ୍ରମ ରହିଛି। ଏଣୁ ସ୍ଥାନୀୟ ଲୋକେ ସେମାନଙ୍କ ସ୍ୱାଗତ କରିବାକୁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଏକଜୁଟ ହୋଇ ପୁରୁଣା ଚା' ବାଗାନ ଅଞ୍ଚଳର ସଫେଇ କାମ ଆରମ୍ଭ କରିଛନ୍ତି। ଶନିବାର ତରମାକାନ୍ତ ଚା' ବାଗାନ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ସ୍ଥାନୀୟ ଲୋକେ ଉକ୍ତ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗନ୍ଧମାର୍ଦ୍ଦନ ଆଗ୍ରୋ ଫାର୍ମର୍ସ ପ୍ରଡ୍ୟୁସର କାମ୍ପାନୀ ନାମକ ଏକ ଲୋକଙ୍କ କମ୍ପାନୀ ଗଠନ କରିଛନ୍ତି। ଏଥିରେ ୪ ପଞ୍ଚାୟତ ତଥା ଯାତ୍ରା, ସିଂପୁର, କଲଣ୍ଡା, ତରମାକାନ୍ତ ଅଞ୍ଚଳର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ କମ୍ପାନୀରେ ସାମିଲ ଅଛନ୍ତି। ସେମାନେ ଆସୁଥିବା


ଚା' ବଗିଚା ସଫା କରୁଥିବା ସ୍ଥାନୀୟ ଗ୍ରାମବାସୀ।

ଟି ବୋର୍ଡ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଏହା ସ୍ଥାନୀୟ ଅଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କମ୍ପାନୀର ପରାମର୍ଶଦାତା ସଞ୍ଜୟ ଗିରି କହିଛନ୍ତି। ଲୋକମାନେ କାମ କରି ରୋଜଗାର ପାଇବେ, ଯେଉଁମାନେ ସେୟାର ହୋଲଡର ହେବେ ସେମାନେ ଲାଭାଂଶରୁ ସେୟାର ପାଇବେ। ପୁରୁଣା ଚା' ବାଗାନର ପୁନରୁଦ୍ଧାର, ଅଧିକ ୨୦୦ ଏକର ଜମି ଅନ୍ତର୍ଭୁକ୍ତ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ଆଦି ଦାବି ରଖାଯାଇଥିବା ପଦ୍ମ ଚରଣ ଦେହୁରୀ କହିଛନ୍ତି। ଚା' ଚାଷ ହେଲେ ଜଙ୍ଗଲ ଓ ପରିବେଶର ସୁରକ୍ଷା ହେବ ବୋଲି ମଧ୍ୟ ପରିବେଶବିତ୍‌ମାନେ ମତବ୍ୟକ୍ତ କରୁଛନ୍ତି।

ସୂଚନାଯୋଗ୍ୟ, ଭୂୟାଁ ପୀଢ଼ ଚା' ଚାଷ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ସରକାରଙ୍କ ଉଦ୍ୟମରେ ଏବଂ କୋଲକାତାସ୍ଥିତ ଟି ବୋର୍ଡ ଓ ଏକ ଘରୋଇ କମ୍ପାନୀ ମିଳିତ ଉଦ୍ୟମରେ ତରମାକାନ୍ତଠାରେ ଚା' ଚାଷ କରାଯାଇଥିଲା। ଚା' ଶତ ପ୍ରତିଶତ ବିଦେଶକୁ ରପ୍ତାନୀ ହେଉଥିଲା। ସମୟକ୍ରମେ ପରିଚାଳନାଗତ ତ୍ରୁଟି ଯୋଗୁ ଏହା ରଗଣ ହୋଇ ଶେଷରେ ବନ୍ଦ ହୋଇଯାଇଥିଲା। କମ୍ପାନୀ ବାଗାନ ଛାଡ଼ି ଚାଲିଗଲା, ସ୍ଥାନୀୟ ଶ୍ରମିକ ବକେୟା ମଜୁରୀ ପାଇଲେନାହିଁ। ସେମାନଙ୍କ ଭାତହାଣ୍ଡି ସବୁ ଦିନ ପାଇଁ ଉଜୁଡ଼ିଗଲା। ସେମାନଙ୍କ ଆଶା ମଉଳି ଯାଇଥିବା ବେଳେ ଏବେ ସ୍ଥାନୀୟ ଲୋକେ ଏକଜୁଟ ହୋଇ ପୁଣି ଚା' ବାଗାନକୁ ଉଜ୍ଜୀବିତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ପ୍ରଦୂଷଣ ଯୁକ୍ତ ଇସ୍ପାତ କାରଖାନାକୁ ପ୍ରତ୍ୟାଖାନ କରି ସବୁଜ ପରିବେଶ ସୃଷ୍ଟି କରିବାରେ ସହାୟକ ଚା' ବାଗାନର ପୁନରୁଦ୍ଧାର ପାଇଁ ଏକଜୁଟ୍ ହୋଇଛନ୍ତି। ସରକାର ସେମାନଙ୍କ ଦାବିକୁ ପ୍ରାଧାନ୍ୟ ଦେଇ ପୁଣି ଚା' ବାଗାନ ପୁନରୁଦ୍ଧାର କରିବାକୁ ପଦକ୍ଷେପ ନେଉଛନ୍ତି। ଏଣୁ ସେମାନେ ବେଶ ଖୁସି ଥିଲେ ହେଁ, ବାଗାନର ରକ୍ଷଣାବେକ୍ଷଣ ଓ ଲାଭକ୍ଷତି ସ୍ଥାନୀୟ ଲୋକଙ୍କ କମ୍ପାନୀ ଦ୍ୱାରା ପରିଚାଳିତ ହେବ ବୋଲି ଦାବି ରଖିଛନ୍ତି।

# ଦେଖାଦେଲା ବର୍ଷର ପ୍ରଥମ ସୁପରମୁନ୍

ଭୁବନେଶ୍ୱର,୩।୧ (ସୁଚିସ୍ମିତା ସାହୁ)



ପୌଷ ପୂର୍ଣ୍ଣମୀ ଶନିବାର ଚଳିତବର୍ଷର ପ୍ରଥମ ସୁପରମୁନ୍ ଆକାଶରେ ଦୃଶ୍ୟମାନ ହୋଇଛି। ଓଡ଼ିଶାବାସୀ ଏହି ବିରଳ ଏବଂ ସୁନ୍ଦର ମହାଜାଗତିକ ଦୃଶ୍ୟ ଖାଲି ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି। ତେବେ ଅପରାହ୍ଣ ୪ଟାରୁ ସୁପରମୁନ ଦୃଶ୍ୟମାନ ହୋଇଥିବାବେଳେ କୁହୁଡି ପାଇଁ ରାତିରେ ସେତେ ଉଜ୍ଜ୍ୱଳ ନ ଥିଲା। ଏହି ସମୟରେ ଚନ୍ଦ୍ର ପୃଥିବୀର ପ୍ରାୟ ୩ ଲକ୍ଷ ୬୨ ହଜାର କି.ମି. ନିକଟରେ ରହିଥିଲା।

ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ସୁପରମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେନାହିଁ। ଏହା ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ପ୍ରାୟ ୧୪% ବଡ ସହ ୩୦% ଉଜ୍ଜ୍ୱଳ ଦେଖାଯାଇଥାଏ। ଚଳିତବର୍ଷ ୩ଥର ସୁପରମୁନ ଦେଖିବାର ସୁଯୋଗ ମିଳିବ। ଦ୍ୱିତୀୟ ସୁପରମୁନ ନଭେମ୍ବର ୨୪ ଏବଂ ଶେଷ ସୁପରମୁନ ଡିସେମ୍ବର ୨୩ରେ ଦେଖିବାକୁ ମିଳିବ। 'ସୁପରମୁନ୍' ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ଏହା ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳେ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେ ଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡିଥାଏ ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ।

# ୧୫ ସଂସ୍ଥା ନିକଟରେ ୫ ହଜାର କୋଟିର ଜଳକର ବାକି

## ସରକାରଙ୍କ ନିର୍ଦ୍ଦେଶକୁ ଶୁଣୁନାହାନ୍ତି ଖିଲାପୀ ସଂସ୍ଥା

ଯାଜପୁର,୩।୧ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ଖଣି, ଶିଳ୍ପ କାରଖାନା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୫ଟି ସଂସ୍ଥା ନିକଟରେ ୫,୭୯୩.୮୧୯ କୋଟି ଟଙ୍କା ଜଳକର ବାକି ପଡିଛି। ଏଥିରେ ଫୁଲିଝରୀ ଆର୍ଡେଣ୍ଟ ଷ୍ଟିଲ ଲିଃ ପାଖରେ ସର୍ବାଧିକ ୧୬୮୨.୬୪୬ କୋଟି ଟଙ୍କା, ଝାରସୁଗୁଡା ରେଲୱେ ନିକଟରେ ୧୧୮୪.୭୬୮ କୋଟି ଟଙ୍କା, ଯୋଡ଼ା ଟାଟା ଷ୍ଟିଲ ମାଇନ୍ସ ନିକଟରେ ୮୮୯.୧୨୯ କୋଟି ଟଙ୍କା ପ୍ରଭୃତି ବାକି ରହିଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପୁଣି ଥରେ ଆବଶ୍ୟକ ତଦନ୍ତ କରି ସବିଶେଷ ରିପୋର୍ଟ ଦାଖଲ କରିବାକୁ ଶନିବାର ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍(ଇଆଇସି) ପ୍ଲାନିଂ ଆଣ୍ଡ୍ ଡିଜାଇନଙ୍କୁ ଅନୁରୋଧ କରାଯାଇଛି। ପୂର୍ବରୁ ଏହି ମର୍ମରେ ମୁଖ୍ୟ ଶାସନ ସଚିବ ୨୪।୬।୨୦୨୫ରେ ଜଳ ସମ୍ପଦ ବିଭାଗକୁ ପତ୍ର ଲେଖିଥିଲେ ହେଁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାବାଦ ଉକ୍ତ ଜଳକର ବାବଦକୁ ଏକାକାଳୀନ ସମାଧାନ (ଓଟିଏସ୍) କରିବାକୁ ୨୦।୩।୨୦୨୫ରେ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। ଗତ ମେ ମାସ ୩୧ ତାରିଖ ସୁଦ୍ଧା ଏକକାଳୀନ ସମାଧାନ କରିବାକୁ ଜଳ ସମ୍ପଦ ବିଭାଗର ଇଆଇସିଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ତାହା ବି କାର୍ଯ୍ୟକାରୀ ହୋଇ ନ ଥିବାରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ପୁଣି ଥରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ଓ ଖଣି ସଂସ୍ଥାଗୁଡ଼ିକ ପରିଚାଳନା ପାଇଁ ବହୁ କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ଏପରି କି ସ୍ଲରି ପାଇପ୍ ଲାଇନ୍ ଜରିଆରେ ଖଣିଜ ପଦାର୍ଥ ପରିବହନ ପାଇଁ ପାଣି ବ୍ୟବହାର କରାଯାଉଛି। ବ୍ରାହ୍ମଣୀ ନଦୀ ପାଣିରେ ଇଡ୍‌କୋ ଗତ ପ୍ରାୟ ୨୫ ବର୍ଷ ହେଲା ବ୍ୟବସାୟ ଚଳାଇ ଆସୁଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ବ୍ରାହ୍ମଣୀରୁ ପାଣି ନେଇ କଳିଙ୍ଗନଗରର ଶିଳ୍ପସଂସ୍ଥାଗୁଡ଼ିକଠାରୁ ମାସିକ ଭାବେ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ କେଉଁ ଅନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛନ୍ତି, ତା'ର ହିସାବ ରଖିବାକୁ ଜଳ ମାପକ ଯନ୍ତ୍ର ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍(ଆଇଓଟି) ଫ୍ଲୋ ମିଟର ବ୍ୟବହାର କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। କିନ୍ତୁ ଗତ ନଭେମ୍ବର ସୁଦ୍ଧା ୬୮ଟିରୁ ମାତ୍ର ୩୩ଟି କମ୍ପାନୀ ଆଇଓଟି ଯନ୍ତ୍ର ସ୍ଥାପନ କରିଥିବାବେଳେ ସେଥିରୁ ମାତ୍ର ୧୫ଟି କମ୍ପାନୀର ଆଇଓଟି ଯନ୍ତ୍ର କାର୍ଯ୍ୟକ୍ଷମ ହୋଇପାରିଛି। ଏନେଇ ବିଭାଗ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଥିଲେ ହେଁ କେହି ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଖୁବ୍‌ଶୀଘ୍ର ଆଇଓଟି ଯନ୍ତ୍ର ଲଗାଇବା ନିମନ୍ତେ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ଜଳସେଚନ ଡିଭିଜନର ନିର୍ବାହୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ୧୫।୧୧।୨୦୨୫ରେ ନିର୍ଦ୍ଦେଶ ହୋଇଥିଲା। ଏହି ଯନ୍ତ୍ରରେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତାହାର ହିସାବ ଇଣ୍ଟରନେଟ ମାଧ୍ୟମରେ ସୂଚନା ଦେବ।



ମହୋଦଧି ଆଳତିର ବାର୍ଷିକୋତ୍ସବରେ ପୁରୀ ବେଳାଭୂମିଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ସମବେତ ସାଧୁସନ୍ଥମାନେ ମହୋଦଧି ଆଳତି କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୧୨ରେ ସମସ୍ତ ଶିକ୍ଷାନୁଷ୍ଠାନରେ 'ବନ୍ଦେ ମାତରମ୍' ସାମୂହିକ ଗାନ

ଭୁବନେଶ୍ୱର,୩।୧ (ସୌମ୍ୟରଞ୍ଜନ ରାଉତ)

ଭାରତର ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଜାନୁଆରୀ ୧୨ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସରେ ଛାତ୍ରୀଛାତ୍ରମାନେ ସାମୂହିକ 'ବନ୍ଦେ ମାତରମ୍' ଗାନ କରିବେ। ଏଥିସହ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ' ପାଠ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ରାଜ୍ୟବ୍ୟାପୀ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ରାଜ୍ୟର ସମସ୍ତ ଜିଲାକୁ ୫ଟି ମଣ୍ଡଳରେ ବିଭକ୍ତ କରାଯାଇ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମଣ୍ଡଳ ସ୍ତରରେ ପ୍ରଶିକ୍ଷଣ ପ୍ରାପ୍ତ ପ୍ରଶିକ୍ଷାର୍ଥୀମାନେ ବ୍ଲକ, ମହାନଗର ନିଗମ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ହେବାକୁ ଥିବା ପରିଷଦ ସ୍ତରୀୟ ବନ୍ଦେ ମାତରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇ ଆସିଥିବା ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାନୁଆରୀ ୧୦ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱର, ବ୍ରହ୍ମପୁର ମହାନଗରରେ ମିଶିବ ୬୦ ଗାଁ

■ ପ୍ରକାଶ ପାଇଲା ତାଲିକା

■ ଲୋକଙ୍କ ସମ୍ମତି ପରେ ସମ୍ପ୍ରସାରଣ ପ୍ରକ୍ରିୟା ଆଗକୁ ବଢ଼ିବ: ମନ୍ତ୍ରୀ

ଭୁବନେଶ୍ୱର,୩।୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)ର ପରିସୀମା ବୃଦ୍ଧି ପାଇବ। ଭୁବନେଶ୍ୱର ମହାନଗରରେ ୭ଟି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୨୬ଟି ରାଜସ୍ୱ ଗ୍ରାମ ଓ ବ୍ରହ୍ମପୁର ମହାନଗରରେ ୧୨ଟି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୩୪ଟି ରାଜସ୍ୱ ଗ୍ରାମ ମିଶିବ। ଏନେଇ ଶନିବାର ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉଭୟ ମହାନଗର ନିଗମର ସମ୍ପ୍ରସାରଣ ନିମନ୍ତେ ମିଶ୍ରଣ କରାଯାଇଥିବା ଗ୍ରାମଗୁଡ଼ିକର ତାଲିକା ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରସ୍ତାବିତ ସମ୍ପ୍ରସାରଣ ନିମନ୍ତେ ସମ୍ପୃକ୍ତ ଗ୍ରାମର ବାସିନ୍ଦାଙ୍କଠାରୁ ମତାମତ ଲୋଡ଼ାଯାଇଥିଲା। ସେମାନଙ୍କ ସମ୍ମତି ପାଇବା ପରେ ସମ୍ପ୍ରସାରଣ ପ୍ରକ୍ରିୟା ଆଗକୁ ବଢ଼ିବ। ଚଳିତ ବର୍ଷ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ସରକାର ଡିସେମ୍ବର ୩୧ ପୂର୍ବରୁ ନୂତନ ଏନ୍‌ଏସି, ପୌରପାଳିକା ଏବଂ ନଗର ନିଗମ ଘୋଷଣା କରିଛନ୍ତି। ସହରାଞ୍ଚଳ ପୁନର୍ଗଠନ ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାରୁ ସରକାର ଆଗାମୀ ଦିନରେ ଉପୁଜିଥିବା ସମସ୍ତ ଯଥାର୍ଥ ଏବଂ ପ୍ରାସଙ୍ଗିକ ଦାବି ଉପରେ ବିଚାର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଘୋଷଣା କରାଯାଇଥିବା ତାଲିକା ଅନୁସାରେ, ଭୁବନେଶ୍ୱର ବ୍ଲକର ସିଞ୍ଜୁଆ, ସିଜିପୁଟ, ନାରଗୋଡ଼ା, ସହଜପୁର, ଦମାଲୋ, କିଛିପୁର, ଦାସବଡ଼ିଆ, ବାଲିଆପତା, କାଶିପୁର, ବେରୁଣିଆବରହି, ବଡ଼ଧାନପୁର, ଶିଶୁପାଳଗଡ଼, ମହାଭୋଇସାସନ, ଜଗନ୍ନାଥପ୍ରସାଦ, ଅଣ୍ଡାଳୁଆ, ଦାସପୁର, ଦୁମୁକୋଲି, ଗୋଡ଼ିବାରି, ଦୁର୍ଗାପୁରପାଟଣା, ବାସୁଆଘାଇ, କେଶୁରା, କୋରଡ଼କଣ୍ଟା, ବାଙ୍କୁଆଳ, ରଘୁନାଥପୁର, ଲିଙ୍ଗିପୁର ଓ ବାଲିଅନ୍ତା ବ୍ଲକର ଅଣ୍ଡିଲୋ ଗ୍ରାମକୁ ବିଏମ୍‌ସିରେ ମିଶ୍ରଣ ପାଇଁ ଚୟନ କରାଯାଇଛି। ସେହିପରି ବ୍ରହ୍ମପୁର କୁକୁଡାଖଣ୍ଡି ବ୍ଲକର ମହୁଘରହିଲ, ପାଦ୍ରିପଲ୍ଲୀ, ରେଇଖୋଳ, ଆଙ୍କୁଶପୁର, ରତ୍ନପୁର, ଦକ୍ଷିଣପୁର, ଆମ୍ବଗଡ଼, ଗୁଣ୍ଡବନ୍ଧ, ଅନନ୍ତାଇ, ଲଙ୍ଗଳଡାଇ, ସିରିଆପୁର, ଚନ୍ଦନିଆପାହାଡ଼, ସୁକୁଣ୍ଡା, ଲାଠୀ, ବେଣ୍ଡଲିଆ, ଜଗଦଲପୁର, ନିମଖଣ୍ଡ, ଲୋଚାପଡା ଏବଂ ରଙ୍ଗେଇଲୁଣ୍ଡା ବ୍ଲକର ଦୁରା, ପଥରା, ରାମଚନ୍ଦ୍ରପୁର, ଅରୁଆପଲ୍ଲୀ, ବ୍ରହ୍ମପଲ୍ଲୀ, ଗଉଡୁ, ମିଶ୍ରପଲ୍ଲୀ, କୁରୁକୁଟି, ଫୁଲତା, ସାନଖେମୁଣ୍ଡିଆ, ଖଜୁରକୁଳି, ସାତକୁଟୁଣୀ, ଭାବିନୀପୁର, ହଳଦିଆପଦର, ବଡଗୁମୁଳା ଓ ପଲ୍ଲୀଗୁମୁଳା ଗ୍ରାମକୁ ବିଏମ୍‌ସିରେ ମିଶ୍ରଣ କରିବା ନେଇ ତାଲିକାଭୁକ୍ତ କରାଯାଇଛି।

# ଭୋଜିକୁ ଯାଇ ଯୁବକଙ୍କ ମୃତ୍ୟୁ

## ଜଙ୍ଗଲରେ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଜୀବନ ଯାଇଥିବା ସନ୍ଦେହ

ମହାକାଳପଡ଼ା,୩।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ନିତାଇ ମାନ୍ନା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ପୂର୍ବ ସୁନିତି ବୋବାଙ୍ଗଡିହ ଗ୍ରାମ ସଂଲଗ୍ନ ଲୁଣା ହେନ୍ତାଳ ଜଙ୍ଗଲ ନିକଟକୁ ଶୁକ୍ରବାର ରାତିରେ ଭୋଜି କରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିତାଇ ମାନ୍ନା(୩୫)। ଏ ନେଇ ନିତାଇଙ୍କ ସ୍ତ୍ରୀ ଯମୁନା ମାନ୍ନା ତନ୍ତିଆପାଳ ସାମୁଦ୍ରିକ ଥାନାରେ ଶନିବାର ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୮/୨୬ରେ ମାମଲା ରୁଜୁ ହୋଇଛି। ଯମୁନା ଅଭିଯୋଗରେ ଦର୍ଶାଇଛନ୍ତି, ମୋ ସ୍ୱାମୀ ବୁଦ୍ଧଦେବ ଗିରିଙ୍କ ମାଛଧରା ବୋଟରେ କାମ କରୁଥିଲେ। ନୂଆବର୍ଷ ଲାଗି ଶୁକ୍ରବାର ଜଙ୍ଗଲ ସଂଲଗ୍ନ ଏକ କୁଡ଼ିଆ ଘରେ ଭୋଜିର ଆୟୋଜନ କରାଯାଇଥିଲା। ମୋ ପୁଅ ଏବଂ ସ୍ୱାମୀ ଭୋଜି ଖାଇବାକୁ ଯାଇଥିଲେ। ପୁଅ ରାତିରେ ଏକା ଘରକୁ ଫେରି ଆସିଥିବା ବେଳେ ତାଙ୍କ ବାପା ନ ଫେରିବାରୁ ମୁଁ ବୁଦ୍ଧଦେବଙ୍କୁ ଫୋନରେ ସ୍ୱାମୀଙ୍କ ସମ୍ପର୍କରେ ପଚାରିଥିଲି। ଭୋଜିଖାଇ ସେ ପରେ ଯିବେ ବୋଲି ବୁଦ୍ଧଦେବ କହିଥିଲେ। କିନ୍ତୁ ସେ ରାତିରେ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ଖୋଜାଖୋଜି କରିବାରୁ ତାଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ, ଭୋଜି ହେଉଥିବା ସ୍ଥାନଟି ବୋବାଙ୍ଗଡିହ ଗ୍ରାମ ସଂଲଗ୍ନ ଲୁଣା ହେନ୍ତାଳ ଜଙ୍ଗଲକୁ ଲାଗିଛି। ସେଠାରୁ ଭୋଜି ଖାଇ ନିତାଇ ରାତିରେ ଘରକୁ ଫେରୁଥିବା ବେଳେ ପୂର୍ବରୁ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତଦେହ ପଡ଼ିଥିବା ସ୍ଥାନରେ ଏକ ବାଇଣ୍ଡିଂ ତାର ବାଡ଼ିରେ ବନ୍ଧାଯାଇ ବିଛା ଯାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜମ୍ବୁ ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


## OFFICE OF THE EXECUTIVE ENGINEER (AGRIL.), KORAPUT DIVISION, JEYPORE

Email Id- eeagril.koraput@gmail.com

No.2467/Agril Date:30.12.2025

INVITATIONS FOR BIDS THROUGH e-Procurement

Bid Identifications No./e-Procurement Notice No.-EE (Agril), Koraput Division, Jeypore-05/2025-26

No.L-155: Tenders through e-procurement are invited from reputed Manufacturers/MSME units in single bid system for procurement, supply & installation of different machineries and equipments to the Seed Processing Plant Capacity 1 TPH based on paddy at Govt. Agril. Farm, Umerkote in Nabarangpur District as per the following table.

| | | |
|---|---|---|
| 1. | Name of the Work | Construction of 1 TPH Seed Processing Plant at Govt. Agriculture Farm, Umerkote, Dist. Nabarangpur |
| 2. | Tender Value | Rs.32,03,390/- |
| 3. | Class/ Eligibility | Manufacturer |
| 4. | Bid documents will be available in website | 07.01.2026 at 10.00 AM to 15.01.2026 upto 5.30 P.M. |
| 5. | Original bid documents submission | 07.01.2026 at 10.00 AM to 19.01.2026 upto 5.30 P.M. |
| 6. | Bid Opening Date | Dt.20.01.2026 at 11.00 AM |

The bidders have to participate in ONLINE bidding only. Further details and other terms and conditions can be seen from DTCN in the e-Procurement website www.tendersorissa.gov.in.

Sd./- (Er. Satyanarayan Dash) EE(Agril), Koraput Division, Jeypore

OIPR-01472/11/0010/2526

## OFFICE OF THE REGISTRAR, VIKRAMDEV UNIVERSITY
NH-26, JEYPORE, DIST: KORAPUT,ODISHA, PIN-764001

www.vikramdevuniversity.ac.in

No. 3288 /VDU/2025 Date 31.12.2025

ADVERTISEMENT FOR WALK IN INTERVIEW FOR TEMPORARY ENGAGEMENT OF RETIRED ASSISTANT PROFESSORS/ GUEST FACULTIES

No.CAD-2901 : A Walk-in-interview will be held as per the following schedule for temporary engagement of **Retired Assistant Professors/ Guest Faculties against the sanctioned posts of Assistant Professors** on honorarium basis in various departments of the Vikram Dev University, Jeypore till filling up of the regular posts. Interested candidates having minimum eligibility should attend the interview with their original certificates and mark sheets of all examinations from H.S.C onwards. The candidates must submit filled in Bio-data in the enclosed proforma with all relevant documents in original and self attested photocopies before the board failing which the applicant will not be allowed to appear the interview. No TA/DA will be paid for attending the interview. For more details the candidate are requested to visit University website: **http://vikramdevuniversity.ac.in**.

The engagement shall be made in accordance with the guidelines issued by the Government of Odisha in the Higher Education Department vide No. HE-UE- POLICY-0020-2023: 4477 /HE and HE- UE-POLICY-0020-2023: 4478/HE dt. 01/02/2024 and UGC, New Delhi.

The applicants are required to attend the office of the VICE-CHANCELLOR, VIKRAM DEV UNIVERSITY, JEYPORE as per the schedule below.

SCHEDULE

| DATE | SUBJECT | TIME | SUBJECT | TIME |
|---|---|---|---|---|
| 07.01.2026 (Thursday) | Sociology & Economics | 10:00 AM Onwards | Odia & English | 02:00 PM Onwards |
| 08.01.2026 (Friday) | Commerce & Sociology | 10:00 AM Onwards | Philosophy & History | 02:00 PM Onwards |
| 09.01.2026 (Monday) | Mathematics & Statistics | 10:00 AM Onwards | Chemistry & Physics | 02:00 PM Onwards |
| 10.01.2026 (Tuesday) | Zoology & Botany | 10:00 AM Onwards | Education & Anthropology | 02:00 PM Onwards |
| 12.01.2026 (Thursday) | Geography | 10:00 AM Onwards | | |

OIPR-11133/11/0017/2526 Sd./- Registrar, Vikramdev University, Jeypore

## NOTIFIED AREA COUNCIL, KHALLIKOTE, GANJAM

E-Mail: nackhallikote@gmail.com, Pin No. - 761030, Tele : 06810 256333(O)

Letter No.2277 Date : 31.12.2025

QUOTATION CALL NOTICE

No.C-1951 : The NAC Khallikote invites quotations for collection of Daily market collection fees for the period of 10.01.2026 to 09.01.2027 from the interested firms / person / NGO / subject to fulfillment of the terms and conditions. The quotation call paper / tender schedule paper for collecting Daily Market Fees details of documents required with terms and conditions shall be available in the office of the undersigned during office hours on working days from 01.01.2026 to 07.01.2026. The lease schedule should be provide on payment as mentioned below. The last date of submission of tender schedule is dated 08.01.2026 Up to 12.30 P.M. The lease document will be opened 08.01.2026 at 02.30P.M. All the lease shall quote their rate inclusive of all taxes etc. complete in the lease schedule and submit the same in the sealed cover within the stipulated date and time. Postal delay beyond the date and time shall not be considerable. The lease should submit the documents along with 50% of the quoted price in shape of DD with 1% as EMD, which is refundable in favour of Executive Officer, NAC, Khallikote payable at Khallikote. After selection the highest bidder should have to pay rest 50% of the total bid amount within 01 months of opening of lease failing which the next lower bidder shall be given preference. The Authority reserves all the right to accept or cancel any or all quotation without assigning any reason thereof.

| Sl. No. | Name of the quotation | Offset Price | Paper Cost |
|---|---|---|---|
| 1 | Daily Market Fees | Rs.49,500/- | Rs.1,000/- |

Sd./- Executive Officer, NAC, Khallikote

OIPR-13110/11/0012/2526

## TENDER CALL NOTICE FOR SUPPLY OF MAHAPRAYAN VEHICLE / DEAD-BODY CARRIER TO BHIMA BHOI MEDICAL COLLEGE AND HOSPITAL, BALANGIR-767002

No.E-648 : Sealed Tender is invited from Organization/Firms/Agencies/ for Short tender call notice for supply of Mahaprayan vehicle / Dead-body carrier to Bhima Bhoi Medical College and Hospital, Balangir -767002. The Tender paper completed in all respect should be submitted separately for the service to the undersigned on or before Dt:27.01.2026 up to 5.00 PM in the Office of the Superintendent, BBMCH, Balangir. The details and terms and conditions can be Downloaded from https://bbmchbalangir.odisha.gov.in, http://balangir.odisha.gov.in & https://dmetodisha.gov.in.

Sd./- Superintendent Bhima Bhoi Medical College & Hospital, Balangir

OIPR-10141/11/0054/2526

## OFFICE OF THE PANCHAYAT SAMITI, KALYANSINGHPUR

DIST-RAYAGADA, PIN CODE-765016, ODISHA, Email ID: ori-kalyansinghpur@nic.in

INVITATION FOR BIDS (I.F.B)

e-Procurement Notice

IDENTIFICATION No.PS-KAL No.02 of 2025-26

Tender Notification No.3605 Dated 29.12.2025

No.i-448: The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat Level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.

1) No. of Works: 02 (Two) No., 2) Estimated Cost: Rs.24.02 lakhs to Rs.24.17 lakhs., 3) Cost of Tender Paper: Rs.6000/- (Rupees Six Thousand) only for each work. 4) Class of Contractor: "D & C" Class. 5) Date of Time of available in website & receipt online: 11.00 Hrs. of 02.01.2026 to 17.00 Hrs. of 16.01.2026. 6) Date of Opening of Tecnical Bid: 11.30 Hrs. of 17.01.2026.

The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in. Any Corrigendum/ Addendum will be displayed in the website https://tendersodisha.gov.in only.

OIPR-19432/11/0005/2526 Sd./- Block Development Officer, Kalyansinghpur

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ଫୋନ୍- (୦୬୭୪) ୨୩୯୩୫୨୪

ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୨୮୮ ବିଜ୍ଞାପନ ତା.୨୪.୧୨.୨୦୨୫

No.CAD-2887:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେଲ୍ଫ ଫାଇନାନସିଙ୍ଗ ଏଚ୍.ଆଇ.ଜି. ଡୁପ୍ଲେକ୍ସ ଗୃହ ନିର୍ମାଣ ପ୍ରକଳ୍ପ ବରମୁଣ୍ଡା ଭୁବନେଶ୍ୱରରେ ଘର ନଂ.- ଏଚ୍.ଆଇ.ଜି (ଡି)-ସି-୧୦୧ (HIG)(D)-C-101) ଟିକୁ ଶ୍ରୀ ଅରୋବିନ୍ଦ ସାମନ୍ତରାୟ, ପିତା-ଡା. ଦେବେନ୍ଦ୍ର କୁମାର ସାମନ୍ତରାୟ, ସା-ବସନ୍ତମାଳ, ପୋ/ଥା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଅରୋବିନ୍ଦ ସାମନ୍ତରାୟ ଉକ୍ତ ଘରଟିକୁ ଦାନସୂତ୍ର ଆଧାରରେ ଶ୍ରୀ ଦିଗ୍‌ଦର୍ଶକ ସାମନ୍ତରାୟ, ପିତା-ଅନିରୁଦ୍ଧ ସାମନ୍ତରାୟ, ସା-ବସନ୍ତମାଳ, ପୋ/ଥା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/1064/2526

## OFFICE OF THE NOTIFIED AREA COUNCIL KASHINAGAR, GAJAPATI

Ph. & Fax No.06815-284215, e-Mail: kasinagarn.hud@nic.in

Notice No.05/NAC Date:02.01.2026

e-Procurement Notice

BID REFERENCE NO: KNGR/NAC/04/2025-26

No.C-1967:Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. No. of Works : 12 Nos. (Civil)
2. Bid Value : Rs.2,10,189/- to Rs.15,74,694/-
3. Date and Time of availability of the documents in portal : 03.01.2026 from 10.00 AM to 16.01.2026 upto 5.00 PM.
4. Bids received online shall be opened on : 20.01.2026 at 11.00 A.M.

Sd./- Executive Officer N.A.C. Kashinagar, Gajapati

OIPR-13116/11/0018/2526

## idco | ODISHA NEW OPPORTUNITIES

No.CAD-2900

OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No- BBSR/ELECT-II/E-367/25-26/3127 Dt 29.12.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, Delivery, Testing & Commissioning of 500 KVA Silent type DG sets for Old age home at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/e-34/25-26 | 05.01.2026 at 12.00 Hrs. | 13.01.2026 at 16.00 Hrs. |

Further details can be seen from the e-Procurement Portal, **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

Sd./-Divisional Head (Elect-II) IDCO, Bhubaneswar

OIPR-14003/11/0280/2526

## GOVERNMENT OF ODISHA
OFFICE OF THE SUPERINTENDING ENGINEER PHULBANI (R&B) DIVISION, PHULBANI

e-mail:eeplbrb@gmail.com

CORRIGENDUM NOTICE No.-I

Bid Identification No.SE-R&B-PLB-10-2025-26

No.B-924: The following corrections are hereby made to the Invitation for Bids (IFB) regarding the Bid Identification Number cited above:

1. **Estimated Cost: To be read as Rs.47.23 Lakh in place of Rs.42.87 Lakh**
2. **Availability of Bid Documents: To be read as from Dt.05.01.2026, 10.00 A.M. to Dt.20.01.2026, 5.00 P.M. in Place of Existing schedule.**
3. **Last date of receipt of bids: To be read as Dt.21.01.2026 upto 5.00 P.M. in place of Dt.15.01.2026.**

**Note:**All other terms and conditions of the original Bid Identification No.SE-R&B-PLB-10-2025-26 remain unchanged. Further details can be seen from the website www.tendersodisha.gov.in.

Sd./- Superintending Engineer Phulbani (R&B) Division

OIPR-34066/11/0007/2526

## OFFICE OF THE CDM & PHO-CUM-DMD, KHORDHA
District Programme Management Unit, National Health Mission

Advt. No.20724 Corrigendum Dated:30.12.25

**No.E-644:** In pursuance to the Advertisement No.19151 date 02.12.2025 and Corrigendum Notice No.20336, dt.22.12.2025 published in the daily Odia Newspaper "Samaj" and "Dharitri" on dt.03.12.2025 and dt.24.12.2025 for "Supply of Food Catering Services Under NHM, Khordha" that the Last date of Submission of Tender are hereby extended upto 09.01.2026 by 2.30 PM. The tender will be opened on 09.01.2026 3.30 PM in the Office of the Undersigned. The term and conditions are remain unchanged and same vide above mentioned advertisement.

OIPR-10029/11/0024/2526 Sd./- CDM & PHO, Khordha

## OFFICE OF THE MUNICIPAL COUNCIL, DHENKANAL

Dhenkanal (Odisha), Pin-759001

Tel. No.06762-224401(O), FAX No.06762-223355

E-mail : dhenkanalm.hud@gmail.com

No.4789 Date : 30.12.2025

Quotation Call notice

**No.C-1958** : Sealed quotations in the prescribed quotation paper are invited from the registered firm **for "Supplying, fitting and Fixing of Open-Air Gym Equipment and Child play Equipment's with Outdoor Matting (including AMC for three years)"**, The Rate should be quoted inclusive of all taxes, cost conveyance and fixing.

1- The Cost of each Quotation Paper :- Rs. 10,000.00 (Non-Refundable)
2- Start Date of Sale of Quotation paper: - 02.01.2026
3- Last Date of Sale of Quotation paper: - 12.01.2026
4- Last Date of Receipt of Quotation paper :- 12.01.2026 at 5.30 PM
5- Date of Opening of Sealed Quotation :- 13.01.2026 at 11.00 AM

The Quotation will be opened in the presence of the quotationers or their authorized agents. The quotationers should deposit EMD @1% of the total quoted price in shape of Bank Draft/Bankers Cheque drawn **in favour of Executive Officer, Dhenkanal Municipality**. The quotation with enclosures will be received only through Speed Post/ Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the office of Dhenkanal Municipality during the office hours (except holidays) till dt 12.01.2026 (up to 12.30 PM) and can be downloaded from the Dhenkanal website i.e. dhenkanalmunicipality.com.

The authorized reserves the right to reject any or all the quotations without assigning any reason thereof.

Sd./- Executive Officer Dhenkanal Municipality

OIPR-13146/11/0057/2526

## ODISHA HYDRO POWER CORPORATION LTD.
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL),

Regd.Office: UPPER KOLAB HYDRO ELECTRIC PROJECT BARINIPUT, JEYPORE, KORAPUT, ODISHA, 764006

E-mail: sgmel.ukhep@gmail.com, CIN: U40101OR1995SGC003963

TENDER CALL NOTICE NO:43/2025-26, Dated 30.12.2025

**No.CAD-2895:** Sealed Tenders are invited in two part i.e. (i) Techno-Commercial bid and (ii) Price bid in separate sealed envelopes from the Manufacturer/Authorized Dealers/ Reputed supplier/ Channel Partner for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non-refundable) in Rs. | EMD (Rs.) (Refundable) |
|---|---|---|---|
| 1 | Supply of Printer Cartridges to UKHEP, Bariniput | Rs.2360 (Rs.2000/-+ GST @ 18% | Rs.2900/- in shape of DD/BC (Refundable) |

The sale of Tender Paper will be form : **05.01.2026, 10.00 Hrs. to 17.01 2026 12.00 Hrs.**

The Last date & time of receipt of tender: **17.01.2026, 12.00 Hrs.**

The date and time of opening of tender : **17.01.2026, 12.30 Hrs.**

For details of tender documents, Terms & Conditions and Corrigendum please visit our website www.ohpcltd.com.

Sd./- C&P Head, Upper Kolab HEP, OHPC Limited, Bariniput

OIPR-04002/11/0138/2526

## OFFICE OF THE ROURKELA MUNICIPAL CORPORATION

Uditnagar, Rourkela, Sundargarh, Pin-769012 Tele.-0661-2500388, e-mail ID: rourkelamunicipality@gmail.com

No.14 Date : 02.01.2026

TENDER CALL NOTICE

**No.C-1969** : Sealed Tenders are invited from intending Supplier/ Firm/ Agency/ Stockiest for Supply of Sanitary Items to Rourkela Municipal Corporation. The rates will be valid for one year and may be extended for another one year depending upon satisfactory performance of the bidder. Procurement will be made in phased manner during the year from time to time as per the requirement. The details of the tender papers/Technical specifications along with term and conditions etc. may be seen from the Website of Rourkela Municipal Corporation i.e. www.rmc.nic.in.

The tender papers to be sent through Speed Post/Registered post/Courier or may be deposited in Tender Box in the Address of **Municipal Commissioner, Rourkela Municipal Corporation, Udit Nagar, Rourkela, Pin-769012**, so that it shall be received by this office on or before 1.00 PM on 15/01/2026. THE TENDERS RECEIVED BEYOND THE PRESCRIBED TIME AND DATE SHALL BE SUMMARILY REJECTED. The tender will be opened in RMC on the same day at__PM in presence of the bidder or their authorized representatives who ever is present. The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

Sd./- Commissioner Rourkela Municipal Corporation

OIPR-13131/11/0196/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୋକଙ୍କ ଘରେ ସ୍ମାର୍ଟମିଟର ଲଗାଇବେ ରାଜ୍ୟ ସରକାର

**■ଶକ୍ତି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି**
**■କାର୍ଯ୍ୟକାରିତା ଓ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଲା**

ଭୁବନେଶ୍ୱର,୩।୧
(ଅନୁରାଧା ମହାରଣା)




ଲୋକଙ୍କ ଘରେ ରାଜ୍ୟ ସରକାର ସ୍ମାର୍ଟ ମିଟର ଲଗାଇବେ। ଏନେଇ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ରାଜ୍ୟ ସରକାର ୭୩୫କୋଟି ଟଙ୍କାର ଏକକାଳୀନ ଅନୁଦାନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ କିଲୋୱାଟ ପର୍ଯ୍ୟନ୍ତ ଥିବା ୮ଲକ୍ଷ ୭୫ହଜାର ମିଟରକୁ ବଦଳାଇ ସ୍ମାର୍ଟ ମିଟର ଲଗାଯିବ। ଏହି ବାବଦକୁ ୩୪୦କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ୨ଲକ୍ଷ ୭୮ହଜାର ୧୦୦ ଉପଭୋକ୍ତା ନୂଆ ସଂଯୋଗରେ ସ୍ମାର୍ଟ ମିଟର ଲଗାଇବା ପାଇଁ ୮୮କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୫ ମାର୍ଚ୍ଚ ପୂର୍ବରୁ ସ୍ମାର୍ଟ ମିଟର ଲଗାଇ ସାରିଥିବା ଉପଭୋକ୍ତାଙ୍କୁ ମିଟର ଭଡ଼ା ବାବଦକୁ ୩୦୭ କୋଟି ଟଙ୍କା ବହନ କରିବେ ସରକାର। ଏହି ସ୍ମାର୍ଟ ମିଟର ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନରେ ରହିବ। ତେବେ ଏହାର କାର୍ଯ୍ୟକାରିତା ଓ ସ୍ୱଚ୍ଛତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ବିଦ୍ୟୁତ ଉପଭୋକ୍ତାଙ୍କ ଗୃହରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିବାପରେ ଶକ୍ତିବିଭାଗ ତଦନୁଯାଇ ଏକ ରିଜୋଲ୍ୟୁଶନ ଜାରି କରିଛନ୍ତି। ତେବେ ଆମେ ପୂର୍ବରୁ ଯେଉଁ ୩ ଦିଗ ଉପରେ ଆଶଙ୍କା କରି ପ୍ରସ୍ତାବ ଦେଇଥିଲୁ ତାହାକୁ ଅପରିବର୍ତ୍ତିତ ରଖିଛୁ। ସ୍ମାର୍ଟ ମିଟର ସ୍ଥାପନ ପାଇଁ ଅନ୍ୟ ସମସ୍ତ ରାଜ୍ୟ ନିଜ ରାଜକୋଷରୁ ଅର୍ଥ ଖର୍ଚ୍ଚ କରୁନାହାନ୍ତି, ତେଣୁ ଓଡିଶା କାହିଁକି ଖର୍ଚ୍ଚ କରୁଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଆର୍‌ଡିଏସ୍‌ଏସ୍ ଯୋଜନାରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ରାଜ୍ୟଗୁଡିକୁ ଆର୍ଥିକ ସହାୟତା ଦେଉଥିବା ବେଳେ ଓଡିଶା କାହିଁକି ତାହାର ଲାଭ ଉଠାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟସବୁ ରାଜ୍ୟରେ ସ୍ମାର୍ଟ ମିଟର ଦକ୍ଷତାକୁ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ଅଛି। ସେମାନଙ୍କ ବିତରଣ କମ୍ପାନୀଗୁଡିକୁ ସିଏଜି ଅଡିଟ୍ କରୁଛନ୍ତି। ମାତ୍ର ଓଡିଶାରେ କୌଣସି ଯାଞ୍ଚ ବ୍ୟବସ୍ଥା ନାହିଁ। ଓଡିଶା ବିଦ୍ୟୁତ ବିତରଣ ବ୍ୟବସ୍ଥା ଘରୋଇକରଣ ହୋଇଥିବାରୁ ସିଏଜି ଅଡିଟ୍ ହେଉନାହିଁ। ଓଡିଶାରେ ସ୍ମାର୍ଟ ମିଟର ଦକ୍ଷତା ଯାଞ୍ଚ ପାଇଁ ଏକ ଯାଞ୍ଚ କମିଟି ଗଠନ କରିବାର ଏକାନ୍ତ ଆବଶ୍ୟକତା ଅଛି। କାରଣ ରିମୋଟ କଣ୍ଟ୍ରୋଲ ମାଧ୍ୟମରେ ସ୍ମାର୍ଟ ମିଟର ରିଡିଂକୁ ବୃଦ୍ଧି କରି ଉପଭୋକ୍ତାଙ୍କୁ ଶୋଷଣ କରାଯାଇ ପାଇବା ଖୁବ୍‌ସମ୍ଭବ। ଏବେ ଉପଭୋକ୍ତାଙ୍କ ଗୃହରେ ଷ୍ଟାଟିକ ମିଟର କାର୍ଯ୍ୟକ୍ଷମ ଅଛି। ତେଣୁ ଷ୍ଟାଟିକ ମିଟରଟିକୁ ବାହାର ନ କରି ତା'ର ତଳେ କିମ୍ବା ପାର୍ଶରେ ସ୍ମାର୍ଟ ମିଟର ସ୍ଥାପନ କରାଯାଉ। ଫଳରେ ଉପଭୋକ୍ତାଟି ନିଜର ମାସିକ ବିଦ୍ୟୁତ୍ ବ୍ୟବହାର ପରିମାଣର ସତ୍ୟତାକୁ ପରଖି ପାରିବ ବୋଲି ସେ କହିଛନ୍ତି।

# ୨ ପେନ୍‌ସନ ନେଉଥିଲେ ଶିକ୍ଷକ

## ତଦନ୍ତ ପାଇଁ ଚିଠି କଲା ରାଜ୍ୟ କୋଷାଗାର

ମୋହନା,୩।୧ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକରେ ପୂର୍ବ ସରକାରଙ୍କ ସମୟରେ ବ୍ଲକର ଶିକ୍ଷା ବିଭାଗରେ କାର୍ଯ୍ୟ କରି ଜଣେ ଶିକ୍ଷକ ୨ଟି ପେନ୍‌ସନ୍ ପାଉଥିବା ନଜରକୁ ଆସିଛି। ଏହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏବେ ଏହାର ତଦନ୍ତ ପାଇଁ ରାଜ୍ୟ କୋଷାଗାର ପତ୍ରସଂଖ୍ୟା ୧୨୧୩୧/ ତାରିଖ ୨୦।୧୧।୨୦୨୫ରେ ମୋହନା ବ୍ଲକ ଶିକ୍ଷାଧିକାରୀ ଓ ମୋହନା ବିଡିଓଙ୍କ ନିକଟକୁ ଚିଠି ଲେଖିଛି। ୨୦୧୦ରୁ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୧୫ ବର୍ଷ ହେଲା ଜଣେ ଶିକ୍ଷକ ୨ଟି ପେନ୍‌ସନ୍ ହାତେଇଥିଲେ। ଏହା କିପରି କେହି ସେତେବେଳେ ଜାଣି ପାରିଲେନି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନେକ ଶିକ୍ଷକ ଅବସର ନେବା ପରେ ଦୀର୍ଘବର୍ଷ ଧରି ପେନ୍‌ସନ୍ ପାଇବାରୁ ବଞ୍ଚିତ ରହୁଛନ୍ତି । ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହେଉନି। ମାତ୍ର ଜଣେ ଶିକ୍ଷକ ଅବସର ନେବା ପରେ ଗୋଟିଏ ନାମରେ ଦୁଇଟି ପେନସନ ପାଇବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟରେ ୩୨ଜଣ ଶିକ୍ଷକ ୨୦୧୦ରୁ ଅବସର ନେଇ ସରକାରଙ୍କଠାରୁ ଦୁଇଟି ଲେଖାଏ ପେନସନ ପାଉଥିବା ଏବେ ନଜରକୁ ଆସିଛି। ସେଥିରୁ ଗଜପତି ଜିଲାରୁ ଜଣେ ଶିକ୍ଷକ ରହିଛନ୍ତି । ରାଧାକୃଷ୍ଣ ଆଚାର୍ଯ୍ୟ ନାମକ ଏହି ଶିକ୍ଷକ ଗଜପତି ଜିଲା ମୋହନା ବ୍ଲକ ମୋହନା ପଞ୍ଚାୟତର ବେତାରସିଂ ଗ୍ରାମର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସେ ୩୦।୯।୨୦୧୦ରେ ଅବସର ନେଇଥିଲେ। ପରେ ତତ୍କାଳୀନ ବିଡିଓଙ୍କ ସୁପାରିଶ ପତ୍ର ୩୧୧ ଅନୁସାରେ ୧୪।୨।୨୦୧୧ରୁ ତାଙ୍କର ପେନ୍‌ସନ୍ ଲାଗୁ ହୋଇଥିଲା । ପରେ ସେହି ଶିକ୍ଷକଙ୍କ ନାମରେ ପୁଣି ୧୨।୪।୨୦୧୨ରେ ତତ୍କାଳୀନ ମୋହନା ବିଡିଓଙ୍କ ସୁପାରିସ ପତ୍ର ସଂଖ୍ୟା ୯୪୧ ଅନୁସାରେ ପେନ୍‌ସନ୍ ପ୍ରଦାନ ପାଇଁ ଉଲ୍ଲେଖ ରହିଛି। ଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ନାମରେ ଦୁଇଟି ପେନ୍‌ସନ୍ ୧।୧୦।୨୦୧୦ରୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ସବୁ ଜାଣି ସୁଦ୍ଧା ଶିକ୍ଷକ ଜଣକ ଦୁଇଟି ପେନ୍‌ସନ୍ ହାତେଇ ଚୁପ ରହିଛନ୍ତି। ଦୀର୍ଘ ୧୫ବର୍ଷ ପରେ ଏହା ଏବେ ପଦାକୁ ଆସିଛି। ଏ ସମ୍ପର୍କରେ ଶିକ୍ଷକ ରାଧାକୃଷ୍ଣଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ଅଜାଣତରେ ପେନ୍‌ସନ୍ ଟଙ୍କା ଆସୁଥିଲା। ବର୍ତ୍ତମାନ ଏହା ଯଦି ଜଣାପଡିଛି, ତେବେ ମୋ ପେନ୍‌ସନ୍‌ରୁ ଟଙ୍କା ସରକାର କାଟି ନିଅନ୍ତୁ ବୋଲି ସେ କହିଛନ୍ତ। ମୋହନା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଲେ, ସେହି ଶିକ୍ଷକ ଜଣକ ୨ଟି ପେନସନ ପାଉଥିବା ଜଣାପଡିବା ପରେ ଏହାର ତଦନ୍ତ ଚାଲିଛି।

# ନୂଆ ସହର ପାଇଁ ମାଷ୍ଟର ପ୍ଲାନ୍ ଶୀଘ୍ର ସାରିବାକୁ ନିର୍ଦ୍ଦେଶ




ସମୀକ୍ଷା ବୈଠକରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଓ ଅନ୍ୟ ଅଧିକାରୀମାନେ।

## ସିଙ୍ଗାପୁର କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା କଲେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ

ଭୁବନେଶ୍ୱର, ୩।୧
(ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ବନ୍ଧରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମୀକ୍ଷା କରାଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଖାରବେଳ ଭବନଠାରେ ସିଙ୍ଗାପୁର କମ୍ପାନୀ ଶର୍ବଣ ଜୁରଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପିଟିଇ ଲିମିଟେଡ୍ ପ୍ରତିନିଧିମାନଙ୍କ ସହ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ସଚିବ ବିଡିଏକୁ ସମସ୍ତ ହିତଧାରକଙ୍କ ସହ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାଷ୍ଟର ପ୍ଲାନ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ଭୁବନେଶ୍ୱରର ସୁସଂଯୋଜିତ, ସୁସ୍ଥିର ଓ ଭବିଷ୍ୟତମୁଖୀ ନଗର ଉନ୍ନୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ।

ପ୍ରକଳ୍ପ ଅନୁଯାୟୀ ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର (ବିଡିପିଏ) ମଧ୍ୟରେ ଅବସ୍ଥିତ ଗୋଠପାଟଣା, ମଳିପଡ଼ା ଏବଂ ଦାସପୁର ମୌଜା ଅଞ୍ଚଳକୁ ଆବର୍ତ୍ତିତ କରି ପ୍ରାୟ ୮ଶହ ଏକ ଜମିରେ ନୂତନ ସହର ବିକାଶ କରାଯିବ। ଏହି ପ୍ରସ୍ତାବକୁ ୨୦୨୫ ସେପ୍ଟେମ୍ବର ୧୦ରେ ଆୟୋଜିତ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦନ ମିଳିଥିଲା। ସମ୍ପୃକ୍ତ ସିଙ୍ଗାପୁର କମ୍ପାନୀ ନୂତନ ସହର ମାଷ୍ଟର ପ୍ଲାନର ପ୍ରକଳ୍ପୀକରଣ କରି ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘକାଳୀନ ପର୍ଯ୍ୟାୟରେ ପ୍ରାଥମିକତା ଆଧାରିତ ପ୍ରକଳ୍ପଗୁଡ଼ିକ ଚିହ୍ନଟ କରିବେ। ଏଥିରେ ପ୍ରତ୍ୟେକ ପ୍ରକଳ୍ପର ଉଦ୍ଦେଶ୍ୟ, କାର୍ଯ୍ୟ କ୍ଷେତ୍ର, ସମୟସୀମା ଓ ଆଦର୍ଶ ନଗର ଆକୃତି ସ୍ପଷ୍ଟ କରାଯିବ। ଏହାସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ପାଇଁ ତାଙ୍କ ପକ୍ଷରୁ ପ୍ରାଯୁକ୍ତିକ ସହଯୋଗ ଯୋଗାଇ ଦିଆଯିବ। ଏହି ସେବା କ୍ଷେତ୍ରରେ ସମସ୍ତ ନଗର ଆକୃତି ଢାଞ୍ଚା ଓ ମାର୍ଗନିର୍ଦ୍ଦେଶିକା ପ୍ରସ୍ତୁତି ସାମିଲ ରହିଛି। ଏହା ନୂତନ ସହରର ସମଗ୍ର ଭୌଗୋଳିକ ଓ ବିକାଶ ଗଠନକୁ ସ୍ପଷ୍ଟ କରିବ ବୋଲି ସୂଚନା ଦିଆଯାଇଛି। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଲେ, ୨୦୨୫ ଜାନୁଆରୀ ୧୭ରେ ଭାରତରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ବିଡିଏ ଓ ଶର୍ବଣ ଜୁରଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପିଟିଇ ଲିମିଟେଡ୍ ମଧ୍ୟରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହରର ଯୋଜନା ଓ ବିକାଶ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବିସ୍ତୃତ ଆଲୋଚନା ପରେ ନୂତନ ସହର ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ସେବା କ୍ଷେତ୍ରର ଖସଡାକୁ ଅନ୍ତିମ ରୂପ ଦିଆଯାଇଛି ବୋଲି ସେ ମତ ରଖିଥିଲେ।

# ଜଗତ୍‌ସିଂହପୁର ଜିଲା ଖଣି ଅଧିକାରୀ ନିଲମ୍ବିତ

## ନିଲାମଧାରୀ, ମାଫିଆଙ୍କ ସଲାସୁତୁରାରେ ବାଲି ଚୋରାଚାଲାଣ ଘଟଣା

### ଏତଲା ଦେଇଥିଲେ ଉପଜିଲାପାଳ

ଜଗତ୍‌ସିଂହପୁର, ୩।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ନିଲାମଧାରୀ, ମାଫିଆ, ଜିଲା ଖଣି ଅଧିକାରୀଙ୍କ ସଲାସୁତୁରାରେ ବାଲି ଚୋରା ଚାଲାଣ ଓ ରାଜସ୍ୱ ହାନି ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା। ଏନେଇ ଗତ ଡିସେମ୍ବର ୧୬ରେ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଜିଲା ଖଣି ଅଧିକାରୀ ସତୀଶ କୁମାର ତରାଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ଲେଖିଥିଲେ। ଏହାର ୧୭ ଦିନ ପରେ ବିଭାଗ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତରାଇଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରିଛି। ଚିଠି ସଂଖ୍ୟା ନଂ.୯୬ରେ ରାଜ୍ୟପାଳଙ୍କ ନିର୍ଦ୍ଦେଶ ଅନୁସାରେ ସରକାରଙ୍କ ଅତିରିକ୍ତ ସଚିବ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ତରାଇ ମୁଖ୍ୟାଳୟ ମାଇନିଂ ଓ ଜିଓଲୋଜି ନିର୍ଦ୍ଦେଶାଳୟ ଅଧୀନରେ ରହିବେ। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡି ପାରିବେ ନାହିଁ ବୋଲି ସେଥିରେ ଉଲ୍ଲେଖ ରହିଛି। ଏହାର ନକଲ ଭୁବନେଶ୍ୱରସ୍ଥିତ ମାଇନ୍ସ ଆଣ୍ଡ ଜିଓଲୋଜି ନିର୍ଦ୍ଦେଶାଳୟ, ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ମୁଖ୍ୟ ସଚିବଙ୍କ ବ୍ୟକ୍ତିଗତ ସଚିବ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ବ୍ୟକ୍ତିଗତ ସଚିବ, ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅବଗତି ନିମନ୍ତେ ପଠାଯାଇଛି।

ଜଗତ୍‌ସିଂହପୁର ଜିଲାରେ ବେଆଇନ ବାଲିଘାଟ ସହ ବେଧଡ଼କ ଭାବେ ଓଭରଲୋଡିଂ ବାଲି ବୋଝେଇ ହାଇୱା ଯାତାୟାତ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏନେଇ ଗତ ନଭେମ୍ବର ୨୫ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହାନଦୀର କିଲିପାଳ ବାଲିଘାଟ ନିକଟରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ବେଳେ ବଡ ଧରଣର ଚଢ଼ାଉ ହୋଇଥିଲା। ଏହି ସମୟରେ ୩ଟି ଏକ୍ସାଭେଟର ସମେତ ୪୬ ବାଲି ବୋଝେଇ ହାଇୱା ଜବତ



ଜିଲା ଖଣି ଅଧିକାରୀ ସତୀଶ କୁମାର ତରାଇ।

କରାଯାଇଥିଲା। ସେତେବେଳେ ଏହି ଘଟଣାରେ ୫ ଗାଡ଼ି ଚାଳକ ଓ ଜଣେ ମେକାନିକ ଗିରଫ ହୋଇଥିଲେ। ସେହିପରି ଡିସେମ୍ବର ୧୧ରେ ବିଶେଷ ସୂତ୍ରରୁ ଖବରପାଇ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ପୋଲିସ ସହାୟତାରେ ଏହି ଥାନା ଅନ୍ତର୍ଗତ ଜଇପୁର ବାଲିଘାଟରେ ଚଢ଼ାଉ କରି ୨୨ଟି ହାଇୱା ଜବତ କରିଥିଲେ। ଏହି ସମୟରେ ୩ ଜଣ ଚାଳକଙ୍କୁ କାବୁ କରାଯାଇଥିବାବେଳେ ଅନ୍ୟମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ଏହି ଚଢ଼ାଉବେଳେ ସମ୍ପୃକ୍ତ ଖଣି ଅଧିକାରୀ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ଖଣି ଅଧିକାରୀ ସତୀଶଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୯୯୨/୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସତୀଶ ସେବେଠାରୁ ଆଉ କାର୍ଯ୍ୟରେ ଯୋଗଦେଇ ନାହାନ୍ତି।

# ଦନ୍ତା ଆକ୍ରମଣରେ ସ୍ୱାମୀ ମୃତ, ବର୍ତ୍ତିଗଲେ ସ୍ତ୍ରୀ

ନୀଳଗିରି, ୩।୧ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟର ପାଦଦେଶ ଖୁମକୁଟ ଅଞ୍ଚଳକୁ ଶନିବାର ପୂର୍ବାହ୍ନ ୧୦ଟା ବେଳେ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ଏକ ଦମ୍ପତି ଦନ୍ତା ହାତୀ ହାବୁଡରେ ପଡିଥିଲେ। ଉଭୟେ ଚିତ୍କାର କରି ଭୟରେ ପଳାଇ ଆସୁଥିବା ବେଳେ ଦନ୍ତା ଗୋଡ଼ାଇ ଗୋଡ଼ାଇ ସ୍ୱାମୀଙ୍କୁ ଶୁଣ୍ଢରେ କଚାଡ଼ିବା ସହ ପାଦରେ ମାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଜୀବନ ବିକଳରେ ସେଠାରୁ ଦୌଡି ଆସି ପରିବାରବର୍ଗ ଓ ଗାଁ ଲୋକଙ୍କୁ ଖବର ଦେଇଥିଲେ। କୁଲଡିହା ଅଭୟାରଣ୍ୟରେ ହାତୀଙ୍କ ଏଭଳି ଉପଦ୍ରବରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। ମୃତକ ହେଲେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ଗ୍ରାମର ବୈରାଗୀ ଦେହୁରି(୫୮)। ସ୍ତ୍ରୀ ସୁକାନ୍ତି ଖବର ଦେବା ପରେ ପଞ୍ଚଲିଙ୍ଗେଶ୍ୱର ଗାର୍ଡ ସିଂରାଇ ସିଂ, ବନସୁରକ୍ଷା କର୍ମୀ ଏବଂ ଗ୍ରାମବାସୀଙ୍କ ସହାୟତାରେ ମୃତଦେହକୁ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପାଇଁ ତୁରନ୍ତ ଦାବି କରିଥିଲେ, ମାତ୍ର ସମୟ ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ। ଏନେଇ ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରିବା ସହ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛି।

# ମାଟି ଅତଡ଼ା ଧସି ଯୁବକ ମୃତ


ପାଟଣା,୩।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘୁରୁମୁଣ୍ଡା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମ ଦେଇ ଯାଇଥିବା ନେଉଳିଯୋଡି ନାଳରୁ ଶନିବାର ଅପରାହ୍ନରେ ବାଲି ସଂଗ୍ରହ ସମୟରେ ମାଟି ଅତଡ଼ା ଧସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗ୍ରାମର ନବୀନ ମୁଣ୍ଡା(୨୯)। ସେ ସ୍ତ୍ରୀଙ୍କ ସହ ନାଳରୁ ବାଲି ଖୋଳି ସଂଗ୍ରହ କରୁଥିବା ସମୟରେ ମାଟି ଅତଡା ତାଙ୍କ ଉପରେ ଖସିପଡ଼ି ଚାପିହୋଇ ରହିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ସନ୍ଧ୍ୟାରେ ଉଦ୍ଧାରକରି କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିବା ଏଏସ୍‌ଆଇ ସୁଜାତା ମହାନ୍ତ କହିଛନ୍ତି।

# ଆଜି ବିଶ୍ୱ ବ୍ରେଲି ଦିବସ

ଦୃଷ୍ଟିବାଧିତ ବ୍ୟକ୍ତିମାନେ ମଧ୍ୟ ସମାଜର ଏକ ଅଂଶ। ସାଧାରଣ ଲୋକଙ୍କ ଭଳି ସେମାନଙ୍କର ମଧ୍ୟ ସମାଜକୁ ଅବଦାନ ରହିବା ସହିତ ସମାଜରେ ସମ୍ମାନର ସହ ବଞ୍ଚିରହିବା ପାଇଁ ଅଧିକାର ରହିଛି। ଦୃଷ୍ଟିଶକ୍ତି ନ ଥିବାରୁ ସାଧାରଣ ଲୋକଙ୍କ ପରି ସେମାନେ ଅକ୍ଷର ଦେଖିପାରନ୍ତିନାହିଁ। ତେବେ ବ୍ରେଲି ଲିପି ମାଧ୍ୟମରେ ସେମାନେ ଶିକ୍ଷା ଗ୍ରହଣ କରିଥାନ୍ତି; ଯାହାକି ସେମାନଙ୍କୁ ପଢ଼ିବା ଏବଂ ଲେଖିବାରେ ସମର୍ଥ କରାଇଥାଏ। ତେଣୁ ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ମାନବାଧିକାର ଏବଂ ବ୍ରେଲି ଲିପିର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୪କୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଉଛି। ବ୍ରେଲି ଲିପିର ଆବିଷ୍କାରକ ଲୁଇ ବ୍ରେଲ୍‌ଙ୍କ ଜନ୍ମଦିବସ ପାଳନକରିବା ସହ ତାଙ୍କ ଅବଦାନକୁ ମନେପକାଇବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ସଂଯୁକ୍ତ ରାଷ୍ଟ୍ର ମହାସଭା (ୟୁଏନ୍‌ଜିଏ) ପକ୍ଷରୁ ୨୦୧୮ ନଭେମ୍ବରରେ ଜାନୁଆରୀ ୪କୁ ବିଶ୍ୱ ବ୍ରେଲି ଦିବସ ଭାବେ ଘୋଷଣା କରାଯାଇଥିଲା ଏବଂ ୨୦୧୯ରେ ପ୍ରଥମକରି ଏହି ଦିବସ ପାଳନ କରାଯାଇଥିଲା।

-ବନ୍ଦନା ସେଠୀ





# Classified Everyday
0674-2580101, 9692975378




**BRIDE WANTED**

Wanted Brahmin bride, Preferably working/ studying in USA. Boy 5'8", DOB- 2000, USA Citizen, S/W Engineer in USA. Ph: 9437288173. D-3020

Khandayat Boy, 1998, 5'9", B-Tech, Serving Engineer Deloitte, Bhubaneswar. ''SUNASANSAR'', 9937512659. D-3021

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911




5000 Sqft. open space available for rent at Sishupal Garh. Near DSP cement godown on cuttack bypass road. 100mtrs away from main road. Interested parties may contact. Mobile: 7217898214. D-3022

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

**AFFIDAVIT**

By virtue of an affidavit in the court of Executive Magistrate of Khaira, I declare that in my Aadhaar, Voter I-Card & SBI passbook my name have been mentioned as Kajal Bindhani, W/o.- Manas Bindhani. But in my LIC certificate my name have been recorded as Kumudini Bindhani, W/o.- Manas Bindhani. Both the above name related records belongs to one and same person.
Kajal Bindhani
At/P.O.- Aliha, P.S.- Simulia
D-3018

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dated- 24.12.2025, I, Choudhury Deepak Kumar Sahoo, Address: D-204, Sai Lifestyle Apartment, Siula, Pipili, 752104 declare that I have changed the name of my daughter from BABY TWO OF INDU to RIYANSHI SAHOO. Henceforth, she shall be known as RIYANSHI SAHOO for all Purpose.
Choudhury Deepak Kumar Sahoo
D-3019

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୂଆବର୍ଷର ନୂଆ ସଂକଳ୍ପ

# ୱିକେଣ୍ଡ ନିଜ ପାଇଁ

**ବର୍ତ୍ତମାନର ଯୁବପିଢ଼ି ନିଜ ପାଠପଢ଼ା, କ୍ୟାରିୟର ଆଦିକୁ ନେଇ ଏତେ ବ୍ୟସ୍ତ ଯେ, ଏହା ଭିତରେ ଯେମିତି ସେମାନେ ଛନ୍ଦି ହୋଇଯାଉଛନ୍ତି। ଆଉ ପ୍ରତିଦିନର ଏହି ରୁଟିନ୍ ଲାଇଫ୍‌ରେ ରହିବା ବି ଏକ ପ୍ରକାର ଟେନ୍‌ଶନ୍‌ର କାରଣ ସାଜୁଛି। ଯାହାର ନକାରାତ୍ମକ ପ୍ରଭାବ ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି । ଏମିତିରେ ନିଜ ମନ ଓ ଶରୀରକୁ ରିଲାକ୍ସ କରିବାକୁ ଲୋଡ଼ା କିଛି ସମୟ ନିଜ ପାଇଁ, ଯେଉଁଥିପାଇଁ ୱିକେଣ୍ଡ ସବୁଠୁ ବେଷ୍ଟ ଅପ୍ସନ...**

**ବ**ର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ସମୟର ଆବଶ୍ୟକତାରେ ଏତେମାତ୍ରାରେ ଜଡ଼ିତ ହୋଇଯାଉଛନ୍ତି ଯେ, ଏହା ପଛରେ ଧାଉଁ ଧାଉଁ ନିଜ ଖୁସି, ଇଚ୍ଛା, ରୁଚି ଯେ କେତେବେଳେ ପଛରେ ରହିଯାଉଛି ତାହା ସେମାନଙ୍କୁ ଜଣାପଡୁନି। ହେଲେ ସପ୍ତାହର ୭ ଦିନ କାର୍ଯ୍ୟବ୍ୟସ୍ତତା ଭିତରୁ ଅତିକମ୍‌ରେ ୱିକେଣ୍ଡରେ ନିଜ ପାଇଁ ସମୟ ବାହାର କରିବା ଜରୁରୀ। ଏହାଦ୍ୱାରା ନା କେବଳ ନିଜ ରୁଚିକୁ ବିକଶିତ କରିବାର ସୁଯୋଗ ମିଳିପାରିବ ବରଂ ମାଇଣ୍ଡ ଫ୍ରି ରହିବା ଦ୍ୱାରା ଏହା ଉଭୟ ମାନସିକ ଓ ଶାରୀରିକସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ ...

**ଟ୍ରାଭେଲ୍:** ନୂଆ ନୂଆ ସ୍ଥାନକୁ ବୁଲିଯିବାକୁ କିଏ ବା ଭଲ ନ ପାଏ ! ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ଏହି ଖୁସିରୁ ବଞ୍ଚିତ ହୁଅନ୍ତି। ହେଲେ ଏହାଦ୍ୱାରା ଆପଣ ଚାହିଁଲେ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରି ସମସ୍ତ କାର୍ଯ୍ୟକୁ ଠିକ୍ ଭାବେ କରିପାରିବେ ଏବଂ ୱିକେଣ୍ଡରେ ଇଚ୍ଛାଥିବା ସ୍ଥାନକୁ ବୁଲିଯାଇପାରିବେ। ଏହାଦ୍ୱାରା କିଛି ସମୟ ପାଇଁ ମନ ପରିବର୍ତ୍ତନ ହେବା ସହ ପ୍ରତିଦିନ ଏକା କାର୍ଯ୍ୟ କରିବାକୁ ନେଇ ବିରକ୍ତି ଭାବନା ମଧ୍ୟ ରହିବ ନାହିଁ।

**ଗେଟ୍ ଟୁଗେଦର:** ୱିକେଣ୍ଡରେ ସମୟ ବାହାର କରି ସାଙ୍ଗସାଥି କିମ୍ବା ବନ୍ଧୁବାନ୍ଧବଙ୍କ ସହ ଦେଖା କରନ୍ତୁ। ଏକାଠି ବୁଲିବା, ମଜାମସ୍ତି କରିବା, ଗପସପ କରି ଖୁସି ମନାଇବା ଓ ଭୋଜି କରି ଖାଇବା ଦ୍ୱାରା ମାନସିକ ଚାପ ଦୂର ହୋଇଥାଏ ଓ ମନ ଖୁସି ରହିଥାଏ।

**ବହି ପଢ଼ନ୍ତୁ କିମ୍ବା ମ୍ୟୁଜିକ୍ ଶୁଣନ୍ତୁ:** ଯେବେ ବିଭିନ୍ନ କାର୍ଯ୍ୟର ବୋଝରେ ମନ ଭାରାକ୍ରାନ୍ତ ହୋଇପଡ଼େ, ସେତେବେଳେ କିଛି ସମୟ ଏକାନ୍ତ ଖୋଜେ। ଆଉ ଏମିତିରେ ମନକୁ ଚିନ୍ତାମୁକ୍ତ ଓ ଖୁସି କରିବା ଲାଗି ଲାଇବ୍ରେରିକୁ ଯାଇ କୌଣସି ଭଲ ବହି ପଢ଼ିପାରିବେ। ଯଦି ଗୀତ ଶୁଣିବା କିମ୍ବା ଫିଲ୍ମ ଦେଖିବା ପସନ୍ଦ, ତେବେ ୱିକେଣ୍ଡରେ ମୁଭି ଦେଖିବାକୁ ଯିବା କିମ୍ବା କୌଣସି ମ୍ୟୁଜିକ୍ ପ୍ରୋଗ୍ରାମ ଯିବା ଆପଣଙ୍କ ପାଇଁ ସବୁଠୁ ଭଲ ଅପ୍ସନ।

**ଭ୍ଲଗ୍ କିମ୍ବା ରିଲ୍ସ:** ଆଜିକାଲି ସୋସିଆଲ୍ ମିଡିଆରେ ଅନେକେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଯଦି ଆପଣଙ୍କର ବି ଏଥିରେ ରୁଚି ରହିଛି, ତେବେ ଆପଣ ଚାହିଁଲେ ୱିକେଣ୍ଡରେ ସମୟ ବାହାର କରି ଭିଡିଓ କରି ଭ୍ଲଗ୍ କିମ୍ବା ଶର୍ଟ୍ସ ଓ ରିଲ୍ସ ପୋଷ୍ଟ କରିପାରିବେ।

**କୁକିଂ:** ଅଧିକାଂଶ ଯୁବତୀଯୁବକ ଟେଷ୍ଟି ଟେଷ୍ଟି ଖାଦ୍ୟ ଖାଇବା ସହ ନୂଆ ନୂଆ ଆଇଟମ୍ ରାନ୍ଧିବାରେ ରୁଚି ରଖନ୍ତି। ହେଲେ ପଢ଼ା ହେଉ ଅବା ଜବ୍‌ରେ ଅନେକେ ଏତେ ବ୍ୟସ୍ତ ରହିଯାଆନ୍ତି ଯେ, ନିଜ ରୁଚିକୁ ସମୟ ଦେଇପାରନ୍ତି ନାହିଁ। ହେଲେ ୱିକେଣ୍ଡରେ ଏଥିପାଇଁ କିଛି ସମୟ ବାହାର କରି ରୋଷେଇ କରି ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କୁ ଖୁଆନ୍ତୁ, ଦେଖିବେ ଆତ୍ମସନ୍ତୋଷ ମିଳିବ।

**ଗାର୍ଡେନିଂ:** ନିଜ ମନକୁ ରିଲାକ୍ସ କରିବା ଲାଗି ଏକ ସୁନ୍ଦର ସବୁଜ ପରିବେଶରେ କିଛି ସମୟ ବିତେଇବାଠୁ ଭଲ ଅପ୍ସନ କ'ଣ ବା ଥାଇପାରେ ! ତେଣୁ କିଛି ସମୟ ବାହାର କରି ପାର୍କରେ ବୁଲନ୍ତୁ। ନିଜ ଘରେ ସୁବିଧା ଥିଲେ ବିଭିନ୍ନ ଫୁଲ, ଫଳ ଆଦି ଲଗାଇ ଯତ୍ନ ନିଅନ୍ତୁ ; ଦେଖିବେ ଏହା ମାନସିକସ୍ତରରେ ସକାରାତ୍ମକ ପ୍ରଭାବ ପକାଇବ।

**ଡାନ୍ସିଂ ଓ ସିଙ୍ଗିଙ୍ଗ୍:** ଯଦି ନୃତ୍ୟ କରିବା କିମ୍ବା ଗୀତ ଗାଇବା ପସନ୍ଦ, ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ମିଳୁନାହିଁ ; ତେବେ ଏଥିପାଇଁ ୱିକେଣ୍ଡକୁ ବାଛନ୍ତୁ। ସୁଯୋଗ ମିଳିଲେ ଏଥିପାଇଁ କୋଚିଂ ନିଅନ୍ତୁ ଏବଂ ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଭାଗ ନିଅନ୍ତୁ। ଦେଖିବେ ଏହାଦ୍ୱାରା ନା କେବଳ ଆପଣଙ୍କ ପ୍ରତିଭାର ପରିପ୍ରକାଶ ହୋଇପାରିବ ବରଂ ଏହା ଆପଣଙ୍କୁ ଟେନ୍‌ଶନ୍ ଫ୍ରି ରଖିବାରେ ବେଶ୍ ସାହାଯ୍ୟ କରିବ।

**ଆର୍ଟ ଆଣ୍ଡ କ୍ରାଫ୍ଟ:** ଚିତ୍ର ଆଙ୍କିବା କିମ୍ବା ବିଭିନ୍ନ କଳାକୃତି ପ୍ରସ୍ତୁତ କରିବା ଦ୍ୱାରା ମଣିଷର ସୃଜନଶୀଳତାକୁ ବୃଦ୍ଧି କରେ। ଏହାଦ୍ୱାରା ଏକାଗ୍ରତା ଏବଂ କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ। ତେଣୁ ଯଦି ଆପଣଙ୍କୁ ଆର୍ଟ ଆଣ୍ଡ କ୍ରାଫ୍ଟ କରିବା ପସନ୍ଦ, ତେବେ ନିଜକୁ ରିଲାକ୍ସ ଓ ଖୁସିରେ ରଖିବା ଲାଗି ୱିକେଣ୍ଡରେ ଏସବୁ ପାଇଁ ନିଶ୍ଚୟ ସମୟ ବାହାର କରନ୍ତୁ।

– ପୌର୍ଣ୍ଣମାସୀ





## ବ୍ୟସ୍ତବହୁଳ ଜୀବନରେ ଖୁସି ଭରିଦେବାର ଲକ୍ଷ୍ୟ: ଗୋ ୱିକେଣ୍ଡ

**ବ୍ୟ**ସ୍ତବହୁଳ ଜୀବନରୁ ବାହାରି ୱିକେଣ୍ଡକୁ ମଜାଦାର କରିବା, ନୂଆ ନୂଆ ସ୍ଥାନ ବୁଲିଯିବା, ନୂଆ ଅନୁଭୂତି ସାଉଁଟିବା, ନୂଆ ଜିନିଷ ଶିଖିବା ସହ ଅଧିକରୁ ଅଧିକ ଲୋକଙ୍କ ସହ ବନ୍ଧୁତା ସ୍ଥାପନ କରିବା ପ୍ରତି ଆଗ୍ରହୀ ଯୁବପିଢ଼ିଙ୍କୁ ଖୋଜିବା, ଏକାଠି କରିବା, ଜୀବନର ସର୍ବୋତ୍ତମ ଆନନ୍ଦ ନେବାରେ ସାହାଯ୍ୟ କରିବା ଲକ୍ଷ୍ୟ ନେଇ ନୂଆପଡ଼ା ଜିଲା ଖରିଆର୍‌ରୋଡ୍‌ର ଦୁଇ ଯୁବକ ସହର୍ଷ ପଣ୍ଡା ଏବଂ ଦୁର୍ଗେଶ ସାହୁ ଆରମ୍ଭ କରିଛନ୍ତି 'ଗୋ ୱିକେଣ୍ଡ' ନାମକ ଏକ ନିଆରା ଷ୍ଟାର୍ଟଅପ୍ କମ୍ପାନୀ। ଯେଉଁଥିରେ ତାଙ୍କ ସହିତ ଯୋଡ଼ି ହୋଇଛନ୍ତି ସଂଗ୍ରାମ ମହାପାତ୍ର, ତନିଶା କର, ସୁନିତା ଜେନା ଏବଂ ଗାୟତ୍ରୀ ସାହୁ। ସେମାନେ ପ୍ରତି ସପ୍ତାହରେ ଉତ୍ସାହୀ ଲୋକଙ୍କୁ ନେଇ ଫନ୍ କାଫେ ନାଇଟ୍ସ, ପାର୍କ, କଳାଭୂମି ଆଦି ସ୍ଥାନରେ ଆର୍ଟ, ପୋଟେରି, ପେଣ୍ଟବଲ୍, କ୍ୟାଣ୍ଡେଲ୍ ମେକିଂ ଭଳି ଆର୍ଟ ଆଣ୍ଡ କ୍ରାଫ୍ଟ ୱାର୍କଶପ୍, ମଜାଦାର ସ୍ପୋର୍ଟ୍ସ ଆକ୍ଟିଭିଟି ଭଳି ୨୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। କେବଳ ଏତିକି ନୁହେଁ ବିଭିନ୍ନ ସ୍ଥାନ ବୁଲାଇ ନେବା ଏମିତିକି ଟ୍ରେକିଂ ଭଳି ସୁବିଧା ମଧ୍ୟ ଯୋଗାଇ ଦେଉଥିବାରୁ ଧୀରେ ଧୀରେ ଏଥିପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ସହର୍ଷ କୁହନ୍ତି, 'ଦୁର୍ଗେଶ ଏବଂ ମୁଁ ପିଲାବେଳୁ ଏକାଠି ପଢ଼ିଛୁ, ଖେଳିଛୁ ଆଉ କିଛି ନୂଆ କରିବାର ସ୍ୱପ୍ନ ଦେଖିଛୁ। ହେଲେ ପାଠପଢ଼ା ପରେ ଦୁହେଁ କର୍ପୋରେଟ ଚାକିରିରେ ପାଦ ରଖିଲୁ। ପ୍ରତିଦିନ ଅଧିକ କାମ, ଡେଡ୍‌ଲାଇନ୍ ଭିତରେ କାମ ସାରିବାର ଚାପ ଇତ୍ୟାଦି ଭିତରେ କେବଳ ଅପେକ୍ଷା ରହୁଥିଲା ୱିକେଣ୍ଡକୁ। ହେଲେ ଛୁଟିରେ କିଛି ଖାସ୍ ନ ଥିଲା, ବରଂ ମୋବାଇଲ୍ ସ୍କ୍ରୋଲ୍ କରିବାରେ ଏବଂ ସୋମବାର ପାଇଁ ପ୍ରସ୍ତୁତିରେ ସମୟ କଟିଯାଉଥିଲା। କେବଳ ଆମେ ନୁହେଁ ଆମ ଭଳି ଅନେକ ଯୁବତୀଯୁବକ ଏହି ସମାନ ପରିସ୍ଥିତି ଦେଇ ଗତି କରୁଥିବା ଅନୁଭବ କଲୁ। ତେଣୁ ଆମେ ଦୁହେଁ ଦିନେ ଏକାଠି ବସି ଏହି ବ୍ୟସ୍ତବହୁଳ ଲାଇଫ୍‌ଷ୍ଟାଇଲ୍‌ରୁ ବାହାରି ୱିକେଣ୍ଡକୁ ସ୍ପେଶାଲ୍ ଏବଂ ମଜାଦାର କରିବାକୁ ନିଷ୍ପତ୍ତି ନେଲୁ ଏବଂ ସେଇଠି ଜନ୍ମ ନେଇଥିଲା ଆମର 'ଗୋ ୱିକେଣ୍ଡ' ଷ୍ଟାର୍ଟଅପ୍ କରିବାର ସ୍ୱପ୍ନ। ଆମେ ଜବ୍ ଛାଡ଼ି ଏହି ଷ୍ଟାର୍ଟଅପ୍ ଆରମ୍ଭ କଲୁ। ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ ଏବଂ ୱେବ୍‌ସାଇଟ୍ ଦ୍ୱାରା ଲୋକଙ୍କ ପାଖରେ ଏହି ଆଇଡିଆ ପହଞ୍ଚାଇବା ଦ୍ୱାରା ଧୀରେ ଧୀରେ ଆଗ୍ରହୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ଏହି ଷ୍ଟାର୍ଟଅପ୍ ଆମ ପାଇଁ କେବଳ ଏକ ରୋଜଗାରର ମାଧ୍ୟମ ନୁହେଁ, ବରଂ ଏହାଦ୍ୱାରା ଲୋକଙ୍କୁ ଡିଜିଟାଲ୍ ଦୁନିଆରୁ ବାହାର କରି କିଛି ନୂଆ ଶିଖିବାର ସୁଯୋଗ ଦେବା, ବ୍ୟସ୍ତବହୁଳ ଜୀବନରେ ଖୁସି ଭରିଦେବା, ମାନସିକ ଶାନ୍ତି ଦେଇପାରୁଥିବାରୁ ବହୁତ ଖୁସି ଲାଗୁଛି। ଆମେ ପ୍ରଥମେ କେବଳ ଭୁବନେଶ୍ୱରରେ ଏସବୁ ଆରମ୍ଭ କରିଥିଲୁ। ବର୍ତ୍ତମାନ ଆମେ ଲୋକଲୋଚନ ଆଢ଼ୁଆଳରେ ରହିଯାଉଥିବା ଓଡ଼ିଶାର ଅନେକ ସୁନ୍ଦର ସ୍ଥାନକୁ ଏକ୍ସପ୍ଲୋର କରିବାର ସୁଯୋଗ ଦେଉଛୁ। ଆଗକୁ ବାହାର ରାଜ୍ୟରେ ମଧ୍ୟ ଏସବୁ କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା ରଖିଛୁ। ସାରା ଭାରତରେ ଆମ ଷ୍ଟାର୍ଟଅପ୍ କେବଳ ଯୁବପିଢ଼ି ନୁହନ୍ତି, ଅଧିକରୁ ଅଧିକ ଲୋକଙ୍କ ୱିକେଣ୍ଡକୁ ମଜାଦାର କରିବା ସହ ନୂଆ ଅନୁଭବ ପାଇଁ ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହୋଇପାରିବ ବୋଲି ଆଶା ରଖିଛୁ।



ଦୁର୍ଗେଶ ସାହୁ ଏବଂ ସହର୍ଷ ପଣ୍ଡା







## ଏ ସପ୍ତାହର ପ୍ରଶ୍ନ ?

୧– ଭେଲୋଡ୍ ବାର୍ଡ ସାଞ୍ଚୁଆରୀ ............ ରାଜ୍ୟରେ ଅବସ୍ଥିତ ?
୨– 'ଦି ୱାନ୍: କ୍ରିକେଟ୍, ମାଇଁ ଲାଇଫ୍ ଆଣ୍ଡ ମୋର୍' କ୍ରିକେଟ୍ ଖେଳାଳି ..........ଙ୍କ ଆତ୍ମଜୀବନୀ ?
୩– ନ୍ୟାଶନାଲ୍ ଫିଲ୍ମ ହେରିଟେଜ୍ ମିଶନ୍ ........... ମିନିଷ୍ଟ୍ରୀ ଦ୍ୱାରା ଆରମ୍ଭ କରାଯାଇଛି ?
୪– ......... ଶନିଗ୍ରହର ସବୁଠୁ ବଡ଼ ଉପଗ୍ରହ ?
୫– ମିନାମିଟୋରି ଆଇସ୍‌ଲାଣ୍ଡ .................. ମହାସାଗରରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ରିଆଙ୍ଗ
୩ ଆମେରିକା
୪ ନରେନ୍ଦ୍ର ମୋଦି
୫ ଅର୍ବିଟାଲ୍

## ଉତ୍ତରଦାତା


ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ମାନସ ପଟ୍ଟନାୟକ, ଭୁବନେଶ୍ୱର


ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

### ସବୁଠୁ ଧନୀ ମନ୍ଦିର



୧. ତିରୁମାଲା ତିରୁପତି ଭେଙ୍କଟେଶ୍ୱର ମନ୍ଦିର.................... ଆନ୍ଧ୍ରପ୍ରଦେଶ
୨. ପଦ୍ମନାଭସ୍ୱାମୀ ମନ୍ଦିର....... କେରଳ
୩. ଗୁରୁଭାୟୁର ଦେଭାସ୍ୱୋମ୍... କେରଳ
୪. ବୈଷ୍ଣୋଦେବୀ ମନ୍ଦିର....... ଜମ୍ମୁ
୫. ଶିରିଡ଼ି ସାଇବାବା ମନ୍ଦିର ... ମହାରାଷ୍ଟ୍ର
୬. ସ୍ୱର୍ଣ୍ଣ ମନ୍ଦିର ............................................. ଅମୃତସର
୭. ମୀନାକ୍ଷୀ ମନ୍ଦିର ........................................ ମଦୁରାଇ
୮. ସିଦ୍ଧିବିନାୟକ ମନ୍ଦିର .................................... ମୁମ୍ବାଇ
୯. ସୋମନାଥ ମନ୍ଦିର........................................ ଗୁଜରାଟ
୧୦. ଶ୍ରୀଜଗନ୍ନାଥ ମନ୍ଦିର ..................................... ଓଡ଼ିଶା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ୟୁଥ୍ ଆଲର୍ଟ

# ଛାଡ଼ନ୍ତୁ ନିଶା

**ବର୍ତ୍ତମାନ ନିଶା ସେବନ ଯୋଗୁ ଯୁବାବସ୍ଥାରେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସହ ଅକାଳରେ କେତେକ ଜୀବନ ଚାଲିଯାଉଥିବା ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ଏଭଳି ବଦଭ୍ୟାସ ଥିଲେ ନିଜ ଜୀବନକୁ ସୁରକ୍ଷିତ ରଖିବା ଲାଗି ନୂଆବର୍ଷରେ ଏହାକୁ ଛାଡ଼ିବା ଲାଗି ସଂକଳ୍ପ ନେବା ଦରକାର। ଏଥିପାଇଁ କେତୋଟି ଉପାୟ କାମରେ ଆସିପାରେ...**

– ସର୍ବପ୍ରଥମେ କେଉଁ କାରଣ ଯେପରି କାମର ଚାପ, ଖାଇବା ପରେ ଅବା କିଛି ନିର୍ଦ୍ଦିଷ୍ଟ ସାଙ୍ଗସାଥୀଙ୍କ ମେଳରେ ରହିବା ବେଳେ ଆପଣ ଧୂମପାନ କିମ୍ବା ଆଲ୍‌କହଲ୍ ପିଉଛନ୍ତି, ତାହାକୁ ପରିବର୍ତ୍ତନ କରନ୍ତୁ। ପ୍ରଥମେ ପ୍ରଥମେ ଅଭ୍ୟାସ ଛାଡ଼ିବା କଷ୍ଟ ହୋଇଥାଏ, ହେଲେ ଅତ୍ୟଧିକ ଇଚ୍ଛା ହେବା ସମୟରେ ଏକ ଗ୍ଲାସ୍ ପାଣି ପିଅନ୍ତୁ ଏବଂ ଦୀର୍ଘ ନିଃଶ୍ୱାସ ନିଅନ୍ତୁ।

– ନିଶା ଅଭ୍ୟାସ ଛାଡ଼ିବା ବେଳେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟ ଟକ୍ସିନ୍ ବାହାର କରିବା ନିହାତି ଜରୁରୀ। ଏଥିପାଇଁ ପ୍ରତିଦିନ ପ୍ରଚୁର ପରିମାଣରେ ପାଣି ପିଇବା ସହ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଯେପରିକି ଅଁଳା, କମଳା ଆଦି ଖାଇବା ଭଲ। ନିକୋଟିନ୍ କମିବା ଯୋଗୁ ହେଉଥିବା ବ୍ୟସ୍ତତା ଦୂର କରିବା ଲାଗି ପାନମଧୁରୀ ଏବଂ ଗୁଜୁରାତି ଚୋବାନ୍ତୁ। ସର୍ବୋପରି ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଏହି ନିଶା ସେବନର କ୍ରେଭିଂ କମିଯିବ।

– ପ୍ରାରମ୍ଭିକ ଦିନଗୁଡ଼ିକରେ ମସ୍ତିଷ୍କରେ ଡୋପାମାଇନ୍ ହର୍‌ମୋନ କମିଯାଏ। ଫଳରେ ଚିଡ଼ିଚିଡ଼ା ଲାଗିବା, ଅବସାଦ ଭଳି ଲକ୍ଷଣ ଦେଖାଯାଏ। ତେଣୁ ଏ ସମୟରେ ପ୍ରତିଦିନ ଯୋଗ, ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଏଣ୍ଡୋର୍ଫିନ୍ ନାମକ ହାପି ହର୍‌ମୋନ୍ କ୍ଷରଣ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଚିଡ଼ିଚିଡ଼ା ଲାଗିବା ଭଳି ଲକ୍ଷଣ ଦୂର କରିଥାଏ। ନିଶା ସେବନ ଯୋଗୁ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ଆଦି ଅଧିକ ପ୍ରଭାବିତ ହୋଇଥାଏ। ତେଣୁ ନିଶା ଛାଡ଼ିବା ପରେ ପ୍ରତିଦିନ ୩୦ ମିନିଟ୍ ଚାଲିବା ଅଭ୍ୟାସ କଲେ ଏସବୁ ମଜଭୁତ ହୋଇଥାଏ।

– ଏହିସବୁ ଉପାୟ ଆପଣାଇବା ପରେ ବି ଯଦି ଆଡିକ୍ସନ ଛାଡ଼ିବାରେ ଅସୁବିଧା ହେଉଛି, ତେବେ ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କୁ ନିଜ ନିଶା ଛାଡ଼ିବା ନିଷ୍ପତ୍ତି ବିଷୟରେ ଜଣାନ୍ତୁ, ସେମାନେ ଏଥିପାଇଁ ପ୍ରୋତ୍ସାହିତ କରିବେ। ଆବଶ୍ୟକ ସ୍ଥଳେ କାଉନ୍‌ସିଲରଙ୍କ ସହାୟତା ନିଅନ୍ତୁ କିମ୍ବା ଡାକ୍ତରଙ୍କ ପରାମର୍ଶକ୍ରମେ ନିକୋଟିନ୍ ରିପ୍ଲେସ୍‌ମେଣ୍ଟ ଥେରାପି ନିଅନ୍ତୁ।



## ଜାଣନ୍ତୁ ଦୁନିଆ


# ଟନେଲ୍ ଅଫ୍ ଲଭ୍

**ପୃଥିବୀରେ ଏମିତି ଅନେକ ସୁନ୍ଦର ସୁନ୍ଦର ସ୍ଥାନ ରହିଛି, ଯେଉଁଠାକୁ ବୁଲି ଯିବାକୁ ଅନେକଙ୍କର ଇଚ୍ଛା ଥାଏ। ସେହିଭଳି ଏକ ସୁନ୍ଦର ସ୍ଥାନ ହେଉଛି ଟନେଲ୍ ଅଫ୍ ଲଭ୍। ଗଛ ଦ୍ୱାରା ଆଚ୍ଛାଦିତ ଏହି ସୁନ୍ଦର ରେଲ୍‌ୱେ ଟ୍ରାକ୍ ଏତେ ସୁନ୍ଦର ଯେ, ଯାହାକୁ ଦେଖିବା ଲାଗି ପର୍ଯ୍ୟଟକ ବିଶେଷକରି ଲଭର୍ସ ଏବଂ କପଲ୍‌ମାନଙ୍କ ଭିଡ଼ ଲାଗିଥାଏ। ଜାଣନ୍ତୁ ଏହା ସମ୍ପର୍କରେ...**

– ୟୁକ୍ରେନ୍‌ର କ୍ଲେଭାନ୍ ସହରଠୁ ମାତ୍ର ୭କିମି. ଦୂରରେ ରହିଛି ୩ କିମି. ଲମ୍ବର ଏକ ପ୍ରାଇଭେଟ୍ ରେଲ୍‌ୱେ ଟ୍ରାକ୍। ଏହା ଗଛଗୁଡ଼ିକ ଦ୍ୱାରା ଏଭଳି ଆଚ୍ଛାଦିତ ହୋଇ ରହିଛି ଯେ, ଯାହାକୁ ଦେଖିଲେ ଏକ ଟନେଲ୍‌ର ଭ୍ରମ ସୃଷ୍ଟି ହୁଏ ; ଯେଉଁଥିପାଇଁ ଏହାର ଏପରି ନାମକରଣ କରାଯାଇଛି।

– ବାସ୍ତବରେ ଏହି ପ୍ରାଇଭେଟ୍ ରେଲ୍‌ୱେ ଟ୍ରାକ୍‌କୁ ଏକ ପ୍ଲାଏଉଡ୍ କମ୍ପାନୀକୁ କାଠ ପଠାଇବା ଲାଗି ବ୍ୟବହାର କରାଯାଏ। ଦିନରେ ତିନିଥର ଏଠାରେ ଟ୍ରେନ୍ ଯାତାୟାତ କରୁଥିବା ବେଳେ ଅନ୍ୟ ସମୟରେ ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିଥାଏ।

– ଏହି ଟନେଲ୍ ପ୍ରେମୀଯୁଗଳ, ନବବିବାହିତ ଯୋଡ଼ିଙ୍କ ବୁଲିବା ଏବଂ ଫଟୋଶୁଟ୍ କରିବା ଲାଗି ବେଶ୍ ଲୋକପ୍ରିୟ। କେବଳ ଏତିକି ନୁହେଁ, ଏହା ଭିତରେ ହାତ ଧରି ଚାଲିବା ବେଳେ କପଲ୍ ଯେଉଁ ୱିଶ୍ କରିଥାନ୍ତି, ତାହା ପୂର୍ଣ୍ଣ ହୋଇଥାଏ ଏବଂ ଉଭୟଙ୍କ ମଧ୍ୟରେ ଭଲପାଇବା ବଢ଼ିଥାଏ ଓ ସମ୍ପର୍କ ସୁଦୃଢ଼ ହୋଇଥାଏ ବୋଲି ବିଶ୍ୱାସ କରାଯାଉଥିବାରୁ ପ୍ରତିଦିନ ଏଠାକୁ ବହୁ ସଂଖ୍ୟାରେ କପଲ୍ ଆସିଥାନ୍ତି।



– ଏହି ଟନେଲ୍ ବର୍ଷରେ ତିନି ଥର ରଙ୍ଗ ବଦଳାଇଥାଏ। ଅର୍ଥାତ୍ ବସନ୍ତ ଋତୁରେ ଏଠାରେ ସବୁଗଛରେ ପତ୍ର କଅଁଳିଥିବାରୁ ଏହାର ରଙ୍ଗ ସମ୍ପୂର୍ଣ୍ଣ ଗ୍ରୀନ୍ ଦେଖାଯାଇଥାଏ। ଗରମ ଦିନ ଆସିଲେ ପତ୍ର ଶୁଖିବା ସହ ଟନେଲ୍‌ର ରଙ୍ଗ ହାଲୁକା ବ୍ରାଉନ୍ ଦେଖାଯାଉଥିବା ବେଳେ ଶୀତଋତୁରେ ବରଫ ଯୋଗୁ ଏହାର ରଙ୍ଗ ଧଳା ଦେଖାଯାଇଥାଏ। ତେଣୁ ବିଭିନ୍ନ ଋତୁରେ ଏଠାରେ ଅଲଗା ଅଲଗା ବ୍ୟାକ୍‌ଗ୍ରାଉଣ୍ଡରେ ଉଠାଯାଉଥିବା ଫଟୋଗ୍ରାଫ୍ ଦେଖିବାକୁ ବେଶ୍ ଆଟ୍ରାକ୍ଟିଭ୍।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜାନୁଆରୀ ୪/୨୦୨୬ Bhubaneswar, Sunday, January 4/ 2026




# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପରାସ୍ତ

**ଅଲୁର, ୩।୧**

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ସ୍ୱସ୍ତିକ ସାମଲଙ୍କ ଶତକ ସତ୍ତ୍ୱେ ଓଡ଼ିଶା ୪ ଉଇକେଟରେ ହରିୟାଣାଠାରୁ ପରାସ୍ତ ହୋଇଛି। ଚଳିତ ଟୁର୍ନାମେଣ୍ଟରେ ଏହା ଓଡ଼ିଶା ଦଳର ଦ୍ୱିତୀୟ ପରାଜୟ। ଦଳ ଏବେ ୫ ମ୍ୟାଚ୍‌ରୁ ୩ ବିଜୟ ଓ ୨ ପରାଜୟ ଏବଂ ୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଦଳକୁ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଗ୍ରୁପ୍‌ର ଟପ୍-୨ ମଧ୍ୟରେ ରହିବାକୁ ପଡ଼ିବ। ଓଡ଼ିଶା ୬ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବ। ମ୍ୟାଚ୍‌ରେ ୩ ଉଇକେଟ ନେବା ସହ ଅପରାଜିତ ୧୫୭ ରନର ପାଳି ଖେଳିଥିବା ପାର୍ଥ ଭାଟ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶାକୁ ସ୍ୱସ୍ତିକ ସାମଲ ଓ ଓମ୍ ଟି ମୁଣ୍ଡେ ୭୫ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଏହାପରେ ଦଳ କ୍ରମାଗତ ଓଭରରେ ଓମ୍ (୨୦) ଓ ଆଶୀର୍ବାଦ ସ୍ୱାଇଁ(୦)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ସ୍ୱସ୍ତିକଙ୍କ ସହ ଗୋବିନ୍ଦ ପୋଦ୍ଦାର ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ତୃତୀୟ ଉଇକେଟରେ ୧୦୬ ରନ


ସ୍ୱସ୍ତିକ ସାମଲ

ଯୋଡ଼ିଥିଲେ। ସ୍ୱସ୍ତିକ ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୦୨ ବଲରେ ୧୦ ଚୌକା ଓ ୩ ଛକା ସହିତ ୧୦୧ ରନ କରିଥିଲେ। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଲିଷ୍ଟ-ଏ' ଶତକ ଥିଲା। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୧୯ ରନରେ ପହଞ୍ଚାଇବା ପରେ ପୋଦ୍ଦାର ପାଭିଲିଅନ ଫେରିଥିଲେ। ସେ ୮୨ ବଲରେ ୮ ଚୌକା ଓ ୧ ଛକା ସହ ୭୭ ରନ କରିଥିଲେ। ପ୍ରୟାସ ସିଂ (୫) ଓ ସୌମ୍ୟ ରଞ୍ଜନ ଲେଙ୍କା (୦) କ୍ରମାଗତ ବଲରେ ଆଉଟ୍ ହୋଇଥିଲେ। ଏହାପରେ

**ବିଜୟ ହଜାରେ ଟ୍ରଫି**

ଅଧିନାୟକ ବିପ୍ଳବ ଏକାକୀ ଦଳୀୟ ସ୍କୋରକୁ ୨୮୦ ଅତିକ୍ରମ କରାଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ବିପ୍ଳବ ୩୯ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୪୭ ରନ କରି ୪୮ତମ ଓଭରରେ ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଦେବବ୍ରତ ପ୍ରଧାନ (୧୫), ସମ୍ବିତ ବରାଳ (୧୨) ଓ ରାଜେଶ ମହାନ୍ତି (୯) ଦଳୀୟ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ଫଳରେ ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୩୦୫ ରନ କରିଥିଲା। ହରିୟାଣା ପାଇଁ ଅନୁଜ ଠକରାଲ ଓ ପାର୍ଥ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ହରିୟାଣା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୦.୧ ଓଭରରେ ୧୩୩ ରନ ମଧ୍ୟରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ପାର୍ଥ ଓ ଅନୁଜ ଠକରାଲ ଆଟାକିଂ ବ୍ୟାଟିଂ କରି ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ। ଦୁହେଁ ଅବିଭାଜିତ ସପ୍ତମ ଉଇକେଟରେ ୧୧୧ ବଲରେ ୧୭୬ ରନ ଯୋଡ଼ି ଦଳକୁ ଜିତାଇଥିଲେ। ପାର୍ଥ ୧୩୬ ବଲରେ ୧୫୭ (୧୩ ଚୌକା ଓ ୫ ଛକା) ଓ ଅନୁଜ ୪୮ ବଲରେ ୫୯ (୩ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ହରିୟାଣା ୪୮.୪ ଓଭରରେ ୬ ଉଇକେଟ ହରାଇ ୩୦୯ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୫୦ ଓଭରରେ ୩୦୫/୯(ସ୍ୱସ୍ତିକ ସାମଲ-୧୦୧, ଗୋବିନ୍ଦ ପୋଦ୍ଦାର-୭୭, ବିପ୍ଳବ ସାମନ୍ତରାୟ-୪୭, ପାର୍ଥ ଭାଟ୍ସ-୩/୬୦, ଅନୁଜ ଠକରାଲ-୩/୬୮)। ହରିୟାଣା: ୪୮.୪ ଓଭରରେ ୩୦୯/୬ (ପାର୍ଥ ଭାଟ୍ସ-୧୫୭*, ଅନୁଜ ଠକରାଲ-୫୯*, ବିପ୍ଳବ ସାମନ୍ତରାୟ-୨/୪୮, ଦେବବ୍ରତ ପ୍ରଧାନ-୨/୫୬, ସୌମ୍ୟ ରଞ୍ଜନ ଲେଙ୍କା-୧/୨୩)।


**ଅଗରତାଲା:** ତ୍ରିପୁରାର ଅଗରତାଲାଠାରେ ଚାଲିଥିବା ୬୯ତମ ଜାତୀୟ ସ୍କୁଲ କ୍ରୀଡ଼ା (୧୭ ବର୍ଷରୁ କମ୍ ବାଳକ)ରେ ଉତ୍ତର ପ୍ରଦେଶର ଜଣେ ପ୍ରତିଯୋଗୀ ଯୋଗାସନ ପ୍ରଦର୍ଶନ କରୁଛନ୍ତି।

# ମୁହଁ ଖୋଲିଲା ବିସିସିଆଇ

**ନୂଆଦିଲ୍ଲୀ,୩।୧:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିଷ୍ପତ୍ତି କ୍ରମେ ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜର ରହମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନରୁ ରିଲିଜ୍ କରାଯାଇଛି। ତେବେ ଏହି ନିଷ୍ପତ୍ତି କେବଳ ଆଇପିଏଲ୍ ଉପରେ କାର୍ଯ୍ୟକାରୀ ହେବ। ଆସନ୍ତା ଫେବୃଆରୀରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ଦଳ ତା'ର ମ୍ୟାଚ୍ ଭାରତରେ ଖେଳିବ କି ନାହିଁ, ତାହା ଉପରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନ ଥିବା ବିସିସିଆଇ ମୁଖ୍ୟ ମିଥୁନ ମନହାସ କହିଛନ୍ତି।

ଏହି ନିଷ୍ପତ୍ତି ନିଆଯିବା ପୂର୍ବରୁ ଖୁବ ବିଚାର ବିମର୍ଶ କରାଯାଇଥିଲା। ଏ ସମ୍ପର୍କରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଗଣମାଧ୍ୟମକୁ ଜଣାଇଥିଲେ। ଏହି ନିଷ୍ପତ୍ତି କେବଳ ଆଇପିଏଲ ଲାଗି। ଆମେ ବିଶ୍ୱକପ୍ ସମ୍ପର୍କରେ ଏପର୍ଯ୍ୟନ୍ତ ଆଲୋଚନା କରି ନାହୁଁ। ଆଲୋଚନା ଶେଷ ହେବା ପରେ ଆମ ସବିଶେଷ ତଥ୍ୟ ପ୍ରଦାନ କରିବୁ ବୋଲି ମନହାସ କହିଛନ୍ତି। ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କୁ ଆକ୍ରମଣ କରାଯାଉଥିବାରୁ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳରେ ବାଂଲାଦେଶୀ ଖେଳାଳିଙ୍କ ଉପସ୍ଥିତିକୁ ନେଇ ଗତ କିଛି ଦିନ ହେଲା ବିବାଦ ମୁଣ୍ଡ ଟେକି ଥିଲା। ଏଥିଲାଗି ଅନେକ ରାଜନେତା ଓ ଆଧ୍ୟାତ୍ମିକ ଗୁରୁ କେକେଆର ଓ ଏହାର ମାଲିକ ଶାହରୁଖ ଖାନଙ୍କୁ ଦାୟୀ କରାଯାଇଥିଲା।

# ମୁସ୍ତାଫିଜୁରଙ୍କୁ ବିଦାକଲା କେକେଆର

**ଗୁଆହାଟୀ, ୩।୧ (ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ କ୍ରମେ ତିକ୍ତତା ବୃଦ୍ଧି ପାଉଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ ରାଇଡର୍ସ (କେକେଆର)ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୬ ସଂସ୍କରଣ ପୂର୍ବରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ରିଲିଜ କରିଛି।

କେକେଆର୍ ଏହି ୩୦ ବର୍ଷୀୟ ହାମହାତୀ ବୋଲରଙ୍କୁ ୯.୨୦କୋଟି ଟଙ୍କାରେ କ୍ରୟ କରିଛି, ଯାହାଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ଥିଲା। ଗତମାସରେ ଖେଳାଳି ନିଲାମି ବେଳେ ମୁସ୍ତାଫିଜୁରଙ୍କୁ ନେବା ଲାଗି ଚେନ୍ନାଇ ସୁପର କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଜୋରଦାର ପ୍ରତିଯୋଗିତା ହୋଇଥିଲା। ଆବଶ୍ୟକ ପଡ଼ିଲେ ଏହି ବାଂଲାଦେଶୀ

**ଭାରତ-ବାଂଲାଦେଶ ଉତ୍ତେଜନା**



ଖେଳାଳିଙ୍କ ବଦଳରେ ଅନ୍ୟ ଜଣେ ଖେଳାଳିଙ୍କୁ ନେବା ଲାଗି କେକେଆରକୁ ଅନୁମତି ମିଳିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ଚଳିତବର୍ଷର ଆଇପିଏଲ ମାର୍ଚ୍ଚ ୨୬ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ନିକଟରେ ବାଂଲାଦେଶରେ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯିବା ପରେ ସେ ଦେଶରେ ବାସ କରୁଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏହି ପ୍ରସଙ୍ଗରେ କେକେଆର ସହମାଲିକ ତଥା ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ସମାଲୋଚନା କରାଯାଇଛି। ବର୍ତ୍ତମାନର ପରିସ୍ଥିତିରେ ଭାଜପାର କେତେଜଣ ନେତା ଏହି ବୋଲରଙ୍କୁ ଦଳରେ ସାମିଲ କରାଯିବାକୁ ନେଇ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ରହମନ ୨୦୧୬ରୁ ଆଇପିଏଲର ୮ଟି ସଂସ୍କରଣରେ ଭାଗ ନେଇଛନ୍ତି। ସେ ମାତ୍ର ୨୦୧୯ ଓ ୨୦୨୦ ଟୁର୍ନାମେଣ୍ଟ ଖେଳିନାହାନ୍ତି। ମୁସ୍ତାଫିଜୁର ଆଇପିଏଲ୍‌ରେ ହାଇଦ୍ରାବାଦ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ଦଳ ତରଫରୁ ଖେଳି ସାରିଛନ୍ତି। ଆଗାମୀ ସଂସ୍କରଣରେ ସେ ୩ଥର ଆଇପିଏଲ ଚାମ୍ପିୟନ କେକେଆର୍ ତରଫରୁ ଖେଳିଥାନ୍ତେ। କେକେଆରର ଏହି ପଦକ୍ଷେପକୁ ନେଇ ମୁସ୍ତାଫିଜୁର କିମ୍ବା ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ତରଫରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ, ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତ ସମ୍ପର୍କକୁ ନେଇ ଗତବର୍ଷ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ହ୍ୱାଇଟ ବଲ୍ ସିରିଜକୁ ବାତିଲ କରାଯାଇଥିଲା। ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ଇସ୍ତାହାରରେ ଚଳିତବର୍ଷ ସେପ୍ଟେମ୍ବରରେ ଭାରତ ବିପକ୍ଷରେ ଏକ ଘରୋଇ ସିରିଜ ଖେଳାଯିବ ବୋଲି ଘୋଷଣା କରିଥିଲା। ମାତ୍ର ଏନେଇ ବିସିସିଆଇ ପକ୍ଷରୁ କୌଣସି ନିର୍ଭର ପ୍ରତିଶ୍ରୁତି ଦିଆଯାଇ ନ ଥିଲା।

## ହାର୍ଦ୍ଦିକଙ୍କ ବିସ୍ଫୋରକ ଶତକ

**ରାଜକୋଟ,୩।୧(ପି.ଟି.):** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶନିବାର ବିଦର୍ଭ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ବରୋଦା ପାଇଁ ୯୩ ବଲରେ ବିସ୍ଫୋରକ ୧୩୩ ରନର ଶତକୀୟ ପାଳି ଖେଳିଛନ୍ତି। ତାଙ୍କ ଇନିଂସରେ ୧୧ ଛକା ଓ ୮ ଚୌକା ସାମିଲ ଥିଲା। ବରୋଦା ୭୧ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ନଂ-୭ରେ ହାର୍ଦ୍ଦିକ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ। ଆରମ୍ଭରୁ ଧୈର୍ଯ୍ୟର ସହ ଖେଳିଥିବା ହାର୍ଦ୍ଦିକ ୩୯ତମ ଓଭରରେ ବିଦର୍ଭର ବାମହାତୀ ସ୍ପିନର ପାର୍ଥ ରେଖଡେଙ୍କୁ ଲଗାତର ୫ ଛକା ଓ ୧ ଚୌକା ମାରି ୬୮ ବଲରେ ଶତକ ପୂରଣ କରିଥିଲେ। ତାଙ୍କ ପାଳି ଯୋଗୁ ବରୋଦା ୫୦ ଓଭରରେ ୯ ଉଇକେଟ ହରାଇ ୨୯୩ ରନ କରିଥିଲା। ଜବାବରେ ଅମନ ମୋଖଡେଙ୍କ ଅପରାଜିତ ୧୫୦ ରନର ପାଳି ବଳରେ ବିଦର୍ଭ ୪୧.୧ ଓଭରରେ ୧ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା।

# ମହିଳା ହକି ଇଣ୍ଡିଆ ଲିଗ୍: ଏସ୍‌ଜି ପାଇପର୍ସ ବିଜୟୀ

**ରାଞ୍ଚି,୩।୧(ପି.ଟି.)**

ଚଳିତ ମହିଳା ହକି ଇଣ୍ଡିଆ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ଜବରଦସ୍ତ ପ୍ରଦର୍ଶନ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ୩-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ପାଇପର୍ସ ପୂର୍ବ ଭଳି ଟପ୍‌ରେ ରହିଛି। ବିଜୟୀ ଦଳ ପାଇଁ ଲୋଲା ରିଏରା (୧୩ତମ), ଜ୍ୟୋତି ସିଂ (୧୮ତମ) ଓ ସୁନେଲିତା ଟପ୍ପୋ (୫୮ତମ) ଗୋଲ କରିଥିବା ବେଳେ ସୁରାମ ଲାଗି ପେନି ସ୍କୁଇବ (୧୨ତମ) ଏକମାତ୍ର ଗୋଲ ଦେଇଥିଲେ।

ସୁରମା ଦଳକୁ ୧୨ତମ ମିନିଟ୍‌ରେ ପେନାଲ୍ଟି କର୍ନର (ପିସି)କୁ ପେନି ସ୍କୁଇବ ଗୋଲରେ କନଭର୍ଟ କରିଥିଲେ। ଜବାବରେ ଏସ୍‌ଜି ପାଇପର୍ସ ଦଳ ତୁରନ୍ତ କାଉଣ୍ଟର ଆଟାକ କରି ଲଗାତର ପିସି ଅର୍ଜନ କରିଥିଲା। ୧୩ତମ ମିନିଟ୍‌ରେ ମିଳିଥିବା ୫ମ ପିସିକୁ ଲୋଲା ରିଏରା ଗୋଲରେ କନଭର୍ଟ କରି ସ୍କୋର ଲାଇନକୁ ବରାବର କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟ୍‌ରେ ଜ୍ୟୋତି ସିଂ ଫିଲ୍ଡ ଗୋଲ ବଳରେ ପାଇପର୍ସ ଦଳକୁ ୨-୧ ଗୋଲରେ ଆଗୁଆ କରାଇଥିଲେ। ତୃତୀୟ କ୍ୱାର୍ଟରରେ ପାଇପର୍ସ ଦଳର ଖେଳାଳିମାନେ ସୁଯୋଗ ସୃଷ୍ଟି କରିଥିଲେ। ହେଲେ କେହି ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ମ୍ୟାଚ୍ ଶେଷ ହେବାକୁ ୧୦ ମିନିଟ୍ ଥିବା ବେଳେ ସୁରମା ଗୋଲ କିପରଙ୍କ ବଦଳରେ ଅତିରିକ୍ତ ଖେଳାଳିଙ୍କୁ ପଡ଼ିଆକୁ ଓହ୍ଲାଇଥିଲା। କିନ୍ତୁ ଏହି ନିଷ୍ପତ୍ତି ଦଳ ପାଇଁ ବୁମରାଙ୍ଗ ସାବ୍ୟସ୍ତ ହୋଇଥିଲା। ୫୮ତମ ମିନିଟ୍‌ରେ ଗୋଲ କିପର ନ ଥିବା ବେଳେ ସୁନେଲିତା ଟପ୍ପୋ ଗୋଲ ସ୍କୋର କରିଥିଲେ।


ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଜେଏସ୍‌ଡବ୍ଲ୍ୟୁ ସୁର୍ମା ହକି କ୍ଲବ (ଧଳା) ଓ ଏସ୍‌ଜି ପାଇପର୍ସ ମ୍ୟାଚରେ ବଲ୍ ପାଇଁ ସଂଘର୍ଷ କରୁଛନ୍ତି ଦୁଇ ଖେଳାଳି ।

# ଦଳକୁ ଫେରିଲେ ସିରାଜ, ଶ୍ରେୟସ

**ନୂଆଦିଲ୍ଲୀ,୩।୧(ପି.ଟି.)**

ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସିନିୟର ଫାଷ୍ଟ ବୋଲର ମହମ୍ମଦ ସିରାଜ ଓ ବ୍ୟାଟର ଶ୍ରେୟସ ଆୟାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ଶ୍ରେୟସ ଖେଳିବେ କି ନାହିଁ, ତାହା ଫିଟ୍‌ନେସ କ୍ଲିଅରାନ୍ସ ଉପରେ ନିର୍ଭର କରେ। ଗତ ବର୍ଷ ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ପଞ୍ଜାରେ ଆଘାତ ଲାଗିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଥିଯୋଗୁ ତାଙ୍କୁ ତାଙ୍କ ଫିଟନେସର ପ୍ରମାଣ ଦେବାକୁ ପଡ଼ିବ। ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ଠାରୁ ଫିଟନେସ କ୍ଲିଅରାନ୍ସ ପାଇବା ପାଇଁ ଆସନ୍ତା ୬ ତାରିଖରେ ବିଜୟ ହଜାରେ ଟ୍ରଫିର ଏକ ମ୍ୟାଚ୍ ଖେଳିବେ। ସେ ଉପ ଅଧିନାୟକ ଭାବେ ଦଳକୁ ଫେରିଛନ୍ତି।

ସିରାଜ ଦଳକୁ ଫେରିଥିବା ବେଳେ ତାଙ୍କ ନୂଆ ବଲ ପାର୍ଟନର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି। ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରିବା ପାଇଁ ସିଓଇଠାରୁ କ୍ଲିନରାନ୍ସ ମିଳିନାହିଁ। ଏଣୁ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସିରିଜ୍‌ର ପ୍ରଥମ ମ୍ୟାଚ୍ ୧୧ ତାରିଖରେ ବରୋଦାରେ ଖେଳାଯିବାକୁ ଥିବା ବେଳେ ପରବର୍ତ୍ତୀ ଦୁଇ ମ୍ୟାଚ୍ ରାଜକୋଟ ଓ ଇନ୍ଦୋରରେ ଯଥାକ୍ରମେ ୧୪ ଓ ୧୮ ତାରିଖରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଶତକ ହାସଲ କରିବା ସତ୍ତ୍ୱେ ଋତୁରାଜ ଗାଏକ୍ୱାଡଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଶୁବମନ ଗିଲ ଓ ଶ୍ରେୟସଙ୍କ ଅନୁପସ୍ଥିତି ଯୋଗୁ ତାଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା। ଋତୁରାଜ ରାଇପୁରଠାରେ ନଂ-୪ ପୋଜିଶନରେ ୮୩ ବଲରେ ୧୦୫ ରନର ଇନିଂସ ଖେଳିଥିଲେ। ଦଳରେ ଲୋକେଶ ରାହୁଲଙ୍କ ସହ ଦ୍ୱିତୀୟ ଉଇକେଟକିପର ବ୍ୟାଟର ଭାବେ ରିଷଭ ପନ୍ତଙ୍କୁ ରଖାଯାଇଛି। ସିନିୟର ଖେଳାଳି ଫିଟ୍ ହୋଇ ଦଳକୁ ଫେରିଥିବାରୁ ଗତ ସିରିଜ୍ ଖେଳିଥିବା ତିଲକ ବର୍ମା ଓ ଧ୍ରୁବ ଜୁରେଲଙ୍କୁ ବାଦ୍ ଦିଆଯାଇଛି। ସିରାଜଙ୍କ ସହିତ ହର୍ଷିତ ରାଣା, ଅର୍ଶଦୀପ ସିଂ ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ପେସ ବୋଲିଂ


୧୫ ଜଣିଆ ଦଳରେ ସ୍ଥାନ ପାଇଥିବା ଭାରତୀୟ ଖେଳାଳି।

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**

ବିଭାଗ ସମ୍ଭାଳିବେ। ଭାରତର ଦୁଇ ସୁପରଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି।

**ଭାରତୀୟ ଦଳ:** ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ, ରିଷଭ ପନ୍ତ (ଉଇକେଟକିପର), ଶ୍ରେୟସ ଆୟାର (ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂ, ଯଶସ୍ୱୀ ଜୟସ୍ୱାଲ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ